

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 MAY 2021
Vol.No. 32 ■ No. 126 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାୟଗଡା ଜିଲ୍ଲାର ଆଦିବାସୀ ବହୁଳ ଗାଁରେ ଘରେ ଘରେ ଜ୍ୱର-କାଶ : ବିନା ପରୀକ୍ଷାରେ କରୋନା ଔଷଧ ଦେଉଛି ସ୍ୱାସ୍ଥ୍ୟ ବିଭାଗ

ରାୟଗଡା,୧୭/୦୫(ନି.ପ୍ର): ଆଦିବାସୀ ଗାଁରେ ଘରେ ଘରେ ଜ୍ୱର, କାଶ ଓ ମୁଣ୍ଡବ୍ୟଥା । ଦୀର୍ଘ ୪ ରୁ ୫ ଦିନ ହେବ ପୀଡିତ ଥିଲେ ମଧ ରୋଗୀଙ୍କର କରୋନା ପରୀକ୍ଷା କରାଯାଉ ନାହିଁ । ରାୟଗଡା ଜିଲ୍ଲାର ଆଦିବାସୀ ଗାଁରେ ସଚେତନତା ଅଭାବ ଯୋଗୁଁ ମହାମାରୀକୁ ନେଇ ଆଶଙ୍କା ବଢୁଛି । ଘରେ ଘରେ ଜ୍ୱର-କାଶ । ଭୟଭିତ ଆଦିବାସୀ । ରାୟଗଡା ବ୍ଲକ ବଇରାଗି ହାଲୁଆ ପଚାଂୟତର ୧୧ ଖଣ୍ଡ ଗାଁରେ ଘରେ ଘରେ ଲୋକଙ୍କୁ ଜ୍ୱର, ଥଣ୍ଡା ଓ କାଶ । ଗୁରୁରାଜଗୁଡା, ଉଶୁରିକାପାଡୁ, ବେଣିଆଡାଙ୍ଗ, ଗୋସେଇ କଣଟୁଆ, ଉମରବାଲି, ସାନ ଲୁକୁଟି, ବଡଲୁକୁଟି, ବ୍ରାହ୍ମଣ ହାଲୁଆ ପରି ଗାଁରେ ଜ୍ୱରକୁ ଆତଙ୍କ ଖେଳି ଯାଇଛି । ଆଶାଦିଦି, ଅଙ୍ଗନବାଡି କର୍ମି ଓ ସ୍ୱାସ୍ଥ୍ୟ ବିଭାଗ ▶▶ପୃଷ୍ଠା ୭

# ମହାରାଷ୍ଟ୍ରରେ ତାଣ୍ଡବ ରଚିଲା ସାମୁଦ୍ରିକ ବାତ୍ୟା ତୌତେ : ୬ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର,୧୭/୦୫(ନି.ପ୍ର): ବାତ୍ୟା ତାଉ-ତେର ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ଆରମ୍ଭ ହେଲା । ଗୁଜୁରାଟର ସୌରଷ୍ଟ୍ର ନିକଟରେ ସ୍ଥଳ ଭାଗ ଛୁଇଁବ ବାତ୍ୟା । ସ୍ଥଳଭାଗ ଛୁଇଁବା ପ୍ରକ୍ରିୟା ପ୍ରାୟ ଚାରି ଘଣ୍ଟା ଲାଗିବ । ହେଲେ ଏହା ପୂର୍ବରୁ ଗୁଜୁରାଟରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ଭାରତ ପାଣିପାଗ ବିଭାଗ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତି ସମ୍ପର୍କରେ ଚେତାବନୀ ଦେବା ପରେ ଗୁଜୁରାଟ ସରକାର ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଏକ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ଏହା ସହ ଭାରତୀୟ ସେନା ୟୁନିଟ୍ ଏବଂ ଉଦ୍ଧାରକାରୀ ଦଳ ଯୋଗାଯୋଗର ଉପାଦାନ, ଇଞ୍ଜିନିୟର୍ ଟାସ୍କଫୋର୍ସ ସହିତ ରିଲିଫ୍ ଏବଂ ସମସ୍ତ ପ୍ରକାର ସହାୟତା ଯୋଗାଇବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି । ସାମୁଦ୍ରିକ ବାତ୍ୟା ତୌତେ ଏବେ ମୁମ୍ବାଇ ଅତିକ୍ରମ କରିସାରିଥିଲେ ମଧ ୬ଜଣଙ୍କ ଜୀବନ ନେଇଥିବା ଜଣାପଡିଛି । ଏହା ସହ ୯ଜଣ ଆହତ ହୋଇଛନ୍ତି । ମୁମ୍ବାଇ ବିମାନବନ୍ଦର ଆଜି ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିଥିବା ବେଳେ ଲ୍ୟାଣ୍ଡଫଲକୁ ନଜରରେ ରଖି ଆଜି ସନ୍ଧ୍ୟା ୮ଟାରୁ ଆସନ୍ତାକାଲି ସକାଳ ୫ଟା ପର୍ଯ୍ୟନ୍ତ ଅହମ୍ମଦାବାଦ ବିମାନ ବନ୍ଦର ବନ୍ଦ ରଖାଯାଇଛି ।

## ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ୨୪ରୁ ଘର ଘର ବୁଲି କରୋନା ଲକ୍ଷଣ ଓ ଜଟିଳ ରୋଗର ସର୍ଭେ କରିବେ ଆଶା କର୍ମୀ

**କୋଭିଡ ମୃତକଙ୍କ ବିଧବା ଓ ବାପା ମାଙ୍କୁ ହରାଇଥିବା ପିଲାଙ୍କୁ ମିଳିବ ପେନ୍ସନ୍, ପିଲାଙ୍କୁ ମାଗଣା ଶିକ୍ଷା, ଗାଁ ରେ ଲକ୍‌ଡାଉନ ଓ ଟିଏମସି ସଂପର୍କରେ ନିଷ୍ପତ୍ତି ନେଇପାରିବେ ସରପଂଚ, ଅକ୍ସିଜେନ ଯୋଗାଣର ସୁପରିଚାଳନା ପାଇଁ ଟାସ୍କଫୋର୍ସ, ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସ୍କ କିଣି ବାଂଟିବେ ।**



ଭୁବନେଶ୍ୱର,୧୭/୦୫ (ନି.ପ୍ର): ଆସନ୍ତା ମଇ ୨୪ ତାରିଖରୁ ୩ ମାସ ପାଇଁ ସାରା ରାଜ୍ୟରେ ଆଶା ଓ ଏଏନଏମ୍ ମାନେ ଘରକୁ ଘର ବୁଲି କୋଭିଡ ଲକ୍ଷଣ ଓ ଜଟିଳ ରୋଗ ସଂପର୍କରେ ସର୍ଭେ କରିବେ । ଏଥିପାଇଁ ସେମାନଙ୍କୁ ୩ ମାସ ପାଇଁ ମାସିକ ୧୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। କୋଭିଡ୍ ପରିଚାଳନା ନେଇ ସୋମବାର ଅପରାହ୍ନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏଥିସହ କୋଭିଡ ମୃତକଙ୍କ ପରିବାରର ବିଧବା ଓ ବାପା ମା ଙ୍କୁ ହରାଇ ଥିବା ପିଲା ମାନଙ୍କୁ ମଧୁବାବୁ ପେନ୍ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହିତ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେହିପରି ପ୍ରତି ଗାରେ ଥିବା ଗାଁ କଲ୍ୟାଣ ସମିତି ମାନଙ୍କୁ ମଧ କୋଭିଡ ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟ ନିମନ୍ତେ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଗୃହ ସଂଗରୋଧ ତଦାରଖ ଦାୟିତ୍ୱରେ ଥିବା ଆଶାକର୍ମୀ ମାନଙ୍କୁ ମଧ ବାଇସାଇକେଲ, ▶▶ପୃଷ୍ଠା ୭

# ଦେଶକୁ ମିଳିଲା ପାଣିରେ ମିଶାଇ ପିଆଯାଇ ପାରୁଥିବା ପ୍ରଥମ ଆଂଟି କୋଭିଡ଼ ଔଷଧ



ନୂଆଦିଲ୍ଲୀ,୧୭/୦୫ (ନି.ପ୍ର):- ଦେଶର ପ୍ରଥମ ଆଂଟି କୋଭିଡ଼ ଓରାଲ ଡ୍ରପ୍ ୨-ଡିଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ଦିନ ଡିଆରଡିଏ ଭବନରେ ଶୁଭାରମ୍ଭ କରିଛନ୍ତି । ୧୦ ହଜାର ଔଷଧ ଶ୍ରୀ ସିଂହ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ପ୍ରଦାନ କରିଛନ୍ତି । ରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆରଡ଼ିଓ) ର ଇନିଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ମେଡ଼ିସିନ୍ ଇନ୍ ଏଲାଏଡ଼୍ ସାଇନସେସ୍ ଡ.ରେଡ଼ି ଲାବୋରେଟୋରୀ ସହଯୋଗରେ ଏହି ଔଷଧ ବିକଶିତ କରାଯାଇଛି । ଏହି ଔଷଧ ସେବନ ଫଳରେ କରୋନା ରୋଗୀ ମାନଙ୍କୁ ଅକ୍ସିଜେନ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ ନାହିଁ । ସେମାନେ ଶୀଘ୍ର ସୁସ୍ଥ ହୋଇଯିବେ । ପାଣିରେ ମିଶାଇ ପିଇବାକୁ ଥିବା ଏହି ଔଷଧ ଦେଶକୁ କୋଭିଡ଼ ସଂକଟରୁ ବାହାର କରିବା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ବର୍ଷ କୋଭିଡ଼ର ▶▶ପୃଷ୍ଠା ୭

## ବିଶିଷ୍ଟ ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର,୧୭/୦୫ (ନି.ପ୍ର): ରାଜ୍ୟର ବିଶିଷ୍ଟ ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତିଙ୍କ ପରଲୋକ ହୋଇଛି। ସେ କୋଭିଡରେ ଆକ୍ରାନ୍ତ ହୋଇ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି ଝିଅ ଅନ୍ୱେଷା ମହାନ୍ତି। ସେ ଗତ ୩ ଦିନ ହେଲା ଭେଂଟିଲେଟରରେ ରହି ଚିକିତ୍ସିତ ହେଉଥିଲେ। ସେ ବହୁ ଲୋକପ୍ରିୟ ଓଡ଼ିଆ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ।

# ଦେଶରେ କମିଲା ଦୈନିକ ସଂକ୍ରମଣ ହେଲେ ମୃତ୍ୟୁ ସଂଖ୍ୟା ୪ ହଜାର ଉପରେ



ଭୁବନେଶ୍ୱର,୧୭/୦୫(ନି.ପ୍ର): ଦେଶରେ ଦୈନିକ ସଂକ୍ରମଣରେ ହ୍ରାସ ଦେଖିବାକୁ ମିଳିଛି । ଗତ ୨୪ ଘଂଟାରେ ଦେଶରେ ୨ ଲକ୍ଷ ୮୧ ହଜାର ୩୮୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ହେଲେ ମୃତ୍ୟୁ ହାର ୪ ହଜାର ଉପରେ ରହିଛି । ଗୋଟିଏ ଦିନରେ ଦେଶରେ ପୁଣି ୪ ହଜାର ୧୦୬ଜଣ କରୋନାରେ ଆଖି ବୁଜିଛନ୍ତି । ତେବେ ଗତ ୭ଦିନ ହେଲା ସଂକ୍ରମଣ କମୁଛି ଓ ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖା ଯାଉଛି । ଦେଶରେ ୭ ଦିନର ହାରାହାରି ଦୈନିକ ସଂକ୍ରମଣରେ ଲଗାତର ହ୍ରାସ ଦେଖାଯାଉଛି, ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁସାରେ ପଜିଟିଭ ହାର ୭ ଦିନରେ ୨୨.୪%ରୁ ୧୯.୫%କୁ କମିଛି, ସେହିପରି ସକ୍ରିୟ ମାମଲା ମଧ ଦେଢଲକ୍ଷରୁ ଅଧିକ କମିଛି, ମେ' ୮ରେ ସକ୍ରିୟ ମାମଲା ଥିଲା ୩୭.୮ ଲକ୍ଷ, କିନ୍ତୁ ଦୈନିକ ହାରାହାରି ମୃତ୍ୟୁ ହାର ଏବେ ବି ୪ ହଜାର ଉପରେ ରହୁଥିବା ଦେଖାଯାଉଛି, ଚଳିତ ମାସ ୧୫ ଦିନରେ ୫୮ ହଜାର ୫୪୦ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି, ଏପ୍ରିଲ ମାସରେ ଦେଶରେ କରୋନା ମୃତ୍ୟୁ ସଂଖ୍ୟା ଥିଲା ୪୮ ହଜାର ୭୬୮ ।

## ଗର୍ଭବତୀଙ୍କର କୋଭିଡ୍ ଟେଷ୍ଟ ଲାଗି ଘରକୁ ଯିବ ମେଡିକାଲ ଟିମ୍

ଭୁବନେଶ୍ୱର,୧୭/୦୫(ନି.ପ୍ର): ଏଣିକି ଭୁବନେଶ୍ୱରରେ ଥିବା ଗର୍ଭବତୀଙ୍କୁ କୋଭିଡ୍ ପରୀକ୍ଷା ପାଇଁ ଟେଷ୍ଟିଂ ସେଂଟର ଯିବାକୁ ପଡିବ ନାହିଁ। ବିଏମସିର ସ୍ୱତନ୍ତ୍ର ଟିମ୍ ଘରେ ପହଂଚି ସେମାନଙ୍କର ନମୂନା ସଂଗ୍ରହ କରିବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ଗର୍ଭବତୀଙ୍କର କୋଭିଡ୍ ଟେଷ୍ଟ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କୋଭିଡ୍ ଲାଗି ଗର୍ଭବତୀମାନେ ଟୋଲ୍ ଫ୍ରି ନମ୍ବର ୧୯୨୯ ରେ ଫୋନ୍ କରି ନିଜର ନାଁ, ଠିକଣା ଓ ଫୋନ୍ ନମ୍ବର ଦେବେ। ତା'ପର ଦିନ ବିଏମ୍‌ସିର ମେଡିକାଲ୍ ଟିମ୍ ସେମାନଙ୍କ ଘରକୁ ଯାଇ ନମୂନା ସଂଗ୍ରହ କରିବେ। ଉଲ୍ଲେଖ୍ୟଯୋଗ୍ୟ ଯେ ସୋମବାର ଠାରୁ ବିଏମସି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଟିକା ଦେବା ଲାଗି ନେବା ଆଣିବା କରିବା ଏବଂ ନମୂନା ସଂଗ୍ରହ ବ୍ୟବସ୍ଥା ଆରମ୍ଭ କରାଯାଇଛି।

# ଆମ୍ବୁଲାନ୍ସ ଦର ଧାର୍ଯ୍ୟ କଲେ ରାଜ୍ୟ ସରକାର



ଭୁବନେଶ୍ୱରଭୁବନେଶ୍ୱର,୧୭/୦୫(ନି.ପ୍ର): ଏଣିକି ଲୋକଙ୍କ ଠାରୁ ମନଇଚ୍ଛା ଭଡା ଆଦାୟ କରିପାରିବନି ଆମ୍ବୁଲାନ୍ସ। ଉଭୟ ଘରୋଇ ହସ୍ପିଟାଲ ଓ ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ପାଇଁ ଦର ନିର୍ଦ୍ଧାରଣ କରିଛନ୍ତି ରାଜ୍ୟ ସରକାର। ଏନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ୧୦ କିମି ପାଇଁ ସରକାର ଦର ନିର୍ଦ୍ଧାରଣ କରିଛନ୍ତି। ପରବର୍ତୀ କିମି ପାଇଁ ଅତିରିକ୍ତ ଦେୟ ଦେବାକୁ ପଡ଼ିବ। ସେହିପରି ସାଧାରଣ ଓ ଲାଇଫ୍ ସପୋର୍ଟ ଥିବା ଆମ୍ବୁଲାନ୍ସ ପାଇଁ ଭିନ୍ନଭିନ୍ନ ଦର ଧାର୍ଯ୍ୟ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ମାରୁତି ଓମନି , ଟାଟା ମ୍ୟାଜିକ୍ ଭଳି ଛୋଟ ଆମ୍ବୁଲାନ୍ସରେ ୧୦ କିମି ମଧରେ ଭଡ଼ା ବାବଦକୁ ୭୫୦ ଟଙ୍କା ଓ ସାଧାରଣ ଲାଇଫ୍ ସପୋର୍ଟ ସିଷ୍ଟମ ଥିବା ଛୋଟ ▶▶ପୃଷ୍ଠା ୭

## ଅକ୍ସିଜେନ କନସେନଟ୍ରେଂଟର କଳାବଜାରୀ ମାମଲାରେ ଅଭିଯୁକ୍ତ ନବୀନ କାଲରା ଗିରଫ

ନୂଆଦିଲ୍ଲୀ,୧୭/୦୫ (ନି.ପ୍ର): ଅକ୍ସିଜେନ କନସେନଟ୍ରେଂଟର କଳାବଜାରୀ ମାମଲାରେ ଅଭିଯୁକ୍ତ ଦିଲ୍ଲୀର ଖାନ୍ ଚାଚା ରେଷ୍ଟୁରାଂଟର ମାଲିକ ନବୀନ କାଲରାକୁ ପୋଲିସର କ୍ରାଇମବ୍ରାଂଚ ଗିରଫ କରିଛି । ତାକୁ ଗୁରୁଗ୍ରାମସ୍ଥିତ ଏକ ଫାର୍ମା ହାଉସରୁ ଗିରଫ କରାଯାଇଛି । କାଲରା ଗତ କିଛି ଦିନହେଲା ଫେରାର ଥିଲା ଓ ଦିଲ୍ଲୀ ପୋଲିସ ସହିତ ଲୁଚକାଳି ଖେଳୁଥିଲା । ସେ ଆଗୁଆ ଜାମିନ ପାଇଁ ଦିଲ୍ଲୀ ହାଇକୋର୍ଟକୁ ଯାଇଥିଲା ହେଲେ ତାକୁ ଜାମିନ ମିଳିନଥିଲା । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କାଲରାକୁ ଗୁରୁଗ୍ରାମସ୍ଥିତ ତାଙ୍କର ଏକ ନିଜ ଲୋକର ଫାର୍ମ ହାଉସରୁ ଗିରଫ କରାଯାଇଛି ।

## ନାରଦା ଲାଞ୍ଚ ମାମଲାରେ ୨ ମନ୍ତ୍ରୀଙ୍କୁ ଗିରଫ କଲା ସିବିଆଇ

**ମମତା କହିଲେ ମୋତେ ବି ଗିରଫ କର**

ପଶ୍ଚିମବଙ୍ଗ,୧୭/୦୫(ନି.ପ୍ର): ନାରଦା ଲାଞ୍ଚ ମାମଲା'ରେ ଦୁଇଜଣ ମନ୍ତ୍ରୀ- ଫିର୍‌ହାଦ୍ ହକିମ ଏବଂ ସୁବ୍ରତ ମୁଖାର୍ଜୀ ଗିରଫ ହେବା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ସିବିଆଇ' କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। 'ସିବିଆଇ' ଟିମ୍ ଆଜି ସକାଳେ ହଠାତ୍ ଏକସଙ୍ଗରେ ପଶ୍ଚିମବଙ୍ଗର ଦୁଇ ମନ୍ତ୍ରୀ ଓ ଅନ୍ୟ ଦୁଇଜଣ ନେତାଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଉଠାଇ ନେବା ପରେ ଗିରଫ କରିଛି। ଚଢ଼ାଉ ଓ ଗିରଫଦାରିକୁ ବିରୋଧ କରି ତୃଣମୂଳ କଂଗ୍ରେସ ସମର୍ଥକମାନେ 'ସିବିଆଇ' ଅଫିସ୍ ବାହାରେ ରୁଣ୍ଡ ହୋଇଥିବା ବେଳେ ନିଜେ ମୁଖ୍ୟମନ୍ତ୍ରୀ ଯାଇ ସେଠାରେ ପହଞ୍ଚିଛନ୍ତି । ପରେ ପରେ ତୃଣମୂଳ କଂଗ୍ରେସ ସାଂସଦ ତଥା ଆଡଭୋକେଟ୍ କଲ୍ୟାଣ ବାନାର୍ଜୀ ମଧ 'ସିବିଆଇ' ଅଫିସରେ ପହଞ୍ଚିଥିଲେ। କଲ୍ୟାଣଙ୍କ କହିବା ଅନୁସାରେ, ତାଙ୍କ ମନ୍ତ୍ରୀମାନଙ୍କୁ ଅଟକ ରଖିବା ବେଆଇନ୍ ବୋଲି କହିବା ସହ ତାଙ୍କୁ ଗିରଫ କରିବା ଲାଗି ମୁଖ୍ୟମନ୍ତ୍ରୀ 'ସିବିଆଇ'କୁ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କୁ ଗିରଫ କରା ନ ଗଲେ ସେ 'ସିବିଆଇ' ଅଫିସରୁ ଘୁଞ୍ଚିବେ ନାହିଁ ବୋଲି କହିଛନ୍ତି। ପଶ୍ଚିମବଙ୍ଗ ବିଧାନସଭାର ବାଚସ୍ପତି ବିମାନ ବାନାର୍ଜୀ ମଧ କହିଛନ୍ତି ଯେ, ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ, କୌଣସି ବିଧାୟକଙ୍କୁ ଗିରଫ କରାଯିବା ପୂର୍ବରୁ ବାଚସ୍ପତିଙ୍କୁ ଖବର ଦିଆଯିବା ସହ ତାଙ୍କ ଅନୁମତି ଲୋଡ଼ାଯିବା କଥା। ଏ କ୍ଷେତ୍ରରେ ତାହା କରାଯାଇ ନାହିଁ। ସୂଚନା ଅନୁସାରେ, 'ନାରଦା ମାମଲା'ରେ ଚାର୍ଜସିଟ୍ ଦାଖଲ କରିବା ଲାଗି 'ସିବିଆଇ' ଟିମ୍ ବଙ୍କଶାଳ ଅଦାଲତରେ ପହଞ୍ଚିଛି।

# ଗୋଟିଏ ଦିନରେ ୧୦୭୫୭ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୧୭/୦୫(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୭୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨୨୯୮୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୫୧୪୫୩୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୬୦୬୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୭୫୭ ଜଣଙ୍କ ମଧ୍ୟରୁ ୬୦୨୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ସବୁଠାରୁ ଅଧିକ ୯୭୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୬୦୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୫୪ଜଣ, ବରଗଡ଼ରୁ ୪୦୪ ଜଣ, ଭଦ୍ରକରୁ ୪୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୫୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩୩, କଟକରୁ ୯୭୩ ଜଣ, ଦେବଗଡ ଜିଲ୍ଲାରୁ ୧୦୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୮୯ ଜଣ, ଗଜପତି ଜିଲ୍ଲାରୁ ୧୪୧, ଗଞ୍ଜାମରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୧୯ ଜଣ, ଯାଜପୁରରୁ ୨୮୧ଜଣ, ଝାରସୁଗୁଡ଼ାରୁ ୩୮୮ ଜଣ, କଳାହାଣ୍ଡିରୁ ୧୨୫ ଜଣ, କନ୍ଧମାଳ ▶▶ପୃଷ୍ଠା ୭

## ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବିଦେଶୀ ପକ୍ଷୀ ଧାନ କିଆରି ଛାଡୁନାହାନ୍ତି

କଣାସ,୧୭/୫ (ନି.ପ୍ର): ଶୀତଋତୁ ଆରମ୍ଭ ହେଲେ ଏସିଆ ମହାଦେଶର ସର୍ବବୃହତମ ଲୁଣାହ୍ରଦ ଚିଲିକାକୁ ଲକ୍ଷ ଲକ୍ଷ ବିଦେଶୀପକ୍ଷୀ କେନ୍ଦ୍ରଏସିଆ, ଆଫଗାନିସ୍ତାନ, ସାଇବେରିଆ, ରୁଷିଆ, ଇରାନ, ଇରାକ, କାଜଗସ୍ତାନ ଦେଶରୁ ଆସି ଚିଲିକାରେ ପହଂଚିଥାନ୍ତି । ଶୀତଋତୁର ପ୍ରତ୍ୟାବର୍ତ୍ତନ ପରେ ଏହି ବିଦେଶୀ ପକ୍ଷୀମାନେ ପୁନଶ୍ଚ ନିଜ ନିଜ ଦେଶକୁ ଫେରିଯାଇଥାଆନ୍ତି । ପାଣିପାଗର ପରିବର୍ତ୍ତନ ଯୋଗୁଁ କିଛିବର୍ଷ ହେଲା ଦେଖିବାକୁ ମିଳୁଛି ଏହି ବିଦେଶୀ ପକ୍ଷୀମାନେ ନିଜ ନିଜ ଦେଶକୁ ନ ଫେରି ଚିଲିକା ଉପକୂଳ ଗ୍ରାମମାନଙ୍କରେ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ପାଚିଲା ଧାନ କିଆରିରେ ପୋକଜୋକ ପାଚିଲା ଧାନ ଖାଇବାକୁ ଘୁରି ବୁଲୁଛନ୍ତି । କଣାସ ବ୍ଲକର ତ୍ରିଲୋଚନପୁର ଗ୍ରାମପଚାଂୟତ ନୂଆପଡା ମୌଜାର ଧାନ କିଆରିମାନଙ୍କରେ ଶହ ଶହ ବିଦେଶୀ ପକ୍ଷୀ ଗୋଟିଏ କିଆରୀରୁ ଅନ୍ୟ କିଆରିକୁ ବିଚରଣ କରୁଥିବା ଦେଖିବାକୁ ମିଳିଛି ।

# କରୋନା ସଂକ୍ରମଣକୁ ରୋକିବା ପାଇଁ ଏକେଏସଏସ ଓ ରେଡିଓ ଅଭିନନ୍ଦର ଅଭିଯାନ

କଣାସ,୧୭/୫ (ନି.ପ୍ର): ବିଶ୍ୱ ମହାମାରୀ କରୋନାର ଦ୍ୱିତୀୟ ଲହରି ସଂକ୍ରମଣକୁ ରୋକିବା ପାଇଁ ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ.କେ.ଏସ୍.ଏସ୍ ଓ ରିଡିଓ ଅଭିନନ୍ଦ ତରଫରୁ ଅଭିଯାନ ଆରମ୍ଭ ହୋଇଛି । ଏହି ସଂସ୍ଥାର କର୍ମୀ ଓ କର୍ମକର୍ତା ମାନେ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରିବା ସହିତ ମାକ୍ସ ବଂଟନ କରୁଛନ୍ତି । ବିଶେଷ କରି ଗ୍ରାମ୍ୟ ସଂଶୋଧନ କାର୍ଯ୍ୟକ୍ରମ ବର୍ତମାନ ଚର୍ଚ୍ଚାର ବିଷୟ ହୋଇଛି । ଏହି ସଂସ୍ଥାର କର୍ମକର୍ତା ଓ ସେଚ୍ଛାସେବୀମାନେ ନିଜ ଜୀବନକୁ ବିପନ୍ନ କରି ସୋଡିୟମ୍ ହାଇକୋଫ୍ଲୋରାଇଟ୍ ଦ୍ୱାରା ଗ୍ରାମ୍ୟ ବିଶୋଧନ କାର୍ଯ୍ୟ ଚାଲୁ ରଖିଛନ୍ତି । ବର୍ତମାନ ସୁଧା ଦୋକନ୍ଦା, ତ୍ରିଲୋଚନପୁର, ପାଣ୍ଡିଆକେରା, ସାହୁପଡା, କଣାସ, ବଡାସ ପ୍ରଭୃତି ଗ୍ରାମପଚାଂୟତର ୨୭ ଖଣ୍ଡ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯାଇଛି । ବିଶେଷ କରି ଯେଉଁ ଗ୍ରାମରେ ସଂକ୍ରମଣ ଅଧିକ ରହିଛି ସେହି ଗ୍ରାମରେ ଅଗ୍ରାଧିକାର ଭିତିରେ ବିଶୋଧନ କାର୍ଯ୍ୟ କରାଯାଉଛି । କଣାସ ବ୍ଲକ ସମୁଦାୟ ୨୮ଟି ଗ୍ରାମପଚାଂୟତରେ ଏହି କାର୍ଯ୍ୟକ୍ରମ ଆବଶ୍ୟକ ଅନୁସାରେ କରାଯିବ ବୋଲି କର୍ମକର୍ତାମାନଙ୍କ ଠାରୁ ପ୍ରକାଶ । ଏହି କର୍ଯ୍ୟକ୍ରମ ଅନୁଷ୍ଠାନର ନିଜସ୍ୱ ସମ୍ବଳରେ କଣାସ ବ୍ଲକ ବିଡିଓ ଲୋଚନ ଦାସ ଓ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ପରାମର୍ଶ କ୍ରମେ କରାଯାଉଛି । କଣାସ ବ୍ଲକ ଅନ୍ତର୍ଗତ ଯେ କୌଣସି ଗ୍ରାମରେ ବିଶୋଧନ କରିବା ପାଇଁ ହେଲେ ରଜନୀକାନ୍ତ ପାଢୀ ମୋ. ନଂ- ୯୪୩୭୭୭୮୩୩୩ ଏବଂ ପ୍ରେମାନନ୍ଦ ଜାଲି ଫୋନ୍ ନଂ- ୬୩୭୦୮୯୬୬୬୨/ ୯୪୩୮୭୫୩୪୯୬ ସହ ଯୋଗାଯୋଗ କରିବା ପାଇଁ ଅନୁଷ୍ଠାନ ତରଫରୁ ନିବେଦନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପେନ୍ଦ୍ର କୁମାର ପରିଡା, ସାସ୍ୱତକେଶରୀ ବଳିଆରସିଂହ, ସଂଯୁକ୍ତା ପ୍ରଧାନ, ରଜନୀରାଣୀ ମାର୍ଥା, ସୌଭାଗିନୀ ଦେବୀ, ପ୍ରକାଶ ଶ୍ରୀଚନ୍ଦନ, ଶରତ ନାୟକଙ୍କ ସମେତ ୨୫ ଜଣ ସ୍ୱେଚ୍ଛାସେବୀ ସାମିଲ୍ ହୋଇଛନ୍ତି । ଏହି ଗ୍ରାମ୍ୟ ବିଶୋଧନ କାର୍ଯ୍ୟକ୍ରମକୁ ରଜନୀକାନ୍ତ ପାଢୀ ଓ ପ୍ରେମାନନ୍ଦ ଜାଲି ପରିଚାଳନା କରୁଛନ୍ତି ।

## ଗଞ୍ଜାମ ଜିଲ୍ଲାର ୧୩୩ ହାଇସ୍କୁଲ ହେବ ମଡ଼େଲ ସ୍କୁଲ

ଗଞ୍ଜାମ,୧୭/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ୧୩୩ ହାଇସ୍କୁଲର ଭିତିଭୂମି ସଜାଡ଼ିବାକୁ ଜିଲ୍ଲା ପ୍ରଶାସନ ଅଂଟା ଭିଡ଼ିଛି । ଗୁଣାତ୍ମକ ଶିକ୍ଷା ବାତାବରଣ ସୃଷ୍ଟି ପାଇଁ ପ୍ରତି ଅନୁଷ୍ଠାନକୁ ମଡ଼େଲ ହାଇସ୍କୁଲରେ ପରିବର୍ତନ କରାଯିବ । ଯେଉଁଠି ଇ-ପାଠାଗାର ସମେତ ସ୍ମାର୍ଟ କ୍ଲାସ୍ ରୁମ୍, କ୍ରୀଡ଼ା, କମ୍ପ୍ୟୁଟର ରୁମ୍, ଅତ୍ୟାଧୁନିକ ବିଜ୍ଞାନାଗାର, ରିଡିଂ ରୁମ୍, ପାନୀୟ ଜଳ, ସ୍ମାର୍ଟ, ଶୌଚାଳୟ ସମେତ ବିଭିନ୍ନ ଆଧୁନିକ ସୁବିଧା ଉପଲବ୍ଧ ହେବ । ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧିନରେ ବିଦ୍ୟାଳୟ ଗୁଡିକ ଆଧୁନିକକରଣ ହୋଇଛି । ଯାହାକି ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ କ୍ଷେତ୍ରରେ ସହାୟକ ହେବା ସହ ସେମାନେ ଗୁଣାତ୍ମକ ଶିକ୍ଷା ହାସଲ କରିପାରିବେ ବୋଲି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି ।

## ଅନାଥ ଆଶ୍ରମରୁ ୧୦ ପଜିଟିଭ ଚିହ୍ନଟ

ଝାରସୁଗୁଡ଼ା ,୧୭/୫ (ନି.ପ୍ର): ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ସଂକ୍ରମଣ ଜିଲାର ବିଭିନ୍ନ ଅନୁଷ୍ଠାନରେ ବ୍ୟାପିବାରେ ଲାଗିଛି । ଏଭଳି ଗୋଷ୍ଠୀ ସଂକ୍ରମଣକୁ ନେଇ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଛି । ଏଭଳି ସ୍ଥିତିରେ ଶନିବାର ଝାରସୁଗୁଡ଼ା ଉପକାରାଗାରରେ ୬୮ଜଣ ଅନ୍ତେବାସୀ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଏହାର ଗୋଟିଏ ଦିନ ପରେ ରବିବାର ବେଲପାହାଡ଼ ଗରାଖାଇସ୍ଥିତ ଠକ୍କର ବାବା ସେବା ସଦନ ଅନାଥ ଆଶ୍ରମରେ ୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି । ଏଥିମଧ୍ୟରୁ ୬ଜଣ ଅନ୍ତେବାସୀ ରହିଥିବା ବେଳେ ୪ ଜଣ କର୍ମଚାରୀ ରହିଛନ୍ତି । ଏନେଇ ଆଶ୍ରମ ସମ୍ପାଦକ ନିରାକାର କିଷାନ କହିଛନ୍ତି, ୨ ଦିନ ତଳେ କେତେକ ଅନ୍ତେବାସୀଙ୍କୁ ଜ୍ୱର ହୋଇଥିଲା । ଫଳରେ ଶନିବାର ୫୦ଜଣ ଅନ୍ତେବାସୀ ଓ କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା । ଏଥିମଧ୍ୟରୁ ୪୨ଜଣଙ୍କ ଆଣ୍ଟିଜେନ୍ ଓ ୮ ଜଣଙ୍କ ଆରଟିପିସିଆର ପରୀକ୍ଷା କରାଯାଇଥିଲା । ୪୨ ଜଣ ଆଣ୍ଟିଜେନ୍ ପରୀକ୍ଷା ମଧ୍ୟରୁ ୧୦ ଜଣଙ୍କ ପଜିଟିଭ୍ ରିପୋର୍ଟ ଆସିଛି । ୮ଜଣଙ୍କ ଆରଟିପିସିଆର ପରୀକ୍ଷା ରିପୋର୍ଟ ଆସିନାହିଁ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କହିଛନ୍ତି । ଏନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଂକ୍ରମିତ ଅନ୍ତେବାସୀ ଓ କର୍ମଚାରୀଙ୍କୁ ବେଲପାହାଡ଼ କୋଭିଡ୍ କେୟାର ସେଣ୍ଟର ଆଇସୋଲେଶନରେ ରଖାଯାଇ ସେଠାରେ ଚିକିତ୍ସା କରାଯିବ ବୋଲି ଅଧିକାରୀ ମହାରଣା କହିଛନ୍ତି ।

# ବାଲି ମାଫିଆଙ୍କ ଦ୍ୱାରା ରାତିରେ ବାହାର ଜିଲ୍ଲାକୁ ବାଲି ଚାଲାଣ ହେଉଥିବା ଧରିବାରୁ ଆକ୍ରୋଶର ଶିକାର ହେଲି : ଯୁବ ନେତା ଚିତ୍ତ ପଟ୍ଟନାୟକ

ମାଲକାନଗିରି,୧୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ବାଲି ମାଫିଆଙ୍କ ରାଜ ଚାଲିଛି !ପ୍ରତିଦିନ ଲକ୍ଷାଧିକ ଟଙ୍କାର ରାଜସ୍ୱ ଫାଙ୍କି ଜିଲ୍ଲା ବାହାରକୁ ବାଲି ଚୋରାଚାଲାଣ ହେଉଛି ! ମାଲକାନଗିରି ଜିଲ୍ଲା ବାସୀ କୋଣସି ନିର୍ମାଣ କାମ ପାଇଁ ବାଲି ନପାଇ ପୋଡ଼ଶି ଛତିଶଗଡ଼ ରାଜ୍ୟ ସୁକୁମା ଜିଲାରୁ ବାଲି ଆଣୁଛନ୍ତି !କିନ୍ତୁ ଜିଲ୍ଲାରେ ବାଲି ଖଣି ଥାଇ ଜିଲ୍ଲା ବାସୀବାଲି ପାଇବାରୁ ବଂଚିତ ହେଉଛନ୍ତି !ରାଜସ୍ୱ ବିଭାଗ ପକ୍ଷରୁ ସାମାନ୍ୟ ଟ୍ରାକ୍ଟରେ ବାଲି ଆଣିଲେ ତାକୁ ଧରି ମୋଟ ଅଙ୍କର ଫାଇନ ପକାଯାଉଛି ! ଅଥଚ ରାତିରେ ଲୋଡ଼ ଲୋଡ଼ ବାଲି ଟିପର ଗାଡି ଗୁଡିକରେ ଯାଉଛି ଅଥଚ ତାକୁ ଧରିବା ପରିବର୍ତେ ରାଜସ୍ୱ ବିଭାଗ କର୍ମଚାରୀ ମାନେ ନିରବ ଦ୍ରଷ୍ଟା ସାଜିବା ପଛର କାରଣ କଣ ବୋଲି ସାଧାରଣରେ ଅଭିଯୋଗ ହେଉଛି ! ଏହି ବାଲି ଚୋରାଚାଲାଣ ପଛରେ ଜିଲ୍ଲାର ଶାସକ ଦଳର କିଛି ମୁଷ୍ଟିମେୟ ବ୍ୟକ୍ତି ଓ କିଛି ପ୍ରତିଷ୍ଠିତ ଖବର କାଗଜ ର ସାମ୍ବାଦିକ ଙ୍କ ହାତ ରହିଛି !ଏହି ବାଲି ଚୋରାଚାଲାଣ କୁ ବିରୋଧ କରିବାରୁ ଆକ୍ରୋଶ ର ଶିକାର ହେବା ସହ ଗାଡି ଡ୍ରାଇଭର ମାନଙ୍କୁ ଭୟଭୀତ କରି ମୋ ନାମରେ ମିଥ୍ୟା କେସ କରାଯାଇଥିବା ନିଜ ପ୍ରତିକ୍ରିୟାରେ ଖଇରପୁଟ ବ୍ଲକର ଯୁବନେତା ତଥା ସମାଜସେବୀ ଚିତ ପଟ୍ଟନାୟକ ପ୍ରକାଶ କରିଛନ୍ତି ! ସୂଚନା ମୁତାବକ ଗତ ୧୦ ତାରିଖ ରେ ଟିପର ଯୋଗେ କୋରାପୁଟ ଜିଲ୍ଲା ଶିମିଳିଗୁଡା ଅଂଚଳକୁ ଚୋରାଚାଲାଣ ହେଉଥିବା ବାଲି ଗାଡିକୁ ଗୋବିନ୍ଦପାଲି ଠାରେ ଚିତଉ ଓ ତାଙ୍କର ସହଯୋଗୀ ମାନେ ଅଟକାଇଥିଲେ !ସମ୍ପୃକ୍ତ ଗାଡି ଡ୍ରାଇଭର ମାଥିଲି ନିକଟ ପାଙ୍ଗାମ ନଦୀ ଘାଟରୁ ବାଲି ଉଠାଇ ନେଉଥିବା ପ୍ରକାଶ କରିଥିଲେ ! ଅନ୍ୟ ପକ୍ଷରେ ବାଲି ଚାଲାଣ ର ସଠିକ କାଗଜପତ୍ର ଡ୍ରାଇଭର ଙ୍କ ପାଖରେ ନଥିଲା ! ପରେ ଚିତ ଏନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇଥିଲେ !ଏଥି ଯୋଗୁଁ ଡ୍ରାଇଭରମାନଙ୍କୁ ଅସ୍ତ୍ର କରି ମୋ ନାମରେ ମିଥ୍ୟା କେସ କରିଛନ୍ତି ବୋଲି ଅଭିଯୋଗ କରିବାସହ ନିଜକୁ ତହସିଲଦାର ବୋଲି ପରିଚୟ ଦେଇ ଗାଡି ଅଟକାଇ ଟଙ୍କା ଛଡାଇ ନେଇଥିବା କିଛି ଗଣମାଧମରେ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ଭିତିହୀନ, ଯାହାର ପ୍ରମାଣ ଡ୍ରାଇଭର ମାନଙ୍କ ସହ ମୋର କଥୋପକଥନ ର ଭିଡିଓ ମୁଁ ବିଭିନ୍ନ ସୋସିଆଲ ମିଡିଆରେ ଛାଡି ଥିବାର ପ୍ରତିକ୍ରିୟା ଦେଇଥିଲେ ! ଅନ୍ୟ ପକ୍ଷରେ ବାଲି ଚୋରାଚାଲାଣ ଘଟଣାର ପ୍ରକୃତ ତଦନ୍ତ କଲେ ସରକାର କେତେ ରାଜସ୍ୱ ପାଉଛନ୍ତି ତାହା ଜଣାପଡିବା ସହ ମାଫିଆଙ୍କ ମୁଖା ଖୋଲିଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି !ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ତାଙ୍କର ଭାବ ମୂର୍ତିଖି ର୍ଣ୍ଣ କରିବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି ! ଉଲ୍ଲେଖ ଥାଉକି ଗତ କିଛିଦିନ ତଳେ ଆଗଧାଡିର ଯୁବନେତା ତଥା ସମାଜସେବୀ ଚିତ ପଟ୍ଟନାୟକ ନିଜକୁ ତହସିଲଦାର ପରିଚୟ ଦେଇ ବାଲି ଗାଡି ଅଟକାଇ ଟଙ୍କା ଆଦାୟ କରିଥିବା ମିଥ୍ୟା ଖବର କିଛି ଗଣମାଧମ ରେ ପ୍ରକାଶ ପାଇଥିଲା !

## ନାବାଳିକା ବିବାହକୁ ରୋକିଲା ଚାଇଲ୍ଡ ଲାଇନ୍

ଗଞ୍ଜାମ,୧୭/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଧିନ ଏକ ଗ୍ରାମରେ ଜଣେ ୧୬ ବର୍ଷିୟା ନାବାଳିକାଙ୍କ ବିବାହ ପ୍ରସ୍ତୁତି ଚାଲିଥିଲା । ଏବଂ ୨୧ ତାରିଖରେ ବିବାହ କାର୍ଯ୍ୟକ୍ରମ ଥିଲା । ବ୍ରହ୍ମପୁର ସ୍ଥିତ ଚାଇଲ୍ଡ ଲାଇନ୍ ପଦସ୍ଥ ଅଧିକାରୀ ଓ ପ୍ରଶାସନ ସେହି ଗ୍ରାମକୁ ଯାଇ ନାବାଳିକାର ବିବାହ ସ୍ଥଗିତ କରିବା ପାଇଁ ପ୍ରବର୍ତାଇଥିଲେ । ଏଥିରେ ନାବାଳିକାଙ୍କ ପରିବାର ବର୍ଗ ସମ୍ମତି ପ୍ରଦାନ କରିଥିବା ଜଣାପଡିଛି ।

## ଅଗ୍ନିଶମ ବିଭାଗ ପକ୍ଷରୁ ସଂକ୍ରମିତଙ୍କ ଘର ସାନିଟାଇଜେସନ୍

କେନ୍ଦ୍ରାପଡ଼ା,୧୭/୫ (ନି.ପ୍ର): କେନ୍ଦ୍ରାପଡା ଅଗ୍ନିଶମ ବିଭାଗ ପକ୍ଷରୁ ସହରର ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ଛକ ଏବଂ ସଂକ୍ରମିତଙ୍କ ଘର ସାନିଟାଇଜେସନ୍ କରାଯାଇଥିବା ଜଣାପଡିଛି । ରବିବାର ଅପରାହ୍ନରେ ଅଗ୍ନିଶମ ବିଭାଗ ପକ୍ଷରୁ ପୌରାଂଚଳର ସାନ୍ତସାହି, ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ତିନିମୁହାଣୀ ସାନିଟାଇଜ ହୋଇଥିବା ବେଳେ ବଡହାଟର ଜଣେ ସଂକ୍ରମିତଙ୍କ ଘର ମଧ୍ୟ ସାନିଟାଇଜ ହୋଇଥିବାର ଜଣାପଡିଛି । ଏଥି ସହିତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତର ୪ଜଣଙ୍କ ସଂକ୍ରମିତଙ୍କ ଘର ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜେସନ୍ କରାଯାଇଛି ।

## ସନ୍ଦେହ ଜନକ ଅବସ୍ଥାରେ ରାତି ଅଧରେ ବୁଲୁଥିବା ଯୁବକ ଯୁବତୀ ଥାନାରେ ଅଟକ

କେନ୍ଦ୍ରାପଡ଼ା,୧୭/୫ (ନି.ପ୍ର): କେନ୍ଦ୍ରାପଡା ଟାଉନ ଥାନା ପକ୍ଷରୁ ଗତକାଲି ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକ ସହ ନାବାଳିକା କୁ ବୁଲୁଥିବାର ଦେକି ପୋଲିସ ଟାଉନ ଥାନାରେ ତାଙ୍କୁ ଅଟକ ରକି ପଚରାଉଚରା କରୁଥିବାର ଜଣାପଡିଛି । ଶନିବାର ବିଳମ୍ବିତ ରାତିରେ ତିନିମୁହାଣୀ ଅଂଚଳରେ କଟକ ଜୋବ୍ରା ଅଂଚଳର ଜଣେ ଯୁବକ ରାଜନଗର ଜଗନ୍ନାଥପୁର ମହୁଆ ଗ୍ରାମର ଜଣେ ନାବାଳିକା ସହିତ ବୁଲୁ ଥିବାର ଦେଖି ତାଙ୍କୁ ପଚରାଉଚରା କରିଥିଲେ । ପୋଲିସକୁ ଏ ବିଷୟରେ ସନ୍ଦେହ ହେବାରୁ ପୋଲିସ ଉଭୟଙ୍କୁ ଟାଉନ ଥାନାରେ ଅଟକ ରଖି ନାବାଳିକାର ଘରକୁ ଖବର ଦେଇଥିବା ଜଣାପଡିଛି ।

## ନିଜ ପତ୍ନୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କଲା ଗ୍ରାମରକ୍ଷୀ : ଥାନାରେ ଅଟକ, ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର,୧୭/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସତ୍ୟପାଳ ଗ୍ରାମରେ ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଖବର ଅନୁଯାୟୀ ଗତ ଶନିବାର ବିଳମ୍ବିତ ରାତିରେ ଗ୍ରାମରକ୍ଷୀ(ଚଉକିଆ) ବିଦ୍ୟାଧର ପାତ୍ର କୌଣସି କାରଣରୁ ନିଜ ପତ୍ନୀ ଦୁଃଖି ପାତ୍ରଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଛି । ସୂଚନା ମୁତାବକ ଉକ୍ତ ରାତିରେ ସ୍ୱାମୀ ସ୍ତ୍ରୀ ଖାଇସାରି ସୋଇବା ସମୟରେ ଉଭୟ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ସୃଷ୍ଟି ହୋଇଥିଲା । ଝଗଡ଼ାକୁ ନେଇ ବିଦ୍ୟାଧର ରାଗିଯାଇ ନୃଶଂସ ହୋଇ ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲା । ସକାଳ ସମୟରେ ପଡୋଶୀ ଲୋକେ ଘଟଣା ସମ୍ପର୍କରେ ଜାଣି ଦୁଃଖି ପାତ୍ରଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ।ସେଠାରେ ଚିକିତ୍ସା ଆରମ୍ଭ ପୂର୍ବରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ । ଘଟଣାର ଖବର ପାଇ ପୋଲିସ୍ ଅଭିଯୁକ୍ତ ବିଦ୍ୟାଧରକୁ ଅଟକ ରଖିଥିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏଥିସହ ସତ୍ୟାସତ୍ୟ ଜାଣିବା ପାଇଁ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ ଚଳାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ କରୋନା ସହାୟତା ନମ୍ବର ଘୋଷଣା

କେନ୍ଦ୍ରାପଡ଼ା,୧୭/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୯ଟି ବ୍ଲକରେ କରୋନା ସହାୟତା ପାଇଁ ସହାୟତା କେନ୍ଦ୍ର ଖୋଲାଯାଇ ସେଠାକାର ଜଣକୁ ସହାୟତା ପାଇଁ କଂଗ୍ରେସ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦ୍ରାପଡା ପୌରାଂଚଳ ପାଇଁ ପ୍ରଫୁଲ୍ଲ କୁମାର ଦାସ ଓ ସମ୍ବିତ୍ ଶ୍ରୀଚନ୍ଦନଙ୍କୁ ନିଯୁକ୍ତି ଦିଆ ଯାଇଛି । ସଂକ୍ରମିତ ବ୍ୟକ୍ତି ୯୪୩୮୬୮୨୪୯୮, ୯୭୭୬୬୭୩୧୫୨ ରେ ଯୋଗାଯୋଗ କଲେ ତାଙ୍କୁ ସହାୟତା ପ୍ରଦାନ କରାଯିବ । ଏହିପରି ରାଜନଗର ପାଇଁ ପ୍ରଦିପ ପ୍ରଧାନ ୯୮୬୧୩୬୭୦୦୭, କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ପାଇଁ ରାଜେଶ ମହାନ୍ତି- ୯୯୩୭୦୦୬୨୩୧, ଆଳି ପାଇଁ ରବି ବେହେରା-୯୧୭୮୧୭୬୫୮୦, ମହାକାଳପଡା ପାଇଁ ରାକେଶ ମହାନ୍ତି- ୭୦୦୮୯୫୮୯୭୩ ଏବଂ ପାଟକୁରା ପାଇଁ ଉମେଶ ଚନ୍ଦ୍ର ତ୍ରିପାଠୀ - ୯୮୫୩୯୩୯୨୩୨ ରେ ଯୋଗାଯୋଗ କଲେ କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ପୂର୍ବତନ ବିଧାୟକ ତଥା କଂଗ୍ରେସର ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି ସୂଚନା ଦେଇଛନ୍ତି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ କରୋନା ଲକଡାଉନରେ ଖାଦ୍ୟ ବଣ୍ଟନ

ପଟ୍ଟାମୁଣ୍ଡାଇ ,୧୭/୫ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ସାରା ରାଜ୍ୟରେ ୧୪ ଦିନିଆ ଲକଡାଉନ ଓ ସପ୍ତାହନ୍ତ ସଟଡାଉନ ଘୋଷଣା କରିଛନ୍ତି. ଏହି କ୍ରମରେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ସହରରେ ମଧ୍ୟ ସରକାରଙ୍କ ଏହି ନିଷ୍ପତିକୁ କଡାକଡି ଭାବେ ପାଳନ କରାଯାଉଛି । ଏହି ସମୟରେ ସମସ୍ତ ଦୋକାନ ବଜାର ବନ୍ଦ ଥିବାରୁ ଅସହାୟ ଅବସ୍ଥାରେ ବୁଲୁଥିବା ଭିକାରୀ, ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଓ ବୁଲା ଗାଈ ଗୋରୁ ଖାଦ୍ୟ ବିନା ଡହଳବିକଳ ହେଇ ଖାଦ୍ୟ ପାଇଁ ଏଣେତେଣେ ବୁଲୁଥିବା ଦେଖିବାକୁ ଏହାକୁ । ଏହାକୁ ଲକ୍ଷ୍ୟ ପଟ୍ଟାମୁଣ୍ଡାଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନଗର ଶାଖା ପକ୍ଷରୁ ପଟ୍ଟାମୁଣ୍ଡାଇ ସହରରେ ଖାଦ୍ୟ ପାଇଁ ଏଣେତେଣେ ବୁଲୁଥିବା ଅସହାୟ ବ୍ୟକ୍ତି, ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ରନ୍ଧାଖାଦ୍ୟ ବଟଂନ କରାଯାଇଛି । ପୋଖରୀଆପଡା ଓ ମୂଳବସନ୍ତ ସ୍କୁଲ ପଡିଆରେ ଅସ୍ଥାୟୀ ଭାବେ ରହିଥିବା ଯାଯାବର ପରିବାର ଗୁଡିକୁ ରନ୍ଧାଖାଦ୍ୟ ଓ ଫଳ ବଟଂନ କରାଯାଇଛି । ସେହିପରି ପଟ୍ଟାମୁଣ୍ଡାଇ ସହରରେ ବୁଲୁଥିବା ବୁଲାଇ ଗାଇଗୋରୁମାନଙ୍କୁ ନଡା, ଚୋକଡ, ଘାସ ଓ ପିଇବା ପାଣି ଯୋଗାଇ ଦିଆଯାଇଛି ।ସହରରେ ହୋଟେଲ ଗୁଡିକ ବନ୍ଦ ଥିବାରୁ ବୁଲା କୁକୁର ଗୁଡିକ ଖାଦ୍ୟ ନପାଇ ଡହଳବିକଳ ହେଉଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବୁଲା କୁକୁରମାନଙ୍କୁ ଖାଦ୍ୟ ବଟଂନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ସହକାର୍ଯ୍ୟବାହ ବିନୋଦ ବିହାରୀ ଦାସ, ଜିଲ୍ଲା ପ୍ରଚାର ପ୍ରମୁଖ ସୁଧାଂଶୁ ଭୂଷଣ ତ୍ରିପାଠୀ, ନଗର ଶାରୀରିକ ପ୍ରମୁଖ ଅଶ୍ରୁମୋଚନ ଶତପଥୀ, ସମାଜସେବୀ ସଞ୍ଜୟ କୁମାର ସାହୁ, ଭବାନୀ ଶଙ୍କର ପଣ୍ଡା, ରାଜେନ୍ଦ୍ର ଗିରି, ବଳରାମ ମଲିକ, ବିଶ୍ୱରଞ୍ଜନ ଶତପଥୀ , ପ୍ରକାଶ ମଲିକ, ସୁଦର୍ଶନ ମଲିକ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ବୁଲା ଗାଈ ଗୋରୁ, କୁକୁର ମାନଙ୍କ ଖାଦ୍ୟ ପାଇଁ ପ୍ରତ୍ୟକ ପୌରାଂଚଳକୁ ଦୈନିକ ୫ ହଜାର ଟଙ୍କା ବ୍ୟୟ କରାଯିବାର ବ୍ୟବସ୍ଥା ଥିଲା ବେଳେ ପଟ୍ଟାମୁଣ୍ଡାଇ ପୌରାଂଚଳରେ ଏହା ବାଦ ପଡିଛି ବୋଲି ସାଧାରଣରେ ଆଲୋଚନ ଜୋର ଧରିଛି ।

## ଗଞ୍ଜାମ ଜିଲ୍ଲାରେ ମଦ ହୋମ୍ ଡେଲିଭରି

ଗଞ୍ଜାମ,୧୭/୫ (ନି.ପ୍ର): ଲକ୍ ଡାଉନ୍ ଓ ସଟ୍ ଡାଉନ୍ ରେ ଅତ୍ୟାବଶ୍ୟକ ସେବା ଏବଂ ଖାଦ୍ୟ ହୋମ ଡେଲିଭରିକୁ ବାଦ୍ ଦେଇ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ବନ୍ଦ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ତେବେ ଲକ୍ ଡାଉନ୍ ସମୟରେ ମଦ ହୋମ୍ ଡେଲିଭରି ନିଷ୍ପତିକୁ ରାଜ୍ୟ ସରକାର ଜିଲ୍ଲାପାଳ ମାନଙ୍କ ଉପରେ ଛାଡି ଦେଇଛନ୍ତି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମଦ ହୋମ୍ ଡେଲିଭରି ପାଇଁ ଅନୁମତି ପ୍ରଦାନ କରିଛନ୍ତି । ୧୭ ତାରିଖ ଅର୍ଥାତ୍ ଆସନ୍ତା କାଲି ଠାରୁ ଏହା କାର୍ଯ୍ୟକାରୀ ହେବ । କିନ୍ତୁ, ନିର୍ଦ୍ଧାରିତ ସମୟ ମଧ୍ୟରେ ଦୋକାନୀ ମାନେ ହୋମ୍ ଡେଲିଭରି କରିପାରିବେ । ହୋମ୍ ଡେଲିଭରି ବାହାନରେ ଦିନ ତମାମ ମଦ ଦୋକାନ ଖୋଲି ରଖିଲେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ପୁରୀରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ପୁରୀ ,୧୭/୫ (ନି.ପ୍ର): ପୁରୀରେ ଜାତୀୟ ଡେଙ୍ଗୁ ଦିବସ ଆଜି ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଭର୍ଚ୍ୟୁଆଲ ମୋଡରେ ଚଳିତ ବର୍ଷର ଶୀର୍ଷକ 'ନିଜ ଘରୁ ଡେଙ୍ଗୁ ନିରାକରଣ ଅଭିଯାନ' ଉପରେ ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ସଚେତନତା ଓ ବିହିତ ପଦକ୍ଷେପ ଦ୍ୱାରା ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ଡଃ ମିଶ୍ର କହିଛନ୍ତି । ୨୦୧୮ ମସିହାରେ ଜିଲ୍ଲାରେ ୨୧୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୧୫୫ ଜଣ ଜିଲ୍ଲା ବାସିନ୍ଦା ଥିବାବେଳେ ୨୦୧୯ରେ ୧୪୪ ମଧ୍ୟରୁ ୬୯ ଜଣ ଜିଲ୍ଲାର, ୨୦୨୦ ମସିହାରେ ୩୧ ଜଣ ମଧ୍ୟରୁ ୭ ଜଣ ଜିଲ୍ଲା ବାସିନ୍ଦା ଏବଂ ଚଳିତ ବର୍ଷ ଏପ୍ରିଲ ମାସ ସୁଦ୍ଧା ଚିହ୍ନଟ ୨ ଜଣଙ୍କ ମଧ୍ୟରୁ ଜଣେ ଜିଲ୍ଲାର ଥିବାବେଳେ ଅନ୍ୟଜଣେ ଜିଲ୍ଲା ବାହାରର ବୋଲି ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ଡେଙ୍ଗୁର ସଂପୂର୍ଣ୍ଣ ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ଚଳିତବର୍ଷ ଡେଙ୍ଗୁ ନିରକରଣ ନିମନ୍ତେ ପ୍ରସ୍ତୁତ କ୍ରିୟାନୁଷ୍ଠାନ ଯୋଜନାକୁ ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡଃ ନିମାଇଁ ଚରଣ ଜେନା ଉପସ୍ଥାପନ କରିଥିଲେ । ଆଶାକର୍ମୀ ମାନେ ଘରକୁ ଘର ବୁଲି ଡେଙ୍ଗୁ ଉପରେ ସଚେତନତା ସୃଷ୍ଟି କରିବା ସହ ପ୍ରତି ସପ୍ତାହରେ ରିପୋର୍ଟ ପ୍ରଦାନ କରିବେ । ଏଡିସ ମଶା ବଂଶବିସ୍ତାରକୁ ପ୍ରତିରୋଧ କରିବା, ନିୟନ୍ତ୍ରଣ କକ୍ଷ ଖୋଲିବା, ଜିଲ୍ଲାରେ ଜ୍ୱର ବ୍ୟାପୁଥିବା ସ୍ଥାନରେ ଅଧିକ ରକ୍ତ ନମୁନା ସଂଗ୍ରହ, ବେସରକାରୀ ଚିକିତ୍ସାଳୟରୁ ସନ୍ଦିଗ୍ଧ ଡେଙ୍ଗୁ ରୋଗୀଙ୍କ ତଥ୍ୟ ସଂଗ୍ରହ, ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନରଞ୍ଜନ ସାହୁ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ଡେଙ୍ଗୁ ବିଭାଗର ଶ୍ରୀ ଶକ୍ତିପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ନେତାଜୀ କ୍ଲବ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ

କନ୍ଧମାଳ,୧୭/୫ (ନି.ପ୍ର): କୋଭିଡ କଟକଣା ଭିତରେ କଲଡାଉନ ସମୟରେ ଯେଉଁମାନେ ଲୋକଙ୍କ ସୁରକ୍ଷାପାଇଁ ଦିନରାତି ନିରନ୍ତର ଭାବରେ ସେମାନଙ୍କ ଡିଉଟିରେ ନିୟୋଜିତ ରହି କାର୍ଯ୍ୟ କରି ଆସୁଥିବା ପୋଲିସ ଏବଂ ହୋମାର୍ଗ ମାନଙ୍କ ସହିତ ଫୁଲବାଣୀ ସହରରେ ଅସହାୟ ଅବସ୍ଥାରେ ବୁଲୁଥିବା ଲୋକଙ୍କୁ ସୁଖିଲା କାଦ୍ୟ ବଣ୍ଟନ କରିଛି ଫୁଲବାଣୀ ମାଷ୍ଟ୍ରପଡା ରେ ଥିବା ନେତାଜୀ ସୁବାସ ବୋଷ କ୍ଲବ । ସକାଳୁ ପୋଲିସ ଏବଂ ହୋମଗାର୍ଡ ମାନେ ସକାଳୁ ନିଜନିଜ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ସେମାନଙ୍କୁ ଦୋକାନ ବଜାର ବନ୍ଦ ଥିବାରୁ କୌଣସି ଖାଇବା ଜିନିଷ ମିଳି ପାରୁନାହିଁ । ସେଥିପାଇଁ କ୍ଲବ ତରଫରୁ ଏହି ଆୟୋଜନ କରାଯାଇଥିବା ନେଇ କ୍ଲବର ସଭାପତି ଅଶୋକ କୁମାର ବହେରା କହିଛନ୍ତି । କରୋନାର ଦ୍ୱିତୀୟ ଲହରରେ ସମଗ୍ର କନ୍ଧମାଳ ଭୟରେ ରହିଥିବାଳେ ଲୋକଙ୍କ ସୁରକ୍ଷା ପାଇଁ କେତେ ଜଣ ନିଜ ଜୀବନକୁ ବାଜି ଲଗାଇ ରାସ୍ତା ଉପରକୁ ଓହ୍ଲାଇ ଆସୁଛନ୍ତି । ଆଜିର ଏହି କାର୍ଯ୍ୟକ୍ରମକ ନେତାଜୀ କ୍ଲବ ଫୁଲବାଣୀର ସଭାପତି ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ କ୍ଲବର ସମ୍ପାଦକ ପ୍ରେମଚାନ୍ଦ ତ୍ରିପାଠୀ,ଭୀକାରୀ ପାଣିଗ୍ରାହୀ,ହିମାଳୟ ତ୍ରିପାଠୀ,ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇ ଫୁଲବାଣୀର ପ୍ରତ୍ୟେକ ଛକରେ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ପୋଲିସ କର୍ମଚାରୀ ତଥା କରୋନା ଯୋଦ୍ଧା ମାନଙ୍କୁ କିଛି ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଯାଇଥିଲା ।

# କରୋନା କାଳରେ ମାନବିକତା ଦେଖେଇଲେ ଯୁବକ

## ରାସ୍ତା କଡରେ ଅସହାୟ ହୋଇ ପଡିଥିବା ଅଚିହ୍ନା ମହିଳାଙ୍କୁ ମେଡିକାଲରେ କଲେ ଭର୍ତ୍ତି

ଜୟପୁର ,୧୭/୫ (ନି.ପ୍ର): ଉପର ମୁହାଁ ହେଉଛି କରୋନାର ଦ୍ୱିତୀୟ ଲହର ।ଏହାର ସଂକ୍ରମଣ ର ଚେନ କୁ ଭାଙ୍ଗିବା ପାଇଁ ଲକ ଡାଉନ ,ନାଇଟ କର୍ଫ୍ୟୁ ସାଙ୍ଗକୁ ସାପ୍ତାହିକ ସଟ ଡାଉନ ବଳବତର ରହିଛି ଏସବୁ ସତ୍ତ୍ୱେ ମଧ୍ୟ କରନା ର ଗ୍ରାଫ ବୋରିଗୁମ୍ମା ରେ ଉପର ମୁହଁ ହେଉଛି । କରୋନା କାଳରେ ନିଜ ସମ୍ପର୍କିୟ ମାନେ ପର କରିଦେଉଛନ୍ତି ।ଏତିକି ବେଳେ ବୋରିଗୁମ୍ମା ନିକଟସ୍ତ ଚିତ୍ରା ଗ୍ରାମର କିଛି ଯୁବକ ମାନବିକତା ଦେଖାଇଛନ୍ତି ।ଗତ କାଲି ରାତି ଠାରୁ ଗ୍ରାମ ନିକଟସ୍ଥ ବ୍ରିଜ ନିକଟ ରେ ଅସହାୟ ହୋଇ ପଡିରହିଥିବା ଜଣେ ଅଚିହ୍ନା ମହିଳା ଙ୍କୁ ଉଦ୍ଧାର କରି ତାଙ୍କ ଭୋକିଲା ପେଟକୁ ପ୍ରଥମେ ଖାନା ଯୋଗାଇଛନ୍ତି ।ଦୀର୍ଘ ସମୟ ଧରି ତାଙ୍କର ପରିଚୟ ପଚରିବା କୁ ମଧ୍ୟ ଚେଷ୍ଟା କରିଥିଲେ ।ହେଲେ ସମ୍ପୃକ୍ତ ମହିଳା ଙ୍କ ପାଟିରୁ କୌଣସି କଥା ବାହାରିନଥିଲା ।କେବଳ ଇସାରା ରେ ସେ ନିଜ ଗୋଡ ରେ ଏବଂ ଛାତି ରେ ଯନ୍ତ୍ରଣା ହେଉଥିବା ଦେଖାଇଥିଲେ । ଫଳରେ ଯୁବକ ମାନେ ତୁରନ୍ତ ୧୦୮ କୁ ଫୋନ କରିଥିଲେ ଆଉ ଫୋନ ପାଇ ୧୦୮ ମଧ୍ୟ ଘଟଣା ସ୍ଥଳରେ ପହଂଚି ଥିଲା ଆଉ ମହିଳା ଟିକୁ ବୋରିଗୁମ୍ମା ମେଡିକାଲ ରେ ଭର୍ତି କରାଇଥିଲା । ମହିଳା ଙ୍କୁ ମେଡିକାଲ ରେ ଚିକତ୍ସା କରାଯାଉଥିବା ଜଣାପଡିଛି ।ତେବେ କରନା କାଳ ରେ ମହିଳା ଜଣଙ୍କୁ କିଏ ଏବଂ କେଉଁ ପରିସ୍ଥିତିରେ ସେଠାରେ ପହଂଚିଲେ ତାହା ଜଣା ପଡ଼ିନାହିଁ । ଯୁବକ ମାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ଫିଟ୍‌ନେସ୍ ପାଇଁ ହସ

**ସାଙ୍ଗସାଥୀମାନେ କିଛି ସମୟ ଏକାଠି ହେଲେ ଖୋଲିଯାଏ ଗପର ପେଡ଼ି ଆଉ ଖେଳିଯାଏ ହସର ଲହରି । ଏହି କିଛି ସମୟର ମନଖୋଲା ହସ ଅଜାଣତରେ ସେମାନଙ୍କ ପାଇଁ ପାଲଟେ ଫିଟ୍‌ନେସ୍‌ର ସିକ୍ରେଟ । କାରଣ ଦୁଃଖ, କ୍ରୋଧ ଆଦି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ । ଯାହାକୁ ଦୂର କରିବାରେ ମେଡିସିନ୍...**



ହସ ମଣିଷର ସକାରାତ୍ମକ ହୃତ୍‌ପିଣ୍ଡକୁ ମନୋଭାବର ଅଖଣ୍ଡ ପରିପ୍ରକାଶ । ଏହା ମଣିଷକୁ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆହଦି ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରେ ଏବଂ ମଣିଷକୁ ଫିଟ୍ ରଖିଥାଏ । ଯେଉଁମାନେ ହସଖୁସିରେ ରୁହନ୍ତି ତାହା ହୃତ୍‌ପିଣ୍ଡକୁ ମଧ ପ୍ରଫୁଲ୍ଲ ରଖେ । ହସିବା ଦ୍ୱାରା ହୃତ୍‌ପିଣ୍ଡକୁ ଉପଯୁକ୍ତ ପରିମାଣର ରକ୍ତ ସଂଚାଳନ ହୋଇଥାଏ । ଥରେ ହସିଲେ ହାରାହାରି ୩୫ ମିନିଟ୍ ଯାଏଁ ଦେହ ହାଲୁକା ହୋଇଯାଇଥାଏ । ଏହାଛଡ଼ା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ । ହସିଲେ 'ଏଣ୍ଡୋର୍‌ଫିନ୍' ନାମକ ହର୍‌ମୋନ୍ ଶରୀରରୁ ନିର୍ଗତ କରାଯାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ, ଦେହର ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ । ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ । ମାନସିକ ଚାପ ଏଣ୍ଡୋଥିଲିୟମ୍‌କୁ ନଷ୍ଟକରି ଦେଉଥିବାରୁ ହେଉଥିବା ସଂକ୍ରମଣଜନିତ ପ୍ରତିକ୍ରିୟା ରକ୍ତନଳୀ ଭିତରେ ଚର୍ବି ପରିମାଣ ଜମିଯିବାରେ ସାହାଯ୍ୟ କରିଥାଏ ଏବଂ ହୃତ୍‌ଘାତ ହୋଇଥାଏ । ହେଲେ ହସ, ମସ୍ତିଷ୍କରେ ତିଆରି ହେଉଥିବା ମାନସିକ ଚାପର ହର୍‌ମୋନ (ଷ୍ଟ୍ରେସ୍ ହର୍‌ମୋନ୍)କୁ କମାଏ, ରକ୍ତଚାପ ମଧ କମାଇଦିଏ । ଯେଉଁଥିପାଇଁ ବ୍ୟସ୍ତବହୁଳ ଜୀବନଶୈଳୀରେ ଛନ୍ଦି ହୋଇଯାଉଥିବା ଲୋକମାନେ କିଛି ସମୟ ହସିବା ଲାଗି ବିଭିନ୍ନ ସ୍ଥାନରେ ଲାଫିଙ୍ଗ୍ କ୍ଲବ୍‌ମାନ ବି ଗଠନ କରାଯାଇଛି । ପ୍ରତିଦିନ କିଛି ସମୟ ମନ ଖୋଲା ହସ କୌଣସି ବ୍ୟାୟାମଠାରୁ କମ୍ ନୁହେଁ । ତେଣୁ ଫିଟ୍‌ନେସ୍ ପାଇଁ ହସ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେବେ ଯୁବପିଢ଼ିଙ୍କ ଲାଗି ସାଙ୍ଗସାଥୀ ଏକାଠି ମଜାମସ୍ତି କରିବା ଦ୍ୱାରା ହସର ମାହୋଲ ସୃଷ୍ଟି ହୁଏ । ହେଲେ ବର୍ତ୍ତମାନ କରୋନା ଲାଗି ସ୍କୁଲ୍ କଲେଜ ଆଦି ବନ୍ଦ ଥିବାରୁ ଯୁବପିଢ଼ି ସାଙ୍ଗସାଥୀଙ୍କ ସହ ସମୟ କାଟିବା ବହୁମାତ୍ରାରେ କମିଯାଇଛି । ଫଳରେ ସେମାନେ ଘରେ ବୋର୍ ହେଉଛନ୍ତି । ଏମିତିରେ ସେମାନେ ହସିବା ଲାଗି ବିଭିନ୍ନ ଉପାୟ ଆପଣାଉ ଥିବା ଦେଖିବାକୁ ମିଳୁଛି...



**କମେଡି ଭିଡିଓ:**
ବିଭିନ୍ନ କମେଡ଼ି ଫିଲ୍ମ ହେଉ କିମ୍ବା ୟୁଟ୍ୟୁବ୍‌ରୁ ବିଭିନ୍ନ କମେଡ଼ି ଭିଡିଓ ଦେଖିବା ବର୍ତ୍ତମାନ ଅନେକଙ୍କୁ ଭରପୂର ହସର ଖୋରାକ ଯୋଗାଉଛି । କିଛି ସମୟ ଏଭଳି ଭିଡିଓ ଦେଖିବା ଦ୍ୱାରା ମାନସିକ ଚାପ ଦୂର ହେଉଥିବା ଅନେକ ଯୁବତୀଯୁବକ ମତ ଦେଉଛନ୍ତି ।

**ଗ୍ରୁପ୍ ଚାଟିଂ:**
ହ୍ୱାଟ୍ସ ଆପ୍ କିମ୍ବା ଅନ୍ୟାନ୍ୟ ସୋସିଆଲ୍ ସାଇଟ୍‌ରେ ବର୍ତ୍ତମାନ ଗ୍ରୁପ୍ ଚାଟିଂ ଦ୍ୱାରା ଅନେକ ସାଙ୍ଗସାଥୀ ଏକାଠି କଥା ହେବା ଦ୍ୱାରା ବି ଘରେ ରହି ବୋର୍ ହେବା ବା ଏକୁଟିଆ ପଣ ଦୂର ହେବା ସହ କିଛି ସମୟ ହସିବାର ସୁଯୋଗ ମିଳୁଛି । ବିଶେଷ କରି ଗ୍ରୁପ୍ ଭିଡିଓ କଲିଂରେ ହସର ମାହୋଲ ବେଶ୍ ଜମୁଥିବା ଦେଖିବାକୁ ମିଳୁଛି ।

**ପରିବାର ସହ କ୍ଲାସି ଟାଇମ୍:**
ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କୁ ଘରେ ରହି ପଢ଼ିବା କିମ୍ବା ଅଫିସ୍ ପାଇଁ ୱାର୍କ ଫ୍ରମ୍ ହୋମ ଆଦି କାମର ଚାପ ରହୁଥିଲେ ସୁଦ୍ଧା ପରିବାର ସହ କିଛି ସମୟ ହସ ଖୁସିରେ ବିତାଇବାକୁ ସମୟ ମିଳୁଛି, ଯାହା କି ସେମାନଙ୍କୁ ମାନସିକ ସ୍ତରରେ ଅଧିକ ଆକ୍ଟିଭ୍ ଏବଂ ଫ୍ରେସ୍ ରଖୁଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ଗ୍ରାମୀଣ ଅଧୀନରେ ସର୍ବାଧିକ ପରିମାଣର ଅର୍ଥ ବ୍ୟୟ କରାଯାଇଛି




ଭୁବନେଶ୍ୱର,୧୭/୫ (ନି.ପ୍ର): ଭାରତର ଗ୍ରାମାଞ୍ଚଳ ଏବେ କରୋନା ବୈଶ୍ୱିକ ମହାମାରୀର ଦ୍ୱିତୀୟ ଲହର ଦ୍ୱାରା ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଥିବା ସତ୍ତ୍ୱେ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦେଶର ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟକ୍ରମ ଯେଉଁଭଳି ବ୍ୟାହତ ନହୁଏ ତାହା ସୁନିଶ୍ଚିତ କରିପାରିଛି । ଏହି ଅବଧି ମଧରେ ଦେଶର ଗ୍ରାମାଞ୍ଚଳରେ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ପ୍ରଗତି ବେଶ୍ ଦ୍ରୁତ ବେଗରେ ସଂପାଦିତ ହୋଇଥିବା ପରିଲକ୍ଷିତ ହୋଇଛି । ବିକାଶ କାର୍ଯ୍ୟକ୍ରମ ବ୍ୟତୀତ, ମନ୍ତ୍ରଣାଳୟ ପକ୍ଷରୁ ନୋଡ଼ାଲ ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟେକ ରାଜ୍ୟ, ଜିଲ୍ଲା ଏବଂ ବ୍ଲକ୍ ? ସ୍ତରରେ ତାଲିମ ପ୍ରଦାନ କରାଯାଇଛି ଯଦ୍ୱାରା ସେମାନେ ଗ୍ରାମାଞ୍ଚଳରେ କୋଭିଡ଼ ମହାମାରୀକୁ ସଫଳତାର ସହିତ ମୁକାବିଲା କରିପାରିବେ । କରୋନା ମହାମାରୀ ସତ୍ତ୍ୱେ, ୨୦୨୧ ମସିହା ମେ ମାସ ସୁଦ୍ଧା ଦେଶର ଗ୍ରାମାଞ୍ଚଳରେ ୧.୮୫ କୋଟି ଲୋକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ (ମନରେଗା) ଅଧୀନରେ କାମ ଯୋଗାଇ ଦିଆଯାଇଛି । ଏହି କାର୍ଯ୍ୟର ମାତ୍ରା ୨୦୧୯ ମସିହା ମେ ମାସ ସୁଦ୍ଧା ଯୋଗାଇ ଦିଆଯାଇଥିବା କାର୍ଯ୍ୟ ତୁଳନାରେ ୫୨% ଅଧିକ । ୨୦୧୯ ମସିହାରେ ଏହି ଅବଧିରେ ୧.୨୨ କୋଟି ଲୋକଙ୍କୁ ଦୈନିକ କର୍ମସଂସ୍ଥାନ ଯୋଗାଯାଇଥିଲା । ୨୦୨୧-୨୨ ଆର୍ଥିକ ବର୍ଷରେ ୨୦୨୧ ମସିହା ମେ ୧୩ ତାରିଖ ସୁଦ୍ଧା ୨.୯୫ କୋଟି ଲୋକଙ୍କୁ କର୍ମସଂସ୍ଥାନ ଯୋଗାଯାଇଛି ଯାହାକି ୫.୯୮ ଲକ୍ଷ ସମ୍ପଦ ସୃଷ୍ଟି କରିଛି ଏବଂ ୩୪.୫୬ ମାନବ ଦିବସ ସୃଷ୍ଟି କରିଛି । ଏହି ସଫଳତା ଛାମୁଆ ସ୍ତର ସହିତ ସକଳ ସ୍ତରରେ କାର୍ଯ୍ୟରତ କର୍ମଚାରୀ କରୋନା ମହାମାରୀରେ ଆକ୍ରାନ୍ତ ହେବା କିମ୍ବା ସେଥିରେ ସେମାନଙ୍କର ମୃତ୍ୟୁ ଘଟିବା ସତ୍ତ୍ୱେ ହାସଲ କରାଯାଇପାରିଛି । କୋଭିଡ଼ ୧୯ ବିରୋଧରେ ଗ୍ରାମାଞ୍ଚଳରେ ସଂଗ୍ରାମ ନିମନ୍ତେ, ତାଲିମଦାତାମାନଙ୍କୁ କୋଭିଡ଼ ସଂକ୍ରମଣ ଓ ଲକ୍ଷଣ ମୁକାବିଲା, ଟିକାକରଣ ଏବଂ ଟିକା ନେବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇବା ଓ ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଆଚରଣ ଅବଲମ୍ବନ ଓ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ଭଳି ଆଚରଣ ଆପଣାଇବାକୁ ପ୍ରୋତ୍ସାହିତ କରିବା ନିମନ୍ତେ ତାଲିମ ପ୍ରଦାନ କରାଯାଇଛି । ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବନଜୀବିକା ମିଳନ (ଡେ- ଏନଆରଏଲଏମ) ଅଧୀନରେ ୨୦୨୧ ମସିହା ଏପ୍ରିଲ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ପ୍ରଦାନ କରାଯାଇଛି । ଏହି ପ୍ରୟାସ ଅଧୀନରେ, ୧୩,୯୫୮ଟି ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରୀୟ ନୋଡାଲ ବ୍ୟକ୍ତିଙ୍କୁ ମାଷ୍ଟର ଟ୍ରେନର ଭାବେ ୩୪ଟି ଏସଆରଏଲଏମଙ୍କୁ ତାଲିମ ଦିଆଯାଇଥିବାବେଳେ ୧,୧୪,୫୦୦ ଗୋଷ୍ଠୀ ସମ୍ପଦ ବ୍ୟକ୍ତି (ସିଆରପି) ଭାବେ ମାଷ୍ଟର ଟ୍ରେନରମାନଙ୍କ ଠାରୁ ତାଲିମ ପ୍ରଦାନ କରିଛନ୍ତି । ସେହିଭଳି ସିଆରପିମାନଙ୍କ ଦ୍ୱାରା ଦେଶର ଗ୍ରାମାଞ୍ଚଳର ୨.୫ କୋଟି ମହିଳା ଏସଏଚଜି ସଦସ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଛି । ରାଜ୍ୟ ଓ ଜିଲ୍ଲା ସ୍ତରୀୟ ନୋଡ଼ାଲ ବ୍ୟକ୍ତିମାନଙ୍କୁ ତାଲିମ ଦିଆଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଇଛି ଏବଂ 'ଡେ- ଏନଆରଏଲଏମ' ଅଧୀନରେ କୋଭିଡ଼ ପରିଚାଳନା ନିମନ୍ତେ ସାମାଜିକ ବିକାଶ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଲୋକମାନଙ୍କ ଦୁଃଖଦୁର୍ଦ୍ଦଶାର ବିମୋଚନ କରିବା ଏବଂ ସେମାନଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ନିମନ୍ତେ ପ୍ରାୟ ୫୬ କୋଟି ଟଙ୍କାର 'ରିଲିଫ ପାଣ୍ଠି ଏବଂ ଗୋଷ୍ଠୀ ନିବେଶ ପାଣ୍ଠି' ୨୦୨୧ ଆର୍ଥିକ ବର୍ଷରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ମଞ୍ଜୁର କରାଯାଇଛି । ୨୦୨୦ ଆର୍ଥିକ ବର୍ଷର ଏହି ଅବଧିରେ ଏହାର ଆନୁମାନିକ ପରିମାଣ ୩୨ କୋଟି ଟଙ୍କା ଥିଲା । କୃଷି ଏବଂ ଅଣ କୃଷି ଭିତ୍ତିକ ଜୀବନ ଜୀବିକା ସହିତ ସଂପୃକ୍ତ କର୍ମଚାରୀ ଏବଂ ଗୋଷ୍ଠୀ କ୍ୟାଡରମାନଙ୍କୁ ଅନଲାଇନ ତାଲିମ ପ୍ରଦାନ ଜାରି ରହିଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କ ଘରବାରିରେ କୃଷି-ପୁଷ୍ଟି ଉଦ୍ୟାନ ନିମନ୍ତେ ମଧ ସକଳ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଦେଶର ପ୍ରାୟ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରରେ ଲକ୍ ଡାଉନ୍ ଏବଂ ତଦ୍‌ଜନିତ ଅସୁବିଧା ସତ୍ତ୍ୱେ ମାନବ, ଯନ୍ତ୍ରପାତି ଏବଂ ଉପକରଣ ଯୋଗାଣ ଓ ଉପଲବ୍ଧତା ଅବ୍ୟାହତ ରହିଛି । ଚଳିତ ବର୍ଷ ସର୍ବାଧିକ ଦୈର୍ଘ୍ୟର ସଡ଼କ ନିର୍ମାଣ କରାଯାଇଛି ଯାହାକି ଗତ ତିନିବର୍ଷ ସହିତ ତୁଳନା କଲେ ସର୍ବାଧିକ ବୋଲି ଜଣାପଡ଼ିଛି । ପୁନଃପୌନିକ ବାସ୍ତବ ପ୍ରଗତି ଏବଂ ପୁନଃପୌନିକ ବ୍ୟୟ ଯାହାକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ କାର୍ଯ୍ୟକାରୀ କରାଯାଉଛି ତାହା ୨୦୨୧ ମସିହା ଏପ୍ରିଲ ୧ ଠାରୁ ମେ ୧୨ ତାରିଖ ପର୍ଯ୍ୟନ୍ତ ଯଥାକ୍ରମେ ୧୭୯୫ କିଲୋମିଟର ଏବଂ ୧୬୯୩.୮ କିଲୋମିଟର ଥିଲା ଏବଂ ଗତବର୍ଷର ଏହି ଅବଧି ତୁଳନାରେ ଯଥେଷ୍ଟ ଅଧିକ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ଗ୍ରାମୀଣ ଯୋଜନା ଅନ୍ୟ ଯେକୌଣସି ଗ୍ରାମାଞ୍ଚଳ ବିକାଶ ଯୋଜନାମାନଙ୍କ ଭଳି କୋଭିଡ଼ ୧୯ ମହାମାରୀ ଯୋଗୁ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା । କିନ୍ତୁ ମହାମାରୀ ସତ୍ତ୍ୱେ ମନ୍ତ୍ରଣାଳୟ ପକ୍ଷରୁ କର୍ମଶକ୍ତିର ପ୍ରବାହ ଜାରି ରଖାଯିବା ଯୋଗୁ ଚଳିତ ଆର୍ଥିକ ବର୍ଷରେ ୫୮୫୪ କୋଟି ଟଙ୍କାର ବ୍ୟୟ ସମ୍ଭବପର ହୋଇପାରିଛି ଯାହାକି ୨୦୨୦-୨୧ ଆର୍ଥିକ ବର୍ଷର ଏହି ଅବଧି ମଧରେ ୨୫୧୨ କୋଟି ଟଙ୍କା ଥିଲା ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ଥିଲା ୧୪୧୧ କୋଟି ଟଙ୍କା । ବିଗତ ଦୁଇବର୍ଷର ବ୍ୟୟ ସହ ୨୦୨୧-୨୨ ଆର୍ଥିକ ବର୍ଷର ବ୍ୟୟକୁ ତୁଳନା କଲେ ଏହା ଯଥାକ୍ରମେ ୪୩% ଏବଂ ୨୪% ଅଧିକ ବୋଲି ଜଣାପଡ଼ିଛି ।



# ଛୁଟିରେ କିଛି ପରିବର୍ତ୍ତନ

**ଛୁଟି ହେଲେ ଘରେ ସାଙ୍ଗସାଥୀଙ୍କ ଆସର ଜମିବା ସ୍ୱାଭାବିକ । ଅନ୍ୟମାନଙ୍କ ଭଳି ଆପଣ ବି ଚାହାନ୍ତି ଆପଣଙ୍କ ଘର ଖୁବ୍ ଆକର୍ଷଣୀୟ ଦେଖାଯାଉ । କିନ୍ତୁ କିପରି କରିବେ ଜାଣିପାରନ୍ତି ନାହିଁ । କିନ୍ତୁ କିଛି ଛୋଟ ଛୋଟ ପରିବର୍ତ୍ତନ ଆପଣଙ୍କ ଘରକୁ ଦେଇପାରିବ ନୂଆ ଓ ଟ୍ରେଣ୍ଡି ଲୁକ୍ ।**

**ଫୁଲରେ ସଜା:**
ଘର ସାଜସଜ୍ଜା ପାଇଁ ଫୁଲ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଘରର ସବୁ ରୁମ୍‌କୁ ଫୁଲରେ ସଜାଇ ପାରିବେ । ଆପଣଙ୍କ ପସନ୍ଦର କୌଣସି ଫୁଲକୁ ଡାଇନିଙ୍ଗ୍ ଟେବଲ୍ ବେଡରୁମ୍, ବାଲକୋନି ଏବଂ କିଚେନ୍‌ରେ ରଖି ସଜାଇପାରିବେ ।

**ଜିନିଷ ସଜା:**
ନୂଆ ଲୁକ୍ ଦେବା ପାଇଁ ପ୍ରଥମେ ରୁମ୍ ଭିତରର ପ୍ରତ୍ୟେକ ଜିନିଷ ସଜାଡ଼ିବାକୁ ପଡ଼ିବ । ପ୍ରତ୍ୟେକଟି ଜିନିଷ ନିଜ ନିଜ ସ୍ଥାନରେ ରହିଥିବା ଦରକାର । ଫ୍ରିଜ୍, ବେଡରୁମ୍, ୱାର୍ଡରୋବ୍, କିଚେନ୍‌ରେ ପଡ଼ି ରହିଥିବା ଜିନିଷକୁ ସଜାଡ଼ି ରଖନ୍ତୁ ।

**ଅଳ୍ପ ରଙ୍ଗ:**
କମ୍ ଖର୍ଚ୍ଚରେ ଲିଭିଙ୍ଗ୍ ରୁମ୍ ବଦଳାଇବାକୁ ଚାହୁଁଥିଲେ ରଙ୍ଗ ସହିତ ଖେଳନ୍ତୁ । କାନ୍ଥର ରଙ୍ଗ ବଦଳାଇବା ଦରକାର ନାହିଁ । କାଉଚର କୁଶନ୍ କଭରକୁ ମଧ ପରିବର୍ତ୍ତନ କରିପାରିବେ । ଫ୍ଲୋରାଲ, ହଳଦିଆ, ପିଙ୍କ୍, ନୀଳ ରଙ୍ଗରେ ସଜାଇପାରିବେ । ଧ୍ୟାନ ରଖିବେ ଯେ ଏହା ଯେମିତି କାନ୍ଥର ରଙ୍ଗ ସହିତ ମେଳ ଖାଉଥିବ ।

# ତୁଳସୀ ପତ୍ର ଚୋବେଇକି ଖାଉଛନ୍ତି କି ? ହୋଇପାରେ କ୍ଷତିକାରକ

ତୁଳସୀ ଗଛରେ ଏଭଳି ଔଷଧୀୟ ଗୁଣ ଅଛି, ଯାହା ଆମକୁ ଅନେକ ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ । ଆମେ ତୁଳସୀ ପତ୍ରର ବ୍ୟବହାର କାଢ଼ା ପ୍ରସ୍ତୁତ ପାଇଁ କରିଥାଉ । ଏହା ଆମର ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ । ଏହା ବ୍ୟତୀତ ଏହାକୁ ଚା'ରେ ମିଶାଇ ପିଇବା ଦ୍ୱାରା କାଶ, ଥଣ୍ଡା, ପେଟ ଯନ୍ତ୍ରଣା ଇତ୍ୟାଦି ସମସ୍ୟା ଦୂର ହୋଇଥାଏ । ହିନ୍ଦୁ ଧର୍ମରେ ତୁଳସୀ ପତ୍ରକୁ ସବୁଠାରୁ ପବିତ୍ର ବୋଲି ମାନନ୍ତି ।

ସାଧାରଣତଃ ଆମେ ସମସ୍ତେ ଘରେ ତୁଳସୀ ଗଛ ଲଗାଇଥାଉ, ଯାହାର ପୂଜା ମଧ କରାଯାଏ । ଅନେକ ଲୋକ ତୁଳସୀ ପତ୍ର ଚୋବେଇକି ଖାଆନ୍ତି । କିନ୍ତୁ ଆପଣ ଜାଣନ୍ତି କି ତୁଳସୀ ପତ୍ର ଚୋବେଇକି ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଆସନ୍ତୁ ଜାଣିବା ତୁଳସୀ ପତ୍ର ଚୋବେଇ ଖାଇବା ଦ୍ୱାରା କ'ଣ କ୍ଷତି ହୋଇଥାଏ ଏବଂ ଏହାକୁ କିପରି ବ୍ୟବହାର କରାଯିବ ।

**ତୁଳସୀ ପତ୍ର ଚୋବେଇ ଖାଇଲେ ହୋଇପାରେ କ୍ଷତିକାରକ:**
ଅନେକ ଲୋକ ସକାଳେ ଖାଲି ପେଟରେ ତୁଳସୀ ପତ୍ର ଚୋବେଇ ଖାଆନ୍ତି । ତେବେ ଏହି ଅଭ୍ୟାସ ଦାନ୍ତ ପାଇଁ କ୍ଷତିକାରକ ହୋଇଥାଏ । ଏହାଦ୍ୱାରା ଏହା ଆପଣଙ୍କ ଦାନ୍ତ ଜନିତ ସମସ୍ୟା ଉପୁଜିପାରେ ।

ବାସ୍ତବରେ, ତୁଳସୀ ପତ୍ରରେ ଅଧିକ ପରିମାଣର ମର୍କୁରୀ ଏବଂ ଆଇରନ୍ ଥାଏ । ଏହା ବ୍ୟତୀତ ସେଥିରେ କିଛି ପରିମାଣର ଆର୍ସେନିକ୍ ମଧ ଥାଏ । ଆମ ପାଟି ପାଇଁ ମର୍କ୍ୟୁରୀ ଓ ଆର୍ସେନିକ୍ କ୍ଷତିକାରକ ହୋଇଥାଏ । ଏହା ଆମ ଦାନ୍ତକୁ ଅଧିକ ଖରାପ କରିଥାଏ । ତୁଳସୀ ପତ୍ରକୁ ଚୋବେଇ ଖାଇବା ଦ୍ୱାରା ପାଟି ଭିତରେ ଦୁଇଟି (ମର୍କ୍ୟୁରୀ ଓ ଆର୍ସେନିକ୍) ଧାତୁ ଜିନିଷ ରହିଥାଏ, ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ତେଣୁ ତୁଳସୀ ପତ୍ରକୁ ଚୋବେଇ ଖାଆନ୍ତୁ ନାହିଁ ।

**କେମିତି କରିବେ ବ୍ୟବହାର:**
ତୁଳସୀ ପତ୍ରକୁ ଭଲଭାବେ ବାଟିକି ତାକୁ ପାଣିରେ ମିଶାଇ ପିଇପାରିବେ । ଏହା ବ୍ୟତୀତ, ଯଦି ଆପଣ ଚାହିଁବେ, ତାହେଲେ ତୁଳସୀ ପତ୍ରକୁ ଚା'ରେ ମଧ ମିଶାଇ ସେବନ କରି ପାରିବେ ।



ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ଋତୁକାଳୀନ ସଂକ୍ରମଣକୁ ରୋକାଯାଇ ପାରିବ । ଆପଣ ତୁଳସୀ ପତ୍ରକୁ ମିଶାଇ ତା'ର ଏକ ଟାବଲେଟ୍ ପ୍ରସ୍ତୁତ କରିପାରିବେ । ଏହା ବ୍ୟତୀତ ତୁଳସୀ ପତ୍ରକୁ ଶୁଖାଇ ଏହାକ ଗ୍ରାଇଣ୍ଡିଂ କରି ପାଉଡର୍ ମଧ ତିଆରି କରିପାରିବେ ।

# ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

**ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିୱେକର୍‌ଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।**



- ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।
- ପରଟା, ଉପମା, ଚୁଡା ସନ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ବା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।
- ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ବ କିମ୍ବା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।
- ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।

# ଅଲ୍ସରର ଘରୋଇ ଉପଚାର

ଖାଦ୍ୟରେ ଅନିୟମିତତା, ମଦ, ସିଗାରେଟ୍ ଅଧିକ ବ୍ୟବହାର ଓ ଚିନ୍ତାରେ ରହିଲେ ପେଟରେ ଅଲ୍ସର ହୋଇଥାଏ । ଅନ୍ତରେ ଜ୍ୱଳନ ଓ ବାରମ୍ବାର ହାକୁଟି ଆସିବା ଅଲ୍ସର ଲକ୍ଷଣ ହୋଇପାରେ । ପେଟ ଦରଜ ବା କୌଣସି ପ୍ରକାର ସମସ୍ୟା ଅଲ୍ସର ଆଶଙ୍କା ହୋଇପାରେ । ଓଜନ କମିବା, ଭୋକ ନ ଲାଗିବା, ଛାତି ଜଳାପୋଡା ଅଲ୍ସର ଲକ୍ଷଣ । ମଳରେ ରକ୍ତ ପଡିବା ଏକ ପ୍ରମୁଖ ଲକ୍ଷଣ । ଏପରି ସ୍ଥିତିରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ସହିତ କିଛି ଘରୋଇ ଉପଚାର ମଧ ଆପଣାଇବା ଉଚିତ । ଅଲ୍ସର ହେଲେ ବେଲ ପଣା ପିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମଧ୍ୟପ୍ରାଚ୍ୟ ଅସମ୍ଭାଳ....

ସାରା ବିଶ୍ୱ ଏବେ କରୋନା ମହାମାରୀ ବିରୋଧରେ ସଂଗ୍ରାମ ଜାରି ରଖିଥିବାବେଳେ ଆଉ ଏକ ମାନବକୃତ ବିପଦ ପୃଥିବୀବାସୀଙ୍କ ମୁଣ୍ଡ ଉପରେ ସତେ ଯେପରି ଲଦି ହୋଇପଡ଼ିଛି। ଗତ ପ୍ରାୟ ଏକ ସପ୍ତାହ ଧରି ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି ଏବଂ ଯଦି ତୁରନ୍ତ ଏହାକୁ ରୋକାନଯାଏ ତେବେ ଏହା ଏକ ନିୟମିତ ଯୁଦ୍ଧରେ ପରିଣତ ହେବ। ଗତ ସୋମବାର ଦିନଠାରୁ ଆରମ୍ଭ ହୋଇଥିବା ଏହି ବିବାଦ ଯୋଗୁ ପାଲେଷ୍ଟାଇନର ସଶସ୍ତ୍ର ଗରିଲା ସଂଗଠନ ହାମାସ ଏବଂ ଇସ୍ରାଏଲ ମଧ୍ୟରେ ରକେଟ୍ ନିକ୍ଷେପ ଜାରି ରହିଛି। ଉଭୟ ପକ୍ଷ ପ୍ରତିପକ୍ଷଙ୍କ ଜନବସତି ଏବଂ ଅନ୍ୟାନ୍ୟ ସ୍ଥାନ ଉପରେ ରକେଟ୍ ମାଡ଼ କରିବା ଫଳରେ ପ୍ରାୟ ଦୁଇଶହ ପର୍ଯ୍ୟନ୍ତ ଲୋକଙ୍କ ପ୍ରାଣହାନି ଘଟିସାରିଲାଣି ଏବଂ ଏଥିରେ ଆଉ ଦେଢ଼ହଜାର ଲୋକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ବିବାଦୀୟ କ୍ଷେତ୍ର ଗାଜା ପଟ୍ଟି ହୋଇଛି ଉଭୟ ପକ୍ଷଙ୍କ ରଣଭୂମି। ଯେହେତୁ ଉଭୟ ରାଷ୍ଟ୍ର ଏହି ପଟ୍ଟି ଉପରେ ନିଜର ପ୍ରଭୁତ୍ୱ ଦାବି କରନ୍ତି ଏବଂ ସେମାନେ ଏବେ ଏହାକୁ ନିଜ ନିଜ ଦଖଲରେ ରଖିଛନ୍ତି। ସମୟାନ୍ତରରେ ଦୁଇ ଦେଶର ଲୋକମାନଙ୍କ ମଧ୍ୟରେ ବିବାଦ ଓ ମାରପିଟ ଏକ ସାଧାରଣ ଘଟଣା। ସେହି ବିବାଦ ଭିତରେ ହିଁ ହଜାର ହଜାର ଲୋକ ଜୀବନ ନିର୍ବାହ କରନ୍ତି। କିନ୍ତୁ ଗତ ସୋମବାର ଦିନ ବିକ୍ଷୋଭକାରରୀ ପାଲେଷ୍ଟିନୀୟଙ୍କୁ ନିୟନ୍ତ୍ରଣ କରିବା ସକାଶେ ଇସ୍ରାଏଲୀ ସୁରକ୍ଷା ବାହିନୀ ଅଲ୍ ଆସ୍‌କା ମସଜିଦ୍ ଭିତରେ ପ୍ରବେଶ କରି ସେମାନଙ୍କୁ ମାଡ଼ମାରି ଗିରଫ କରିବାପରେ ଏହା ଉଗ୍ରରୂପ ଧାରଣ କରିଥିଲା। ହାମାସ ଗରିଲା ବାହିନୀ ପକ୍ଷରୁ ଇସ୍ରାଏଲ ଉପରକୁ ଘନଘନ ରକେଟ ମାଡ଼ କରାଯିବା ଯୋଗୁ ଇସ୍ରାଏଲ ଏହାର ଜବାବ ଅନୁରୂପ ଅସ୍ତ୍ରରେ ଦେଇଥିଲା। ବିଶ୍ୱର ଏକ ଜଟିଳ ଓ ପୁରୁଣା ସମସ୍ୟା ଭାବେ ଇସ୍ରାଏଲ ଉପରକୁ ଘନ ଘନ ରକେଟ ମାଡ଼ କରାଯିବା ଯୋଗୁ ଇସ୍ରାଏଲ ଏହାର ଜବାବ ଅନୁରୂପ ଅସ୍ତ୍ରରେ ଦେଇଥିଲା। ବିଶ୍ୱର ଏକ ଜଟିଳ ଓ ପୁରୁଣା ସମସ୍ୟା ଭାବେ ଇସ୍ରାଏଲ-ପାଲେଷ୍ଟାଇନ୍ ବିବାଦ ଏ ପର୍ଯ୍ୟନ୍ତ ରହିଆସିଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅତୀତରେ ଯେତେଯେତେ ପ୍ରୟାସ କରାଯାଇଛି, ସେସବୁ ନିଷ୍ଫଳ ବୋଲି ସାବ୍ୟସ୍ତ ହୋଇଛି। ସାମୟିକ ଭାବେ ସେଠାରେ ଶାନ୍ତି ବିରାଜମାନ କଲେ ସୁଦ୍ଧା ପୁଣି ସମୟକ୍ରମେ ତାହା ବାହାରିଛି। ବାସ୍ତବତା ହେଲା, ଇସ୍ରାଏଲ ତା'ର ଉନ୍ନତ ସାମରିକ ସାମର୍ଥ୍ୟ ଏବଂ ଅନ୍ତଃରାଷ୍ଟ୍ରୀୟ ସମର୍ଥନ ବଳରେ ସେଠାରେ ନିଜକୁ ସୁପ୍ରତିଷ୍ଠିତ କରିଛି। ପାଲେଷ୍ଟାଇନ୍ ଗାଜା ପଟ୍ଟି ଉପରେ ନିଜର ସଂପୂର୍ଣ୍ଣ କର୍ତ୍ତୃତ୍ୱ ଜାହିର କରିବା ନିମନ୍ତେ କରିଥିବା ସବୁ ଉଦ୍ୟମ ବୃଥା ଯାଇଛି। । ଅତୀତରେ ୟାସେର ଆରାଫାତଙ୍କ ସଂଗ୍ରାମ ଏହାର ନଗ୍ନ ନମୁନା। ଏବେ ସେଠାରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ହେଉଛି ଏକମାତ୍ର ପନ୍ଥା। କିନ୍ତୁ ହାମାସ୍, ହେଜବୋଲ୍ଲା ଭଳି ସଂଗଠନଙ୍କ ସଶସ୍ତ୍ର ସଂଗ୍ରାମ ସାଧାରଣ ଜନତାଙ୍କ ପାଇଁ ଅସୁମାରୀ ବିପଦକୁ ଜନ୍ମ ଦେଇଛି। କହିବା ବାହୁଲ୍ୟ ଇସ୍ରାଏଲ ଆଗରେ ପାଲେଷ୍ଟାଇନ୍‌ର ଗରିଲା ଶକ୍ତି ନଗଣ୍ୟ। ଏପରିକି ଅତୀତରେ ଯେଉଁ ଆରବ ରାଷ୍ଟ୍ରମାନେ ପାଲେଷ୍ଟାଇନକୁ ସମର୍ଥନ କରୁଥିଲେ ସେମାନଙ୍କ ମଧ୍ୟରୁ ଏବେ ଅନେକ ରାଷ୍ଟ୍ର ଇସ୍ରାଏଲ ସହିତ ଶାନ୍ତିଚୁକ୍ତି କରି ନିରବ ପଡ଼ିଯାଇଛନ୍ତି।

# ମହିଳାଙ୍କ ସମାନତା ବନାମ ଆତ୍ମ-ସୁରକ୍ଷା

ଡକ୍ଟର ଲକ୍ଷ୍ମଣ ସାହୁ

ଗତ ମାସ ମାର୍ଚ୍ଚ ୮ ରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜାତୀୟ ମହିଳା ଆୟୋଗ ଲିଙ୍ଗଗତ ସମାନତା ପାଇଁ ମିଳିତ ଜାତିସଂଘର ମହିଳା ହରମୋନାଇଜେସନ୍ ମୁଭମେଣ୍ଟ ଦ୍ୱାରା ଅନୁପ୍ରାଣିତ 'ପୁରୁଷଙ୍କ ପାଇଁ ମହିଳା' କିମ୍ବା 'ମହିଳାଙ୍କ ପାଇଁ ପୁରୁଷ' ବିଷୟ ଚୟନ କରିଛନ୍ତି । ବିଶ୍ୱରେ ଏପରି ଉଭୟଙ୍କୁ ଯୋଡିବାକୁ ଏହା ଏକ ପ୍ରଥମ ପ୍ରୟାସ କରାଯାଇଛି । ଯେଉଁମାନେ ଏହା ସହିତ ପ୍ରତିବଦ୍ଧ ଥିଲେ, ସେଇମାନଙ୍କୁ ନିଆଯାଇଥିଲା । ବିଶେଷ କରି ଏଥିରେ ଏକୋଇଶ ଲକ୍ଷ ଲୋକ ଏପର୍ଯ୍ୟନ୍ତ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛନ୍ତି । ଏହି ଆନ୍ଦୋଳନର ମୂଳ ବିଷୟ ହେଉଛି ଏଥିରେ ଥିବା ଲିଙ୍ଗଗତ ଅସମାନତାକୁ ଦୂର କରିବା। କିନ୍ତୁ ଏହା ଅତି ସହଜ ମନେହୁଏ ନାହିଁ । ଏହାର ଦୂରିକରଣ ପାଇଁ ଆଉ କେତେ ଯେ ବର୍ଷ ଲାଗିବ ତାହା ଅନୁମାନ କରାଯାଇପାରେନା । ଏପରି ଗତିବିଧିର ସମାଧାନ ନିମନ୍ତେ ଆଧାରିତ ସୁତ୍ର ହେଉଛି ପୁରୁଷମାନେ ସଶକ୍ତ ହୁଅନ୍ତୁ । ଯେତେ ପରିମାଣରେ ପୁରୁଷ ମାନେ ସଶକ୍ତିକରଣ ହୋଇପାରିବେ, ସେମାନେ ସମପରିମାଣରେ ମହିଳାମାନଙ୍କୁ ସୁରକ୍ଷିତ ଦେଇ ପାରିବାର ବିଶ୍ୱାସ/ ଆଶା କରାଯାଉଛି । ଅନ୍ୟ ଅର୍ଥରେ କହିଲେ ଯେଉଁଠାରେ ମହିଳାମାନେ ପୁରୁଷଙ୍କଠାରୁ ଅଧିକ ସମର୍ଥନ ପାଇଛନ୍ତି, ସେମାନେ ସେଠାରେ ଅଧିକ ଶକ୍ତିଶାଳୀ ହୋଇଛନ୍ତି, ସେମାନଙ୍କର ସାମର୍ଥ୍ୟକୁ ଆହୁରି ବଢାଇଛନ୍ତି ଏବଂ ନିଜ କ୍ଷେତ୍ରକୁ ଗୌରବାନ୍ୱିତ ଆଣିଛନ୍ତି।

କିନ୍ତୁ ଏହି ଆନ୍ଦୋଳନ ଯାହାର ହେଉନା କାହିଁ ରାଜନୈତିକ ନେତାମାନେ ସମାନତାକୁ ସମାନ୍ତରାଳ କରିବା ପାଇଁ ବର୍ଷ ବର୍ଷ ଗଡାଇ ଅଧିକ ସମୟ ନେଉଛନ୍ତି । ସମାନୁପାତିକ ଭାବେ ନାରୀ ମାନଙ୍କୁ ଅଗ୍ରାଧିକାର ଦେବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଏଭଳି କ୍ଷେତ୍ରରେ ସାଧାରଣରେ ଏକ ସରଳ ପ୍ରଶ୍ନ ଉଙ୍କି ମାରୁଛି କି ଆଜିର ଦିନରେ ମଣିଷ ନିଜ ହାତକୁ ଜାବୁଡ଼ି ବସିବା ସହ ମୂକ ଦର୍ଶକ ଭଳି କେବଳ ବସିରହିଲେ ଆନ୍ଦୋଳନ ଫଳପ୍ରଦ କେବେ ହୋଇପାରିବ ନାହିଁ । ବରଂ ମହିଳାମାନଙ୍କୁ ବିଚ୍ ରାସ୍ତାରେ ଅନେକ ବଦନାମ କରାଯାଉଥିବା ଦେଖିବାକୁ ମିଳିବ ? ଯେଉଁଠି ଅନ୍ଧ ମୂକ ବଧିର ଭଳି ସକ୍ଷମ ମଣିଷ ସବୁ ଦେଖି ନଦେଖିଲା ଭଳି ଚୁପ୍ ରହୁଛି । ଯେଉଁଠି ଘରର ଚାରି କାନ୍ଥ ଭିତରେ, କର୍ମ ସଂସ୍ଥା ଗୃହରେ, ଆଶ୍ରମରେ, ଅନାଥ ଆଶ୍ରମରେ, ପବିତ୍ର ଧର୍ମ ପୀଠରେ, ରାସ୍ତା ଘାଟ, ନିର୍ଜନ ଏପରିକି ଜନଗହଳି ମଧ୍ୟରେ ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ପୋଲିସ୍ ଷ୍ଟେସନରେ ମଧ ମହିଳାମାନଙ୍କୁ ଅସଦାଚରଣ କରାହେଉଛି । ଯେଉଁଠାରେ ଜଣେ ମହିଳା ଅଧିକ ସୁରକ୍ଷା ଅନୁଭବ କରିବା ଉଚିତ୍ ଅଥଚ ସେହି ସ୍ଥାନଗୁଡିକରେ ଏଭଳି ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳୁଛି । ଏଭଳି ଅବ୍ୟକ୍ତ ଦୃଶ୍ୟ ସବୁ ଦେଖି ସାଧାରଣ ମଣିଷଠାରୁ ପ୍ରଶାସନିକ ପର୍ଯ୍ୟନ୍ତ ସବୁ ନିରବ ନିଥର ପାଲଟି ଯାଇଥାନ୍ତି । ଅବଶ୍ୟ ରାଜନୀତି, ଶାସନ ଏବଂ ପ୍ରଶାସନ ଉପରେ ନାନା ପ୍ରଶ୍ନ ଉଠିଥାଏ, କିନ୍ତୁ ତାହା ମୁହୂର୍ତ୍ତକ ମଧରେ ଚିମିନିରୁ ନିର୍ଗତ ଧୂଆଁ ଧାର ଭଳି କୁଆଡ଼େ ମିଳେଇ ଯାଏ । ଏଭଳି କୌଣସି ରାଜ୍ୟରେ ହେଉ ଅବା ଦେଶରେ ଯେଉଁଠି ନେତୃତ୍ୱ ଅପରାଧର କ୍ରମର ଗମ୍ଭୀରତା ଏବଂ ନିରନ୍ତରତା ଲାଗି ରହେ । ଫଳରେ ଏହା ଏକ ନିର୍ଦ୍ଦିଷ୍ଟ ରାଜ୍ୟର ରାଜନୈତିକ ଦଳର ଗମ୍ଭୀରତା ଏବଂ ନିରନ୍ତରତା ଦ୍ୱାରା ତାହା ପରିଭାଷିତ ହୋଇଥାଏ । ପ୍ରକୃତରେ ଏଭଳି ଏକ ବିରକ୍ତିକର ଉଚ୍ଚାରଣ ଯାହା କେବଳ ନିରାଶା ବ୍ୟତୀତ ଅନ୍ୟ କିଛି ଉପାୟ ନଥାଏ। ଭାରତୀୟ ସମ୍ବିଧାନରେ ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗଗତ ତାରତମ୍ୟକୁ ଉଠାଇ ଯେଉଁ ସମାନତା ଦିଆଯାଇଛି, ତାହା କେବଳ ସମ୍ବିଧାନ ଭିତରେ ଲୁଚି ରହିଛି। କୌଣସି ଜାତି, ଧର୍ମ, ଧର୍ମ କିମ୍ବା ଅସ୍ପୃଶ୍ୟତା ନାହିଁ। ସେଠି ମହିଳାମାନଙ୍କୁ ଧନ, ଧର୍ମ ଏବଂ ଶ୍ରେଣୀରେ ବିଭକ୍ତ କରି ପୁରୁଷ କୈନ୍ଦ୍ରିକ ସମାଜ ସେମାନଙ୍କୁ କୌଣସି ଉପଯୁକ୍ତ ନ୍ୟାୟ ଦେବାରେ ସକ୍ଷମ ହୋଇପାରନ୍ତି ନାହିଁ ।

ଦୁଃଖର ବିଷୟ ହେଉଛି ଦଳିତ, ଆଦିବାସୀ, ଘରୋଇ ଶ୍ରମିକ କିମ୍ବା କାର୍ଯ୍ୟରତ ମହିଳାଙ୍କ ମଧରେ ସୁରକ୍ଷା ଭାବନା । ଯାହା ସତୁରି ବର୍ଷର ସ୍ୱାଧୀନତା ପରେ ଚେଷ୍ଟା କରାଯିବା ଉଚିତ୍, ତାହା ସମ୍ଭବ ହେଉନାହିଁ । ବିଡମ୍ବନାର ବିଷୟ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ଉଚ୍ଚ ପଦାଧିକାରୀ ମହିଳା, ସେମାନଙ୍କ ମଧରୁ କେତେକ ସୈନ୍ୟବାହିନୀରେ ନିୟୋଜିତ ଏବଂ କେତେକ ପୋଲିସ ବିଭାଗରେ ଥାଇ ମଧ ସେମାନଙ୍କୁ ଯୌନ ଉତ୍ପୀଡ଼ନର ଶିକାର ହେବାକୁ ପଡୁଛି । ପ୍ରତ୍ୟହ ଦୈନିକ ଖବରକାଗଜ, ଦୂରଦର୍ଶନରେ ଏଭଳି ଅଭାବନୀୟ ଘଟଣା ଦୃଷ୍ଟିକୁ ଆସୁଛି । ସେମାନଙ୍କୁ ପ୍ରତିବାଦର ସ୍ୱର ନ ରଖିବାକୁ ମଧ ଚାପ ପ୍ରୟୋଗ କରାଯାଉଛି । ଦେଶର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଦୃଷ୍ଟିରୁ ଏହି ସର୍ତ୍ତଗୁଡିକ କଦାପି ଠିକ୍ ନୁହେଁ । ସରକାରୀ ନୀତି, ନିୟମ, ଆଇନ, ଯୋଜନା ଏବଂ ଘୋଷଣାର ପରିସର ବହୁତ ସୀମିତ। ଏହାର ହିତାଧିକାରୀଙ୍କ ଚିନ୍ତାଧାରା ଏବଂ ପ୍ରୟାସ ଅତ୍ୟନ୍ତ ନଗଣ୍ୟ ଓ ନିରର୍ଥକ । ଧର୍ଷିତା ଝିଅର କରୁଣ ବୟାନ ଯେତେ ସତ୍ୟ, ସାଂଘାତିକ ହେଲେବି ତଥାକଥିତ କୌଶଳ ଦ୍ୱାରା ଅମୂଳକ ହୋଇଯାଏ । ଅପରାଧିକ ନ୍ୟାୟ ପ୍ରଶାସନର ସମସ୍ତ ଅଙ୍ଗ ସକ୍ରିୟ ଏବଂ ସମ୍ବେଦନଶୀଳ ଥିବା ସତ୍ତ୍ୱେ ରାଜନୈତିକ ଚାପରେ ଧର୍ଷିତା ପାଇଁ ନ୍ୟାୟର ରାସ୍ତା ଅସମ୍ଭବ ପାଲଟେ । କଣ୍ଠ ଫିଟାଇ ବାରମ୍ବାର ଆକୁଳ ନିବେଦନ କଲେ ମଧ ସେହି ଅବ୍ୟକ୍ତ କାହାଣୀର ଫର୍ଦ୍ଦ ଯେତେ ସତ୍ୟ ହେଲେ ବି ଅନ୍ୟାୟ ନିକଟରେ ତାହା ହାର ମାନେ ।

ତଦନ୍ତ ସିବିଆଇ ଗଠନ ପରେ ବି ଫଳ କିଛି ନାହିଁ । ଯେଉଁଠାରେ ସିସିଟିଭି କ୍ୟାମେରା ସଂସ୍ଥାପିତ ହୋଇଛି, କିନ୍ତୁ ଠିକ୍ ସମୟରେ ସେଗୁଡିକ କାମ କରୁନଥିବା ଦେଖିବାକୁ ମିଳେ ବା ଦର୍ଶାଇ ଦିଆଯାଇ ଅପରାଧୀକୁ ଖସାଇ ଦିଆଯାଏ । ଦିନ କିମ୍ବା ରାତି ଏଭଳି କ୍ଷେତ୍ରରେ ଘଟୁଥିବା ଘଟଣାଗୁଡ଼ିକରେ କୌଣସି ପାର୍ଥକ୍ୟ ନାହିଁ । ଦେଶରେ ଜାତୀୟ ଅପରାଧ ପରିସଂଖ୍ୟାନ ବ୍ୟୁରୋ/ ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋ ନାମକ ଏକ ଅନୁଷ୍ଠାନ ରହିଛି, ଯେଉଁଥିରେ ପୀଡ଼ିତାଙ୍କ ବିଷୟରେ ଉଲ୍ଲେଖ କରାଯାଇ ନାହିଁ । ଯେଉଁମାନେ ନିଜେ ଅପରାଧ ନ୍ୟାୟ ପ୍ରଶାସନକୁ ପରିବର୍ତ୍ତନ କରି ନାହାଁନ୍ତି, ସେମାନେ ବୟସ୍କ ଅପରାଧର ଶିକାର କିମ୍ବା ନାବାଳକ ପୀଡିତା ଚିହ୍ନଟ କରିବେ ବା କିପରି ? ବିଶ୍ୱର ଅନ୍ୟ ଦେଶରେ ଥିବା ଜାତୀୟ ଅପରାଧ ପୀଡିତ ସର୍ଭେ ଭଳି ଆମ ଦେଶରେ ଜାତୀୟ ଅପରାଧ ପୀଡିତ ବ୍ୟୁରୋ ଅନୁଷ୍ଠାନ ଗଠନ କରାଯାଇଛି ସତ, କିନ୍ତୁ ପ୍ରକୃତ ପକ୍ଷେ ତାହା କେତେ ଦୂର କାମ କରୁଛି ? ଯେଉଁମାନେ ବିଭିନ୍ନ ପ୍ରକାରର ହିଂସା, ନିର୍ଯ୍ୟାତନା, ଶୋଷଣର ଶିକାର, ହେଉଛନ୍ତି ସେମାନଙ୍କ ମଧରୁ କେତେ ପ୍ରତିଶତ ନ୍ୟାୟ ପାଆନ୍ତି ? ଯଦି ଭେଦ-ଭାବ, ଉଚ୍ଚ-ନୀଚ ନରଖି ଅଧିକ ମାତ୍ରାରେ ସେମାନଙ୍କ ପାଇଁ ନୀତି ପ୍ରସ୍ତୁତ କରାଯାଇ ପାରନ୍ତା, ହୁଏତ ସେମାନେ ଉପଯୁକ୍ତ ନ୍ୟାୟ ପାଇପାରନ୍ତେ । ନିଜ ବାସସ୍ଥାନ, କାର୍ଯ୍ୟସ୍ଥାନ, ସର୍ବସାଧାରଣ ସ୍ଥାନ, ମଲ୍ଟିପ୍ଲେକ୍ସ, ଲିଫ୍ଟ, ହସ୍ପିଟାଲ, ଅପରେସନ୍ ଗୃହ, ଥିଏଟର, ବାଥରୁମ୍ ଇତ୍ୟାଦିରେ ମଧ ସୁରକ୍ଷିତ ରହିପାରନ୍ତେ।

ବାସ୍ତବରେ ଏସବୁ ବିଷୟରେ କଥାବାର୍ତ୍ତା କରାଯାଇ କିମ୍ବା ବିଶ୍ୱସ୍ତରୀୟ ପରିସ୍ଥିତି ବିଷୟରେ ଆଲୋଚନା କରାଯାଇ, ପଦକ୍ଷେପ ନିଆଯିବା ଆବଶ୍ୟକ ଅଛି । ଆଜିକାଲି ସୋସିଆଲ ମିଡିଆ, ପ୍ରିଣ୍ଟ ମିଡିଆ, ଚଳଚ୍ଚିତ୍ର ଏବଂ ବର୍ତ୍ତମାନ ୱେବ୍ ସିରିଜ୍ ମାଧ୍ୟମରେ ଚିତ୍ରିତ ହେଉଥିବା ନଗ୍ନ ଚିତ୍ର ଯଥେଷ୍ଟ ଦେଖିବାକୁ ମିଳେ । ସମାଜ ହେଉଛି ଏପରି ଏକ ସମାଜ ଯେଉଁଥିରେ ଏହାର କୌଣସି ମାନକ ନାହିଁ, କୌଣସି ଗୁରୁତ୍ୱପୂର୍ଣ୍ଣ ବିଚାର ନାହିଁ, ନୈତିକତାର କୌଣସି ଭୂମିକା ନାହିଁ କହିଲେ ଚଳେ । ଯେଉଁଠି ଡ୍ରଗ୍, ଯୌନ ଶୋଷଣ, ଅଶ୍ଳୀଳତାକୁ କୌଣସି ଅସୁବିଧା କିମ୍ବା ଅସ୍ୱାଭାବିକ ବିବେଚନା କରାଯାଏ ନାହିଁ । ସୋସିଆଲ ମିଡିଆରେ ଏସବୁ ଅପରାଧ ଓ ସବୁକିଛି ଖୋଲା ଖୋଲି ପରିବେଷଣ କରାଯାଏ, ଯେପରି ଏହା ଏକ ନୂତନ ପ୍ରଥା ପାଲଟି ଯାଇଛି । ବୈଜ୍ଞାନିକ ଏବଂ ବୈଷୟିକ ପ୍ରଗତିର ଅପବ୍ୟବହାର ବହୁଳ ଭାବରେ କରାଯାଉଛି । ସବୁ ଦେଖି ନଦେଖି ଭଳି କାର୍ଯ୍ୟ ଚାଲିଛି । ଖ୍ୟାତି ସଂପନ୍ନ ବୈଜ୍ଞାନିକ ସାଇକୋଆନାଲିଷ୍ଟ ସିଗମୁଣ୍ଡ ଫ୍ରଏଡଙ୍କ କଥାରେ- ସମଗ୍ର ଜନତାଙ୍କ ମଧରେ ଏକ ସୁପର ଇଗୋ (ଅହଂ) କାମ କରୁଛି, ଯାହାକୁ ଏକ ସୁନ୍ଦର ଆଦର୍ଶ ବୋଲି କୁହାଯାଉଥିଲା। କିନ୍ତୁ ତାହା ଏବେ ବିଲୁପ୍ତ ପ୍ରଜାତି ପରି ବିଲୁପ୍ତ ହୋଇଥିବାର ଦେଖାଯାଏ। ଭିତରର ଇଗୋ ସେ ଏହାକୁ ନିୟନ୍ତ୍ରଣ କରୁଛନ୍ତି, ତାଙ୍କର ଚେତନା ମନ, ଯାହାକୁ ଇଗୋ କୁହାଯାଏ, ସଂପୂର୍ଣ୍ଣ ନିଦ୍ରାହୀନ ହେବା ଉଚିତ୍ । ଯଥାକ୍ରମେ ପିତା ଏବଂ ପୁଅ, ମା' ଏବଂ ଝିଅ ମଧରେ ଚାଲିଥିବା ଇଡିପସ୍ କମ୍ପ୍ଲେକ୍ସ ଏବଂ ଇଲେକ୍ଟ୍ରା କମ୍ପ୍ଲେକ୍ସ ସବୁ ବୟସର ଲୋକଙ୍କୁ ଆକର୍ଷିତ କରିଛି ।

ଗୋଟିଏ ପଟେ ଘଟୁଥିବା ଦ୍ରୁତ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ନ୍ୟାୟପାଳିକା ଏକ ଯୌନ ଅନୁମତିପ୍ରାପ୍ତ ସମାଜ ଗଠନ କରୁଛି । ସେଠାରେ ବିବାହ ପୂର୍ବରୁ ପ୍ରାପ୍ତ ବୟସ୍କ ପୁଅ/ଝିଅ ଏକତ୍ର ରହିବାରେ ବାରଣ ନାହିଁ । ଏବେ ପରିବାର ପରି ଅନୁଷ୍ଠାନର ଲୋକମାନେ ଆଧୁନିକତା ନାମରେ ପ୍ରାଧାନ୍ୟ ଦେଇ ନଗ୍ନତାର ଶିକାର ହେଉଛନ୍ତି, ଏହା ବେଶ୍ ଉଲ୍ଲେଖନୀୟ । ଗୋଟିଏ ପଟେ ଜଣେ ବାଳକ, ଯୁବକ କିମ୍ବା ବୟସ୍କ, ଯିଏ ନିଜକୁ ଆଧୁନିକତାର ପାଳକ ବୋଲି ବିବେଚନା କରନ୍ତି, ସେ ମଧ ବ୍ୟକ୍ତିତ୍ୱର ଅସ୍ପୃଶ୍ୟ ଅଂଶରେ ପିତୃପୁରୁଷଙ୍କ ପ୍ରାଧାନ୍ୟକୁ ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ । ବ୍ୟକ୍ତିତ୍ୱର ଏହି ନକଲ ତାକୁ ତଥାକଥିତ ଆଧୁନିକ, ଶିକ୍ଷିତ ଏବଂ ବୃତ୍ତିଗତ ମହିଳାମାନଙ୍କୁ ସହ୍ୟ କରିବାକୁ ପଡିବ । ଯେଉଁମାନେ ଭାବିଥିଲେ, ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ହୁଏତ ବିବାହ ବନ୍ଧନରେ ବାନ୍ଧି ହେବା ଦ୍ୱାରା ରୋକିବା ସମ୍ଭବ ହେବ । ତେଣୁ ସେମାନେ ଏକ ବିରୋଧର ବିଗଲ୍ ଖେଳି ସ୍ୱାଧୀନତାର ପଥ ଧରିଥିଲେ। ଏହାର ଅର୍ଥ ହେଉଛି ଯେ ଯଦି ଆମ ସମାଜ, ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ବାଇସେକ୍ସୁଆଲ୍ ଅନ୍ତର୍ଭୁକ୍ତ, ସେମାନଙ୍କୁ ଶ୍ରମ ଏବଂ ଶରୀରକୁ ସମ୍ମାନ ଦେବା ଶିଖାଯିବ ନାହିଁ, ତେବେ ମହିଳା ସୁରକ୍ଷା ଉପରେ କୌଣସି ନିଶ୍ଚିତତା ରହିବ ନାହିଁ । ବର୍ତ୍ତମାନ ସମୟରେ 'ପୁରୁଷଙ୍କ ପାଇଁ ମହିଳା' ଏବଂ ମହିଳାଙ୍କ ପାଇଁ ପୁରୁଷ ବା 'ମହିଳାଙ୍କ ପାଇଁ ମହିଳା' ମଧ କଥା ହେବାକୁ ପଡିବ । ସାଂପ୍ରତିକ ପରିସ୍ଥିତିରେ ଏଭଳି ଏକ ବ୍ୟକ୍ତିଗତ ଦିଗକୁ ସାଧାରଣ ବିଚାର କରିବାର ଆବଶ୍ୟକତା ରହିଛି । ଯାହା ଦ୍ୱାରା ବିଷୟର ଗମ୍ଭୀରତାକୁ ହ୍ରାସ କରିବାକୁ ହେବ । ତେଣୁ, ଘଟଣାଗୁଡ଼ିକ ଉପରେ ବିଚାରବିମର୍ଶ କରିବା ଅପରିହାର୍ଯ୍ୟ । ଏହା ଉପରେ ରାଜନୀତିକରଣ ନକରିବା ଉଚିତ୍। ଏହା ହେବ ସାମାଜିକ ପରିବର୍ତ୍ତନ ପାଇଁ ଏକ ନୂତନ ଅଭିଯାନ 'ସୋସାଇଟି ଫର ଚେଞ୍ଜ'। ଯେଉଁଥିରେ 'ଆମେ ସମସ୍ତଙ୍କ ପାଇଁ ଓ ସେମାନେ ଆମ ସମସ୍ତଙ୍କ ନିମନ୍ତେ' ଏଭଳି କାର୍ଯ୍ୟ କରିପାରିଲେ, ସମାଜରେ ନାରୀ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ..!!


+ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ:୯୦୪୦ ୧୫୧୪୭୫


## କବିତା କୋଣାର୍କ

### ନୀରବ ରାତିର ସ୍ୱପ୍ନ...

ଶରତ କୁମାର ଦାସ

ମୁଁ ଶବ୍ଦ ଗଢେ ମୋ ଖିଆଲି ମନରେ
ଜୀବନ୍ୟାସ ବି ଦିଏ
ମଂଚ ବାନ୍ଧେ ଶୂନ୍ୟରେ
ତାରାଫୁଲଙ୍କ ମେଳରେ ।

ସେହି ଶବ୍ଦମାନେ ନୂପୁର ପିନ୍ଧନ୍ତି
ବଧୂ ବେଶ ସାଜନ୍ତି
ପଶି ଆସନ୍ତି ମୋ କୋଠରୀକୁ
ଅତି ସନ୍ତର୍ପଣେ
ଜହ୍ନ ରାତିରେ ବିଛାଡି
ହୋଇ ପଡିଥିବା
ଫୁଲଙ୍କ ଗହଣରେ ।

ରଜନୀଗନ୍ଧାର ବାସ୍ନା ଭରିଯାଏ
ମୁହୂର୍ତ୍ତକ ପାଇଁ
ମୁଁ ଆତ୍ତାମାତ୍ତା ହୋଇଯାଏ
ଧଡପଡ୍ ଉଠି ପଡି
ବାହାରକୁ ଚାହେଁ ।

ଆକାଶ ସେମିତି ହସୁଥାଏ
ଯେମିତି ଆଗରୁ ହସୁଥିଲା,
ପୃଥିବୀ ସେମିତି ଚାହିଁଥାଏ
ଯେମିତି ଆଗରୁ,
ଆଉ ମୋ କାନରେ
ଧସେଇ ପଶୁଥାଏ
ରଣୁଝୁଣୁ ଧ୍ୱନି ସେହି
ଶବ୍ଦମାନଙ୍କର ବାରମ୍ବାର ।

ମୁଁ କ୍ଷଣିକ ତୀରବିଧ ହୋଇଯାଏ
ନିର୍ବାକ, ନିସ୍ପନ୍ଦ, ପ୍ରାଣହୀନ ଲାଗେ
ପକ୍ଷୀଟିଏ ସେମିତି ଚିତ୍କାର
କରୁଥାଏ ଯେମିତି ଆଗରୁ
ଏକ ଅନ୍ଧାରୁଆ ଆବଦ୍ଧ ପଂଜୁରିରେ,
ଗୋଟିଏ ଲାଲ୍ ଟହ ଟହ
ରକ୍ତର ଖଣ୍ଡା
ଝୁଲୁଥାଏ ମୋ ମୁଣ୍ଡ ଉପରେ ।

ମୋ ଡ୍ରଇଂରୁମରେ କାନ୍ଥକୁ
ଆଉଜି ରହିଥିବା
ଲମ୍ବା ଆଇନାଟା ଥଟ୍ଟାକରୁଥାଏ
ଜିଭ ଦେଖାଇ
ଯେମିତି ଆଗରୁ ସେ ଥଟ୍ଟାକରୁଥିଲା
ମୋ ଅସହାୟତାକୁ ଦେଖି ।

ମୁଠାଏ ଥଣ୍ଡା ପବନରେ
ରାତି ପାହିଆସେ
ଜହ୍ନ ବି ଲୁଚିଯାଏ ଲବଙ୍ଗଦ୍ୱୀପରେ
ଫିକା ପଡିଯାଏ ରଜନୀଗନ୍ଧାର
ମହମହ ବାସ୍ନା
ଅସ୍ପଷ୍ଟ ଶୁଭେ ରଣୁଝୁଣୁ ସୁର ।

ମୁଁ ସେମିତି ଚାହିଁଥାଏ
ଝର୍କାର ଫାଙ୍କ ଦେଇ
ଲମ୍ବା ରାସ୍ତାର ଫୁଙ୍ଗୁଳା ଛାତିକୁ ।

ଭଙ୍ଗା ଦୁର୍ଗରେ
ପିଟିହେଉଥିବା ପବନର
ଆବାଜ ମୁଁ ଅନୁଭବ କରେ
ମୋ ଛାତିରେ
ଶୀତେଇ ଯାଏ ହୃତପିଣ୍ଡ
ନୀରବ ରାତିରେ
କମ୍ପାନ ଖେଳେ ଲୋମର
ପ୍ରତିଟି ଛିଦ୍ରରେ
କେଉଁ ଏକ ଭୟଙ୍କର ସ୍ୱପ୍ନରେ ।


+ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ନିୟତିର ଅଭିଲେଖା...

ସୁଦର୍ଶନ ମହାପାତ୍ର

ବଇଶାଖୀ ଆଜି ନିଦାରୁଣ ସତେ
ଜଳାଏ ମୋ ମନ ଦେହ
ପଥିକ ଟିଏ ମୁଁ ତୃଷ୍ଣାରେ ଆତୁର
ଓଠ ପିଏ ଆଖି ଲୁହ ।

ପତର ବିହୀନ ପାଦପ ଶାଖାରେ
ଝୁଲୁଛି ଚଇତି ଖରା
ଝଡର ଡେଣାରେ ପ୍ରଳୟ ଆସିଛି
ଭୟ ଗ୍ରାସେ ସସାଗରା ।

ପାଖୁଡ଼ା ପାଖୁଡ଼ା ଅନେକ ଯାତନା
କଲବଲ କରେ ପ୍ରାଣ
ଖୁସି ପ୍ରଜାପତି ମନ ବଗିଚାରେ
ତୁଚ୍ଛା କରେ ଅଭିମାନ ।

ମଳୟ ଗଲାଣି ପଥ ବଦଳାଇ
କୋଇଲି ଗାଉନି କୁହୁ
ମାୟା ମରୀଚିକା ଶୋଷଇ ପରାଣ
ଶିରା ପ୍ରଶିରାରୁ ଲହୁ ।

ନିଦାଘ ଯେ ଗାଏ ବିଧ୍ୱଂସୀ ସଙ୍ଗୀତ
ତୁଟାଏ ସଂସାର ମୋହ
କେତେ ଯେ ଆହତ
ଅଭିମାନେ ଆଜି
ଛାତିରୁ ଉଠୁଛି କୋହ ।

ସବୁ ରଙ୍ଗ ଆଜି ଧୂଷର ବିବର୍ଣ୍ଣ
ପ୍ରୀତି ରଙ୍ଗ ଫିକା ଫିକା
କେମିତି ବୁଝିବି ଜୀବନ ଗୋ କୁହ
ନିୟତିର ଅଭିଲେଖା ।


+କୁଞ୍ଜବିହାରୀ ଲେନ,କଟକ


## କବିତା କୋଣାର୍କ

### ନିମ୍ନମଧ୍ୟବିତ୍ତ ଆମେ କିନ୍ନର ସମାନ...

ବିନୟ ଭୂଷଣ ପାଣିଗ୍ରାହୀ

ମଣିଷ ହେଇ ସୁଦ୍ଧା
ମଣିଷର ମାନ୍ୟତା ପାଇବାପାଇଁ
ସେମାନଙ୍କ ସଂଘର୍ଷ ନଦେଖିଛି କିଏ !

କିଏ ନଶୁଣିଛି ସେମାନଙ୍କ
କଷଣ କାହାଣୀ !!
ମୁଁ କହୁଛି ସେଇ କିନ୍ନର ମାନଙ୍କ କଥା
ସ୍ତ୍ରୀ ନୁହଁନ୍ତି, ନୁହଁନ୍ତି ପୁରୁଷ ଯଦିବା
ମାତ୍ର,ଏକଥା କି ମିଛ,
ଅମୃତର ସନ୍ତାନ ସେମାନେ
ଜୀବନ ଜୀଇଁବା ପାଇଁ
ସେମାନଙ୍କୁ ବି ଲୋଡାପଡ଼େ
ପେଟ ପାଇଁ ଦାନା ଗଣ୍ଡେ
ପିଠିପାଇଁ କନା
ଟିକେ ସ୍ନେହ, ଟିକେ ମମତା ,
ଛୋଟ ଗୋଟେ ନିର୍ଦ୍ଦିଷ୍ଟ ଠିକଣା।

ଆଉକାହା ଜୀବନ ରକ୍ଷାରେ
ବଡ଼ କାମରେ ଆସେ ବହୁବେଳେ
ସେମାନଙ୍କ ଶରୀରରେ ଖଞ୍ଜାଥିବା
ବିଭୁଦତ୍ତ ବୃକକ, ଯକୃତ,
ହୃଦୟ, ଚକ୍ଷୁ , ରକ୍ତ......
କେବଳ ଯା ଅଧିକାର
ମାଗିଲା ବେଳକୁ
ନୁହଁନ୍ତି ସେମାନେ
ମଣିଷ ଭିତରେ ଗଣା !

ଠିକ ସେମିତି
ଆମେ ଯେତେ ନିମ୍ନ ମଧ୍ୟବିତ୍ତ
ଭାଗ୍ୟ ଆମ ନିଷ୍ଫଳପ୍ରସୂ
ସଂଘର୍ଷ କରିବାପାଇଁ
ସଂଗ୍ରାମ କରୁ ଆମେ
ଉଠିବାକୁ ଧନୀକ ଶ୍ରେଣୀକୁ
ନଚେତ,ସର୍ବହରା ହେଇଯାଇ
ବଞ୍ଚିବାର ସାହାରା ଟିକିଏ ପାଇଁ
ଯେହେତୁ, ଯେପର୍ଯ୍ୟନ୍ତ ବନ୍ଦୀ ଆମେ
ମଧ୍ୟବିତ୍ତର ବର୍ଗବନ୍ଧନୀ ଭିତରେ
ଅଣଦେଖା ସର୍ବତ୍ର ସର୍ବଦା,
ଅସହାୟ ଆଟଲାସ ପରି
ଆମରି କାନ୍ଧରେ ଲଦିଦେଇ
ଏ ଦେଶର ଅର୍ଥନୀତିକୁ
ଯିବାକୁ ଦେଉନି ଆମକୁ
ଆଗରେ ଅବା ପଛରେ ଥିବା
କେଉଁ ଗୋଟେ ନିର୍ଦ୍ଦିଷ୍ଟ ବର୍ଗକୁ
ଉପରକୁ ନହେଲେ ବି ତଳକୁ ଟିକିଏ
ଂଚିବା ପାଇଁକା ଯେଉଁଠି
ବାଧାନାହିଁ ନିଶ୍ୱାସ ନବାରେ,
ଭୋକ ହେଲେ ମିଳିବ ଯେଉଁଠି
ରିହାତିରେ ରାସନ,ବସନ ଟିକେ,
କେଉଁଗୋଟେ ଯୋଜନାର
ଛାତ ତଳେ
ମୁଣ୍ଡ ଗୁଞ୍ଜିବାକୁ ମିଳିଯିବ
ଏତେଟିକେ ଥାନ ।

କମେଇଲେ ପାଇପାଇ ଗଣାହୁଏ
କେତେ ଅର୍ଥ ମିଳିଲା ଆମକୁ
ହିସାବ କରି କାଟିନ୍ୟନ୍ତି ସର୍କାର
ଭାଗ ତାଙ୍କ ଆୟକର,
ସେବାକର କହି,
ବିନା ଆୟରେ ବର୍ଷସାରା
ଉପାସ ରହିଲେ
ଦେଖନ୍ତିନି ସେଇ ସରକାର
ଆମଦେହେ ଜୀବନ ଅଛି ନା ନାହିଁ!

ସେଥିପାଇଁ, ଅନେକ ଦୃଷ୍ଟିରୁ ଆମେ
ମଧ୍ୟବିତ୍ତ ଏବଂ କିନ୍ନର ମାନେ
ଅବହେଳିତ ବରାବର
ମୁକ୍ତି ନାହିଁ କି ମୋକ୍ଷ ନାହିଁ ଆମର
କ୍ରୀତଦାସ ନୋହୁଁ ମାତ୍ର,
ଆମେସବୁ ତେଲିର ବଳଦ
କପାଳରେ ଲେଖା ଯା'ର
ମୃତ୍ୟୁଯାକେ ପେଲିବାକୁ ଘଣା।


+ହରସିଂହ ପୁର, ପୀରହାଟ ବଜାର
ଭଦ୍ରକ-୭୫୬୧୩୧
ମୋ: ୯୯୩୭୫୪୮୪୩୧


# ଅସହିଷ୍ଣୁତାର ମୂଳପିଣ୍ଡ କରୋନା



ଭାଗିରଥୀ ସ୍ୱାଇଁ

ସାମ୍ପ୍ରତିକ ସାମାଜିକ ବିଧି ବ୍ୟବସ୍ଥା ମଧରେ ସଭ୍ୟ ମାନବ ସମାଜ ଆଜି ହୋଇଛି ଦିଗହରା ଓ ପଥଭ୍ରଷ୍ଟ। ଧାର୍ମିୟ ରୀତିନୀତି ଓ ପରମ୍ପରାକୁ ଭୁଲି ଏବେ କୁପଥଗାମୀ। ଯାହାର ଫଳ ସ୍ୱରୂପ ମାନବ ସମାଜରେ ଦେଖାଦେଇଛି। ଅସହିଷ୍ଣୁତା। ଭୁଲିଯାଇଛି ସଦାଚାର ଆପଣାଇଛି ଦୁର୍ନିତୀ, ଭ୍ରଷ୍ଟାଚାର, ବ୍ୟଭିଚାର ସହ ଅଧର୍ମ ସମୂହ। ସମାଜରେ ଆରମ୍ଭ ହୋଇଯାଇଛି ନୈତିକ ଅଧୋପତନ, ଘୋଟିଆସିଛି ସଂକଟର କଳାବାଦଲ। ସାମ୍ପ୍ରତିକ ଦିଗଭ୍ରଷ୍ଟ ମଣିଷ ସମାଜକୁ ଧାର୍ମିକ ମାର୍ଗରେ ପରିଚାଳିତ କରିବା ପାଇଁ ପୌରାଣିକ, ସଂସ୍କୃତି ସଂପନ୍ନ ମାର୍ମିକ ସଚେତନ ଧର୍ମୀ ଲେଖା ସମୂହ। ସମାଜରେ ଅସହିଷ୍ଣୁତା ଏକ ସାମାଜିକ ବ୍ୟାଧି ରୂପେ ସଭ୍ୟ ସମାଜକୁ ଗ୍ରାସ କରିଛି। ମଣିଷ ହରାଇଛି ନିଜର ନୈତିକ ମୂଲ୍ୟବୋଧ ଓ ମାନବ ବାଦର ମୂଳପିଣ୍ଡ ସମୂହକୁ, ଅସହିଷ୍ଣୁତାର ପାଲଟିଛି ଦାସ। ଯାହାର ଫଳ ସ୍ୱରୂପ ସମାଜରେ ଦେଖାଦେଇଛି ଘୋର ସଂକଟ। ଯାହା ବିଶ୍ୱ ମହାମାରୀ କରୋନା ରୂପରେ ସମଗ୍ର ପୃଥିବୀକୁ କରିଛି କବଳିତ। ସବୁଆଡ଼େ ହାହାକାରର ବାତାବରଣ। ମାନବ ସମାଜ ମନରେ ସଂଚାରୀ ଉଠିଛି ଭୟ ଓ ନୈରାଶ୍ୟର ପ୍ରଶ୍ନବାଣ ସମୂହ। ସବୁଠି ଦୁଃଖ, ଦୈନତା ଓ କ୍ଲେଶର ଏକ ବିରାଟକାୟ ପ୍ରସ୍ତର ପାହାଡ। ଯେପରି ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଧର୍ମର ଗୈରକ ପତାକା ଉଠାଇବା ପାଇଁ ନିଜର ଯଦୁବଂଶକୁ କୋକୁଆ ରୂପୀ ଭୟ ସଂଚାର କରିଥିଲେ। ସେହିଭଳି ସାମ୍ପ୍ରତିକ ସଭ୍ୟ ସମାଜରେ ଅସହିଷ୍ଣୁତା, ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଓ ପରଶ୍ରୀକାତରତା ବୃଦ୍ଧି କରୋନା ସୃଷ୍ଟିର ମୂଳପିଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। କରୋନା ରୂପୀ ରାକ୍ଷସର ଚକ୍ରବ୍ୟୁହ ମଧରେ ବନ୍ଦୀ ଦେବାଦେବୀ ଓ ମଣିଷ ସମାଜ। ଏହାର କାରଣ ଖୋଜିବା ଅତୀବ ସରଳ। ମାନବ ସମାଜର ଅସହିଷ୍ଣୁତା ମନୋଭାବ ଏଥିପାଇଁ ମୁଖ୍ୟ ପ୍ରତିବନ୍ଧକ। ଏହି ମହାମାରୀର କାଳଗ୍ରାସରେ ସମଗ୍ର ବିଶ୍ୱର ୨୨୨ଟି ଦେଶ ବନ୍ଦୀ ଜୀବନ ବ୍ୟଥିତ କରୁଛନ୍ତି। ଯାହା ମାନବୀୟ ନୈତିକ ଅଧୋପତନର ମୂଳପିଣ୍ଡକୁ ସୂଚିତ କରୁଅଛି। ଯେତେବେଳେ ସମାଜରେ ଧର୍ମର ଗ୍ଲାନି ଘଟେ, ଯୁଗ ପୁରୁଷଙ୍କ ଧରାବତରଣ ହୋଇଥାଏ। ଅହଙ୍କାର ମଣିଷ ନିଜର ବଡ଼ିମା, ସ୍ୱାର୍ଥପରତା, ଲୋଭ ଓ କୁସଂସ୍କାରର ବଶବର୍ତ୍ତୀ ହୋଇ ନିଜର ହିତାହିତ୍ୟ ଜ୍ଞାନକୁ ହରାଇ ବସିଛି। ଧର୍ମକଶ ଜାଣି ସୁଦ୍ଧା ପାଶ୍ଚାତ୍ୟର ଚାକଚିକଣରେ ମାତି ଅଧର୍ମକୁ ଧର୍ମ ବୋଲି କହୁଛି। ଯାହାର ଫଳସ୍ୱରୂପ ସୃଷ୍ଟ ବିଶ୍ୱ ମହାମାରୀ କରୋନା। ଯାହାକି ନେଢ଼ି ଗୁଡ଼ କହୁଣୀକୁ ବହିଯିବା ଭଳି ପରିସ୍ଥିତି ସୃଷ୍ଟି କରିଛି। ତଥାପି ଚେତା ପଶିନି ଏ ମାନବ ସମାଜର ନାଗରିକମାନଙ୍କ ମଧରେ ଅଭାବ ରହିଛି ନୈତିକ ଅଧୋପତନ, ନିଷ୍ଠୁରତା ଓ ପରୋଶ୍ରୀକାତରତା ଗୁଣ ସମୂହ। ଆଜିର ସଭ୍ୟ ସମାଜ ଅସହିଷ୍ଣୁତାର ଗର୍ବରେ କରୋନାର କାଳଫାଶରେ କଲବଲ କରୁଛି ଆତ୍ମ ଚିତ୍କାର, ରଖ ହେ ଭଗବାନ ରଖ ହେ ଭଗବାନ। ଧର୍ମ ଓ ସଦାଚାରକୁ ପାଥେୟ କରି ସମାଜରେ ପୁନଃ ଧର୍ମ ପ୍ରତିଷ୍ଠା କରିବା ନିମନ୍ତେ ନିଜର ଅହଙ୍କାର, ସ୍ୱାର୍ଥପର ଭାବନା, ଭ୍ରଷ୍ଟାଚାର, ବ୍ୟଭିଚାର ଓ ଅସହିଷ୍ଣୁତା ଗୁଣ ସମୂହକୁ ସାମ୍ପ୍ରତିକ ସମୟରେ ପରିତ୍ୟାଗ କରିବା ଅପରିହାର୍ଯ୍ୟ। ଏହି ଗୁଣ ସମୂହର ପରିତ୍ୟାଗ କରି ବିଶ୍ୱକୁ ଏକ କୁଟୁମ୍ବ ବୋଲି ମନେ କରି ବିଶ୍ୱ ଭାତୃତ୍ୱ ଭାବନା ସୃଷ୍ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅନିବାର୍ଯ୍ୟ। ମାନବର ଅସହିଷ୍ଣୁତା ତୁଟିଲେ ସମାଜରୁ କରୋନା ରୂପୀ ରାକ୍ଷସର ଅନ୍ତ ଘଟିବ। ସମାଜରୁ ଅସମାନତା ଦୂରୀଭୂତ ହୋଇ ଏକ ସୁସ୍ଥ ଧାର୍ମିୟ ବାତାବରଣ ଯୁକ୍ତ ସମାଜର ଅୟମାରମ୍ଭ ହେବ ଏଥିରେ ଦ୍ୱିମତ ନାହିଁ।


+ମୋ-୯୪୩୮୦୪୦୮୭୧

## କେବଳ ତତେ...

### ନୀହାରିକା ରାୟ ବରାଳ



ତୁ କେମିତି ଗୋଟେ ମୋହ
ଯିଏ କେବେ ବି ଅଲଗା ହେବାର ନାଁ ନେଉନି
ତୁ କେମିତି ଗୋଟେ ଛାତିଥରା କୋହ
ଯିଏ ଫାଟି ପଡୁଚି, ରକ୍ତରେ, ସ୍ନାୟୁ ଧମନୀରେ
ତୁ କେମିତି ଏକ ମଧୁର ଗୁଂଜରଣ
ଯାହାର ଉଚ୍ଚାରଣରେ ଖେଳିଯାଏ
ଦେହରେ ପୁଲକ
ତୁ କେମିତି ଗୋଟେ ସ୍ୱପ୍ନ
ଯାହା ପାଇଁ ରାତି କେବଳ
ନିଅଣ୍ଟ ହିଁ ନିଅଣ୍ଟ
ତୁ କେମିତି ଏକ ପାଗଳପଣ ଭଲପାଇବାର
ଯିଏ କେବଳ ଦେଇପାରେ
ଶୀତଳ ସାନିଧ୍ୟ
ତୁ କେମିତି ଏକ ଆକ୍‌ଚାମାକ୍‌ଚା କରୁଥିବା
ନୀଳ ଯଂତ୍ରଣା
ମୋ ଅନୁରାଗର ପୃଥିବୀରେ ।

ଯାହାକୁ କେବେ ବି ମୁଁ ଭୁଲି ପାରିବିନି
ନିଭେଇ ପାରିବିନି, ଫୁଙ୍କି ଉଡ଼େଇ ପାରିବିନି
ମୋ ଏକାନ୍ତ ଭଲ ପାଇବାର ଦସ୍ତାବିଜ୍‌ରେ ।
ତୁ କେମିତି ଏକ ଅଲେଖା ସଂଧିପତ୍ର
ହୃଦୟରୁ ହୃଦୟକୁ ସଂଚରି ଯାଉଥାଉ
ବିନା ବାକ୍ୟ ବିନିମୟରେ
ତୁ ଯେମିତି, ସେମିତି ଉଚ୍ଚାଙ୍ଗ ବଂଶୀସ୍ୱର
ଜୀବନର କଦମ୍ବ ବନରେ ।

ତୁ ଚିପୁଡ଼ି ସାରିଥିବା ବାକିତକ ଆୟୁଷ
ଗୋଟେ ଚିରହରତ୍ ମହୁଆ ନିଶା
ଜୀବନ ସୋପାନେ,
ତୁ କେବେ ଅଝଟିଆ ଶିଶୁ ପରି
ଲାଗୁ ଭାରି ଅତି ଆପଣାର
ମୁଁ ଗୋଟାଯାକ ବୁଣି ହେଇଯାଏ
ଯେବେ ତୁ ଚୁମି ଯାଉ
ମୋ କପାଳ ଓ ଆଖିପତା
ଦେଇଥିବା ଅଖଣ୍ଡ ବିଶ୍ୱାସ, ଭରସାର ଫୁଲ ।

ଚରମ ପ୍ରାପ୍ତିରେ, ପରମ ଶାନ୍ତିରେ
କେବଳ ମୁଁ ମୁଦିଦିଏ ସବୁ କ୍ଷତ ଓ ଯନ୍ତ୍ରଣା
ତୋ ପ୍ରେମର ଗଭୀରତାରେ
ତୋ ସ୍ୱୀକୃତିର ସ୍ୱୀକାରୋକ୍ତିରେ
ତୋ ଭଲପାଇବାର ପୃଥିବୀରେ
ଲାଗେ ଯେମିତି ଜନ୍ମ ପରେ ଜନ୍ମ
ଅଂଗୀକାରର ଅଶ୍ୱମେଧ କରନ୍ତି
ତତେ, କେବଳ ତତେ ।


+ 'ଅନୁରାଗ'
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବିଜେବି ନଗର, ଭୁବନେଶ୍ୱର-୧୪


## କରମୋଡ଼ା ବସନ୍ତର ଭିନ୍ନ ରାଗ

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



(୧)
ତମେ ଅସରା...
ତମେ ନିଭୃତ ବେଳାର...
ହେ ବସନ୍ତ !
ତମେ ଖାଲି ସାରାଟା କାଳର
ମଗ୍ନ ମୁହୂର୍ତ୍ତର...
କବି କବିତାର...
ଯୌବନର...
ବାର୍ଦ୍ଧକ୍ୟର...
ବିଭୋର ବେଳାର... ।

(୨)
ମଧୁମାସ ବାସନ୍ତିରେ ଥାଏ କ'ଣ..?
ପେଟ ଯଦି ଜଳୁଥାଏ
ଭୋକର ନିଆଁରେ ...?
ବସନ୍ତ ରୋମାଞ୍ଚ କ'ଣ ରସ ଝାରେ
ଶୁଖିଲା ଓଠରେ ?
ଏ ବସନ୍ତ ଧନିକର ମନୁଆ ଛାତିକୁ..
ସାଜିଥାଏ ସାତ ରଙ୍ଗେ
ହୋଲୀ ଖେଳିବାକୁ.. !
ଯା' ଜୀବନ ଅଗଣାରେ
ଦିନ ନାହିଁ, ସଂଜ...
ତା ଝୁଲିରେ ବସନ୍ତ କି ଭରିପାରେ ଖୁଦ ?
କର୍ମ ଯଦି ନିର୍ମାଣ ବିମୁଖ...
ବସନ୍ତ କି କେହି କେବେ
ଦିଅନ୍ତିନି ସୁଖ...।

(୩)
ବୈଶାଖ ଓ ବସନ୍ତର ପ୍ରୀତି ଆଉ ମତି...
ସୁଖଟିଏ...
ଦୁଃଖ ଟିଏ...
ଭ୍ରାନ୍ତି, ପୁଣି କ୍ଳାନ୍ତି.... !
ବସନ୍ତର ପ୍ରେମରସେ ଯଦି ଭିଜୁଥିବ...
ସେ ପ୍ରେମର ସ୍ଥାୟୀ କଳା
ବଞ୍ଚିବାର ଫୁଲମାଳା ଦେବ... !
ନଛୁଇଁବ ଭାବନାକୁ ଇତର ପବନ
ଫୁଲର ମହକ ସିନା ଅରପିବ -
ପ୍ରେମମୟ ସୁନ୍ଦର ଜୀବନ !!!
'ବସନ୍ତ ପାଇଁକି ଯଦି ପ୍ରକୃତି ସୁନ୍ଦରୀ
ସୁନ୍ଦରତା ଆଣ ତା ଛାତିରୁ...'
ହଜିଯାଉ କାତରତା...
ଭରିଯାଉ ଉଦାରତା...
ଜୀବନର ବଂଶୀ ବାଜୁ ମୃତଶଯ୍ୟା ଧାରୁ...।


(ମୋ)୭୨୦୫୩୩୦୫୬୭


## ସେଇ ସ୍ୱପ୍ନ...

### ନମିତା ପାଇକରାୟ



କେତେ ଦମ୍ଭରେ ସେ
ଚାଲି ଯାଇଥିଲା ଦୌଡ଼ି ଦୌଡ଼ି
ପାଦ ମିଳାଇ ଦାଦନ ସହ
ଜୀବନକୁ ଦୁର୍ମୂଲ୍ୟ କରିବାକୁ
ଆଶା, ଭରସା, ବିଶ୍ୱାସ ଓ ଆତ୍ମବିଶ୍ୱାସକୁ
ସାଇତି ଧରି ଧାଇଁ ଯାଇଥିଲା
ପରଦେଶକୁ ନୂଆ ପରିବେଶକୁ
ସେ କଣ ଜାଣି ଥିଲା ଅନାହୂତ
ଭାଗ୍ୟ ଓ ଭବିଷ୍ୟକୁ
ଯେମିତି ସେ ଦୌଡ଼ି ଦୌଡ଼ି
ଚାଲି ଯାଇଥିଲା ଖାଲି ପାଦରେ
ଚପଲର ସ୍ୱପ୍ନକୁ ଛାତିରେ ଜାବୁଡ଼ି
ସେମିତି ଆଜି ଫେରି ଆସିଛି
ରକ୍ତାକ୍ତ କ୍ଷତାକ୍ତ ପାଦ ନେଇ
ଚିର ଆପଣାର ସେହି
ନିପଟ ମଫସଲର ଜନ୍ମ ଭୂଇଁକୁ
ଦୀର୍ଘଦିନରୁ ଚାଲି ଚାଲି
ସେ ଆଜି ପହଞ୍ଚିଛି ଗାଁରେ, ସେ ଯେ
ଜୀବନ ବଞ୍ଚାଇ ଫେରି ଆସିଛି
ଆପଣାର ମାଟି ପାଖକୁ
ଅତି ଆପଣାର ମା ପାଖକୁ
ଯେଉଁଠି ତାକୁ କେହି କହିବେନି
ଚାଲି ଯିବାକୁ ଫେରି ଯିବାକୁ
କ୍ୱାରାନଟାଇନ କୋଠାରେ
ବିତାଇଛି ଗଣି ଗଣି ଚଉଦ ଦିନକୁ
ସୁସ୍ଥତା ପରେ ଏବେ ସେ ଅଣ୍ଟା ଭିଡିଛି
ତା' ବାପା ଜେଜେଙ୍କ ସ୍ୱପ୍ନରେ
ନିଜ ସ୍ୱପ୍ନ ମିଶାଇ ଦେବାକୁ
ତା' ଉତ୍ତର ପିଢ଼ି ପାଇଁ
କ୍ଷେତରେ ସବୁଜ ବୋଳି ଦେବାକୁ
ଟୋକେଇ ଭରା ଫସଲ ତୋଳି ଆଣିବାକୁ
ସେହି ସର୍ବ ପୁରାତନ ଗୀତ ଗୁଣୁ ଗୁଣୁ କରି
ଲାଜେଇ ପରାଣ ମିତ ସହ
ଚୂଲୀ ମୁଣ୍ଡେ ବସି ଗାଇବାକୁ
ଶୁଖିଲା କାଠ ସହ ଜାଳିଦେଇ ଲୋଭକୁ
ନିଜ ଭିଟାମାଟିରେ ମହକାଇ ଦେବାକୁ
ଇଚ୍ଛା ଆପଣାର ଅମୂଲ୍ୟ ଜୀବନକୁ ।


+ ପ୍ଲଟ ନଂ ୩୫୨, ଲେନ-୧, ସେକ୍ଟର ୫,
ନିଳାଦ୍ରୀବିହାର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୨୧
ମୋ: ୯୮୬୧୩୮୫୦୪୬


## ମାଳୀ ସାହି....

### ହରିଶ୍ଚନ୍ଦ୍ର ବେହେରା



ଏଠି ମନପସନ୍ଦର ମାଂସ ମିଳେ ।

ଏ ମାଟିରେ ଲାଗିଛି ଅମ୍ବାପାଲିର
ଲୁହ
ଜବାଳି ପେଟର ଭୋକ
ଜରତା ଦେହର ନିଆଁ
ପିଙ୍ଗଳାର ଅସରନ୍ତି ଚାହିଁ ରହିବା ।

ଏ ମାଟିକୁ ପ୍ରଣାମ କର
ଆଜନ୍ମ ବ୍ରହ୍ମଚାରୀ ମାନେ ।

ଯଜ୍ଞ କରିବତ ନିଅ
ପବିତ୍ର ମାଟିରୁ ମୁଠେ ମୁଠେ
ଋତ୍ୱିକ ମାନେ ।

ଏଇଠି କାନ ଡେର ଶୁଣିପାରିବ
ଗାୟତ୍ରୀ ମନ୍ତ୍ର
ରମ୍ଭା ଉର୍ବଶୀ ମେନକାଙ୍କ
ଛମ ଛମ ନୃତ୍ୟ ।

ପଣତରେ ଢାଙ୍କିଦେଲେ ନିଭିଯାଏ
ଦେହ ର ନିଆଁ
ନିରବି ଯାଏ ମାଂସର ବିଳାପ ।

ଚୁଲିରେ ନିଜକୁ ଜାଳେ
ଭାତ ମୁଠେ ପାଇଁ
ହରିଣୀ ଛୁଆଟେ ଖେଳେ
ନିଆଁ ଡେଇଁ ଡେଇଁ ।

ପେଟର ନିଆଁ କେଉଁ ବୁଝେ
ପାପ-ପୁଣ୍ୟ
ଧର୍ମ -ଅଧର୍ମର ସାପ ଶିଢି ଖେଳ !

ଅବାଂଛିତ ଖଣ୍ଡେ ଦେହ କୁ ଛାଡି
କ'ଣ ଅଛି ଏମାନଙ୍କ ପାଖରେ।

ତାଙ୍କ ପାଦର ପାଉଁଜି
ପଞ୍ଚ ସତୀଙ୍କ ପାଉଁଜି ପରି ରୁଣୁଝୁଣୁ ବାଜେ।

ସେମାନେ ବି ଗୋବରରେ ଲିପି ଦିଅନ୍ତି
ଦାଣ୍ଡ ଦୁଆର
ମାଣ ବସାନ୍ତି /ମୁରୁଜରେ ଆଙ୍କିଦିଅନ୍ତି
ପଦ୍ମାଳୟାଙ୍କ ପଦ୍ମ ପାଦ
ତୁଳସୀ ଚଉରାରେ ଜାଳନ୍ତି
ପବିତ୍ର ସଞ୍ଜ ଦୀପ ।

ବାରମ୍ବାର ଧର୍ଷିତା ଦେହକୁ ଦେଖି
ଲାଜେଇ ଯାଏ ଜହ୍ନ
ଖଣ୍ଡଗିରି ପାହାଡ଼ ସେପଟେ ଲୁଚେଇ ଦିଏ
ମୁହଁ ।।

ରାଜଧାନୀ ମସୃଣ ଗାଲରେ
ଗୋଟେ ଲୋମଶ କଳାଜାଇ
ମାଳି ସାହି - - -!!


+ କଲ୍ୟାଣ ନଗର, ବାଲେଶ୍ୱର-୧
(ମୋ) ୯୪୩୭୮୧୩୭୦୮


## ସ୍ୱପ୍ନ...

### ଡିସମ୍ବର ମେହେର

ସଭିଏଁ ଦେଖନ୍ତି ସ୍ୱପ୍ନ ରାତିରେ
ମୁଇଁ ଦେଖେ ଦିନ ବେଳା
ସ୍ୱପ୍ନ ଦେଖେ ଜିଇଁବାର୍
ଗଣ୍ଡେ ପଖାଳ ଓ ଶାଗ ।
ସଂଘର୍ଷ ଚାଲିଛି ଜୀବନ ଯୁଦ୍ଧରେ
ହାରିବା ଡର ନାହିଁ, ଜିତିରା ଆଶା ନାହିଁ
ତଥାପି ନିରସ୍ତ୍ର ହସ୍ତେ କରୁଛି ଲଢେଇ
ଟିକିଏ ବଞ୍ଚିବା ଲୋଭରେ ।
ସ୍ୱପ୍ନ କେବେ ଦେଖିନି ଭୋଗ ବିଳାସର
ଛ ତିଅଣ, ନ ଭଜାର
ଦେଖିଛି ଭୋକିଲା ପେଟର ସ୍ପନ୍ଦନ
ଲୁହ ଲୋହୁର କ୍ରନ୍ଦନ ।
ଏ ଅଦିନିଆ ବର୍ଷା ଆଖିରୁ
କେବେ ହେବ ବନ୍ଦ ?
କେବେ ଖୋଲିବ ଲକଡାଉନ୍ ?
କେବେ ଜଳିବ ଚୁଲି ?
ସ୍ୱପ୍ନ କେବେ ହେବ ସତ
ପୁଅ ମୋ କେବେ ଖାଇବା ତପ୍ତଭାତ
ଦେଖି ଦେଖି ସୁଖିଗଲାଣି ଘରଣୀର ଲୋତକ
ହେ ବିଧାତା ! ତୋର କେମନ୍ତ ବିଚାର।


+ ଗଣ୍ଡାବାହାଲି ନୂଆପଡା


## ମା ....

### ଶକୁନ୍ତଳା ମହାପାତ୍ର



ଅଁ
ଅମୃତମୟ ଏ ଜଗତ ଟା ସାରା
ଦେଖୁଅଛୁ ଯାହା ପାଇଁ
କେଉଁ ଉପାଦାନେ ଗଢିଲ ମା'କୁ
କୁହ ହେ ଜଗତ ସାଇଁ ।।

ମା' ଶବଦଟି ମନରେ ଜଗାଏ
ଅଭୟ ବାଣୀ ଅନେକ
ସାହାସ ଓ ଧୈର୍ଯ୍ୟ ମନରେ ଭରେ? ସେ
ପରଶ ମଣି ସଦୃଶ୍ୟ ।।

ମନ ମଧ୍ୟେ ଥିବା କ୍ଳାନ୍ତି ଅବସାଦ
ମା' ପାଖେ ପଡେ ଧରା
ତାହାରି ସ୍ୱର୍ଶରେ ଦୂର ହୁଏ କ୍ଳାନ୍ତି
ସ୍ମୃତି ସିଏ ଅପାସୋରା ।।

ମା'ର ପଣତ ଶ୍ରୀମନ୍ଦିର ନେତ
ଛତ୍ରଛାୟା ଆମ ପାଇଁ
ବିପଦ ଆପଦୁ ଉଦ୍ଧାରିବା ପାଇଁ
ନିତି ବ୍ରତ କରୁଥାଇ ।।

ପେଟ ଚିହ୍ନି ଯିଏ ବାଢ଼ି ଦେଇ ଥାଏ
କେତେ ଭଲମନ୍ଦ ଦ୍ରବ୍ୟ
ମୁଣ୍ଡକୁ ଆଉଁସି ଆଶୀର୍ବାଦ କରେ
ଜିତାଏ ଜୀବନ ଯୁଦ୍ଧ ।।

ସାରା ଜୀବନରେ ଅରଜି ଅଛି ସେ
ପୂଣ୍ୟ ଫଳ? ତା'ର ଯେତେ
ପ୍ରତିବଦଳରେ ଆମ ସୁଖ ଚାହେଁ
ସହି ଝଡ ଝଞ୍ଜା କେତେ ।।

ପବିତ୍ର ପ୍ଲାବନୀ ତା' ଅମୃତ ବାଣୀ
ସେହି ଗୀତା ଭାଗବତ
ତା'ର ଉପଦେଶ ମୋ ଜୀବନ ମନ୍ତ୍ର
ଜପି ଜିତେ ମୁଁ ଜଗତ ।।

ଶୁଭ ମନାସେ ସେ ସନ୍ତାନ ପାଇଁକି
ଦୁଃଖ ଦୁର୍ଦ୍ଦଶାରେ ଥାଇ
ନିଜ କଥା ଟିକେ ଭାବିବାକୁ କୁହ
ତା' ପାଖରେ ବେଳ କାହିଁ ।।

ସରଗୁ ସୁନ୍ଦର ସାଗରୁ ଗଭୀର
ଅନାବିଳ ପ୍ରେମ ଯାର
ମା' ବୋଲି ତାକୁ କୁହେ ଏ ଜଗତ
ତା' ପାଦେ କୋଟି ନମସ୍କାର ।।


+ ଡିଏଭି ପବ୍ଲିକ ସ୍କୁଲ
ଭୁବନେଶ୍ୱର
(ମୋ) ୯୪୩୯୮୫୬୨୯୯


## ବିପର୍ଯ୍ୟସ୍ତ...

### ଆନନ୍ଦ କୁମାର ମାଇତି



ଆମ ସମ୍ପନ୍ନ ଦିନ
ସପ୍ରତିଭ ଅନ୍ଧକାରରେ
ବିପର୍ଯ୍ୟସ୍ତ ଏବେ!
ଖାଲ ଢିପ କାଦୁଆ ରାସ୍ତାଠୁ ଲାଗି
ରୋଗ ବୈରାଗ୍ୟରେ ଛଟପଟ
ଭୋକିଲା ଭିକାରୁଣୀ ଠାରୁ ଆରମ୍ଭ କରି
ବହୁ ଦୂରେ ଯାଇ କେବଳ
ପ୍ରାଚୀନ କଥାଟି ପରି
ଅବହେଳିତ ଅବସ୍ଥାରେ
ଗୋପବନ୍ଧୁର ଇଚ୍ଛା ସବୁ।
ଆମେ ଶହେରୁ ଶହେ ଲେଖୁଛୁ
ଅଥଚ ଅଧା ନିରକ୍ଷର
ମା ' ଶବ୍ଦଟି ଲେଖିବାରେ!
ସରା ଆକାଶ ନିର୍ମଳ କିନ୍ତୁ
ଅନେକ କଳା ଘୁମର ବାଦଲ ଏବେବି
ଆତ୍ମ ଗୋପନ କରି ପ୍ରସ୍ତୁତ
ଅନତି ଦିଗବଳରେ
କେବେ ରଚିବ ଅମାନୁଷିକ
ତାଣ୍ଡବର ଆକ୍ରମଣ।
ସେତ ଭୁଲ ନୁହେଁ,
ଥରେ ଅନୁଭବକୁ ଜାଗ୍ରତ କର, ଦେଖିବ
ଆମେ ଆମ ଭାଷାରେ କଥା ହେଲେବି
ଅଧା କଥା ପରର
ନିଜ ଜାତି କଥା ବୁଝିବାରେ ଅସମର୍ଥ।
ଏବେ ଆମେ ମେହନତ କରି
ନୂଆ ଗୁମ୍ଫା ଖୋଜୁଛୁ
ଲୁଚିଥିବା ଇତିହାସକୁ
ଖୋଲ୍ ତାଡ଼ କରିବାକୁ
ଆମ ଆଗିଲା ପିଢ଼ି
ପାଖେ ବା ମାରିବାକୁ।
କଣ୍ଟା ବାଢେ ଲୁଗା
ଶୁଖିବା ପୁରୁଣା କୌଶଳ
ପ୍ରଶିକ୍ଷଣ ଚାଲିଛି ରାସ୍ତାରେ
ଛୁରୀ ପୋତିବାର
ତା ପରେ ମୁକ ପାଲଟିଯିବା
ଗୋଟେ ସ୍ୱାର୍ଥ ପର ଦୁନିଆ
ଗଢ଼ିବା ପାଇଁ
ଏ ଏକ ନିହାତି ସର୍ବୋତ୍ତମ କଳ।
ଅମର ଆଉ ନିଜ୍ୱସ ବୋଲି କିଛି ନାହିଁ
ଅଥଚ ଏସବୁ ବିଷୟରେ
ଯିଏ ଜ୍ଞାନ ବତାଇବ
ସେଇ ମହାନ୍ ବର୍ଗ ସଭିଏଁ ବାଚାଳ।
ଯେତେ ଦୁଃଖ ବଖାଣୁଛ ବଖାଣ
ତୁମ ଦୁଃଖ ସବୁ ଉଡ଼ି ଯିବ
ଦକ୍ଷିଣା ପବନରେ।


+ଝାଟିପାରି, ଆମ୍ବିକି, ଏରସମା,
ଜଗତସିଂହ ପୁର
ମୋ ୯୪୩୯୦୭୭୩୯୫


## ଛବି...

### ରାଜେଶ ପୂଜାରୀ



ତୁମ ନାଁ ମହମ ନୁହେଁ
ନିଆଁ କି ଧୂଆଁ ଶତ୍ରୁ ନୁହନ୍ତି ତୁମର
ତଥାପି କେମିତି
ପହିଲି ଛୁଆଁରେ ହିଁ ନିଗିଡ଼ିଗଲେ
ଘୁଙ୍ଗୁରର ସବୁ ଶବ୍ଦ ?

ଅଚାନକ୍ ମୁକୁଳିଲେ ଯେତେ ଗଣ୍ଠି
ରୋକିଗଲେ ଭୂଖଣ୍ଡମପା ପାଦ
ବେଶ୍ ସତର୍କତାରେ
ଜହ୍ନ ତୋଳୁଥିବା ହାତ,

ବେଲଜ୍ଜା ଅନ୍ଧାର ବଳପୂର୍ବକ
ରଚିଲା କେମିତି
ନିର୍ବାସନର ଗୃହ
ଶୂନ୍ୟତାର ଓଢ଼ଣା ତଳେ
ତୁମେ ଛଟପଟ ଅହରହ !

ଏମିତି କେବେ ତ
ରୋକିନାହିଁ ପବନର ବାଟ
ଝଲମଲ ଆତ୍ମୀୟତାର କିରଣକୁ
କରିନ କପଟ
ଆଜି କାଇଁ ଫିଟୁନି କବାଟ
ମାରା ହେଉଛନ୍ତି ମନ ଭିତରେ ହିଁ
ସକଳ ଆକଟ,

ଥିଲ କୋଟି ହୃଦୟର ହସଫୁଲ
ମହକିତ ଋତୁ ଅମୂଲ ମୂଲ
ମାଟିର ବିଶ୍ୱାସ ମାଖୁଥିବା ପ୍ରଜାପତି
ପୁଣି ଆକାଶି ସପନ କୋଳ
କାହିଁକି ତୁମକୁ
ବାରଣ ଉଡ଼ାଣ ଗୀତ
ଗୁପତେ କରିଛି କେହି କି
ଡେଣାରେ ଆଘାତ ?

ଚର୍ଚ୍ଚା ଜୋର୍ ଏବେ
ସଭିଙ୍କ କଥା ବ୍ୟଥା ସବୁ
କାଗଜଗୁଳା କରି
ତାଙ୍କରି ଆଡ଼କୁ ଫିଙ୍ଗି ଦେଇ
ଚାରି କାନ୍ଥରେ ରକ୍ତରେ ଲେଖିଛ
ନିଜେ ନିଜଠୁ ହାରିଛି ବୋଲି

ତୁମରି ଲାଗି ହିଁ
ଅସଂଖ୍ୟ ଚଷମା ତଳେ
ଘୋଟିଛି ଶ୍ରାବଣ
ଉଦାସ୍ ଦିଶୁଛି ବିନ୍ଦାସ୍ ଦୁନିଆ
ଭାଙ୍ଗି ସାରିଛି କେତେ ବନ୍ଧ ବାଡ଼
ବୁଡ଼ି ସାରିଛି କେତେ ଗାଁ, ସହର

କିନ୍ତୁ ଏଯାଏଁ ମୁଁ ଭରସି ପାରୁନି
ପଥିହୀନ ଅଦୃଶ୍ୟ ରାକ୍ଷସ
ମାୟାରେ ଫାଶିଛି
ହଜାରେ ଛବିରେ ଯିଏ
ଭରୁଥିଲା ଜୀବନ
ତାକୁ ବି ଛବି ବନେଇଛି ?


କୁଶମେଲ, ଝାରସୁଗୁଡା
+୯୧୯୭୭୭୨୮୦୫୯୪


## କୁସୁମାଞ୍ଜଳି : ୦୨ଅଁ...

### ପୀତାମ୍ବରୀ ଦାଶ

ଅଁ
ମନ ଡାକବାଲା ହାତେ....ଅଁ
ମନ ଡାକବାଲା ହାତେ ଦେଉଛି ପତର
କାଳିଆ ମୋ ରାଣ ତୋତେ ଦେବୁରେ
ଉତ୍ତର ।୦।

ପ୍ରିୟ ମୋ କାଳିଆ ଧନ ଜୁହାର ଘେନିବୁ
ସୁଭଦରା-ବଳିଆଙ୍କୁ ଯଥା ଜଣାଇବୁ
ପାଖଲୋକ ଆଉ ଯେତେ ଥିବେ ତୋହର
ଜଣାଇବୁ ଦଣ୍ଡବତ ତାଙ୍କୁ ମୋହର ।।
କାଳିଆ ମୋ ରାଣ ତୋତେ.....

ଅବଢ଼ା ଅନ୍ନରେ ଧନ ଭାରି ମୋ ଶରଧା
ବେଶି ନାହିଁ ତୋ ଭାଗରୁ ରଖିଥିବୁ ଅଧା
ନାହିଁ ତ ଟଙ୍କ ତୋରାଣି ପିଇବି କିସ-
ସିନାନ ଉଦକୁ କିଛି ରଖିବୁ ତୋର ।।
କାଳିଆ ମୋ ରାଣ ତୋତେ.....

ମନ ଡାକବାଲା ବଡ଼ ଅଥୟ ଅଧୀର
ଚିଠି ତୋତେ ନ ଦେଇକି ହୋଇଲେ
ବାହାର
ଯାଉଁଳି ବେତରେ ତାକୁ ଦେବୁ ପାହାର
ଭାବିବୁନି କିଛି ଧନ,ନୁହେଁ ମୁଁ.. ପର ।।
କାଳିଆ ମୋ ରାଣ ତୋତେ........

କିସ ଆଉ ଚାଲିଛି ତୋ ମନ୍ଦିର ଭିତରେ
କିଛି ତ ପଡୁନି ଜଣା ରହି ଏ ବାହାରେ
ସତ ଭାଷା ଲେଖିବୁ,ନ ଭାବିକି ପର
ଇତି ତୋ ଜଣେ ଭକତ ରହୁଛି ଏଥରା।
କାଳିଆ ମୋ ରାଣ ତୋତେ......

## ଫେରି ଚାହିଁବାର ବେଳ...

### ଭରତ ଚନ୍ଦ୍ର ଦାଶ



ନିଦାଘର ନିର୍ଦ୍ଦୟତାର ଦାରୁଣ
ଆଘାତ ଆଉ ସହିପାରୁନି
ସମୟ। କେମିତି ସହିବ ଯେ
ସହିବାର ଶେଷସୀମା
କେବେ ଠୁଁ ଅତିକ୍ରମଣ କଲାଣି ସେ
କୁମାର, ମନୋଜ, ମହେନ୍ଦ୍ରଙ୍କ ପରେ
ଏବେ ସେ ତାଲିକାରେ ସନାତନ
ସତ୍ ଚିତ୍ ଆନନ୍ଦର ଅପରିସୀମ
ନାଁ ଟିଏ ସତ୍ୟ ପ୍ରେମ ଓ ଅହିଂସାର
ନାମ ଜପି ମହାମାନବ ଗାନ୍ଧୀଙ୍କର
ଭକ୍ତ ପାଲଟିଥିବା
ସନାତନର ମୃତ୍ୟୁ କାହିଁ ଯେ
ଶିକ୍ଷାବିତ୍ ର ସ୍ମୃତିଲିପିରେ
ସେ କାଳଜୟୀ ମରଣଜୟୀ
କାଳର କ୍ଷରଣରୁ ଝରୁଥିବା
ଅକ୍ଷର ରୂପରେ ଶବ୍ଦବ୍ରହ୍ମରେ
ସେ ବ୍ରହ୍ମଲୀନ ସନାତନ ମୁଦ୍ରାରେ।

ବାଣୀପୁତ୍ର ଅଧ୍ୟୟନ ଅଧ୍ୟାପନାରେ
ସଦା ନିବିଷ୍ଟ ଶୁକଦେବ ପରି
ନିର୍ବିକଳ୍ପ ସମାଧିରେ ଲୀନ
ବିଶ୍ୱର କଲ୍ୟାଣ ନିମିତ୍ତ ।
ଧର୍ମ ଅର୍ଥ କାମ ମୋକ୍ଷ
ଚତୁଃବର୍ଗ ସାଧନାରେ ସାଧନ ପୁରୁଷ
ଗାନ୍ଧୀବାଦ ଗାନ୍ଧୀବାଣୀ
ଗାନ୍ଧୀ ଆଦର୍ଶ ଚିନ୍ତନରେ
ଅର୍ଥନୀତି ଶାସ୍ତ୍ର ବିଶାରଦ
ବିଲାତର ଅର୍ଥନୀତିର ବିକାଶ
ପ୍ରଭାବିତ କରିଥିଲା ଶତ ଶତ
ଛାତ୍ରଛାତ୍ରୀ ଭବିଷ୍ୟତର ସମୁନ୍ନତି
ସୃଜନର ଶିକ୍ଷକ୍ଷେତ୍ରେ ସର୍ବଶ୍ରେଷ୍ଠ କୃତି।
ଧୀର ସ୍ଥିର ସ୍ଥିତପ୍ରଜ୍ଞ ସାହିତ୍ୟ ସଭାରେ
ଅବା ଗାନ୍ଧୀ ବିଚାର ମଞ୍ଚରେ
ସୁଚିନ୍ତିତ ଚିନ୍ତନରେ ବାନ୍ଧିଥିଲ
ଶ୍ରୋତୃମଣ୍ଡଳୀକୁ
ସ୍ୱଳ୍ପ କଥା ମିଷ୍ଟ ବକ୍ତବ୍ୟରେ
ଅଯଥା ଶବ୍ଦବ୍ୟୟ
ଦେଖିନାହିଁ ଭାଷଣ ପର୍ବରେ।
ରବୀନ୍ଦ୍ର ମୋହନ ଓ ସନାତନ
ଅପୂର୍ବ ଓ ଅନନ୍ୟ ସଂଯୋଗ
ଯାହା ବିଧି ନିର୍ଦ୍ଧାରିତ
ଥିଲେ ଦୁହେଁ ସଭାମଧ୍ୟେ
ସମୟ ହାର ମାନୁଥିଲା
ଗାନ୍ଧୀ ଆଦର୍ଶରେ
ବିଚାର ବିମର୍ଷରେ ସଭା ଭାରି ପଡୁଥିଲା ।
ଫେରି ଚାହିଁବାର ବେଳ
ସମୟ ବାରମ୍ବାର
ଚାହୁଁଥିଲା ଫେରି ନିଜର ସୃଷ୍ଟିକୁ।
ଚଉରାନବେଟି ବସନ୍ତ ବୈଶାଖ
ଅତିକ୍ରମ କରି ଜୀବନ ଚକ୍ରରେ
ବାହୁଡିଲ ନିଦାଘର ପୂର୍ବାହ୍ନରେ
ଅସହଣି ଦୁଃଖରେ କାନ୍ଦୁଅଛି କାଳ
ଆସ ଫେରି ଆଉଥରେ
ସେ ମୁହୂର୍ତ୍ତ ଡାକେ ହାତଠାରି
ଏବେ ପରା ଫେରି ଚାହିଁବାର ବେଳ ।


+ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା , ବାଲେଶ୍ୱର - ୭୫୬ ୧୨୬
ଭ୍ରାମ୍ୟଭାଷ - ୯୪୩୭୩୭୨୧୬୬

# ଶିଶୁଙ୍କୁ କରୋନା ସଂକ୍ରମଣରୁ ରକ୍ଷା ଲାଗି ଗଠନ ହେଲା କମିଟି

ଭୁବନେଶ୍ୱର,୧୭/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ବହୁ ଘାତକ ହେଉଛି। ଏଥିରେ ବେଶୀ ଶିଶୁ ଆକ୍ରାନ୍ତ ହେଉଛନ୍ତି।ଆକ୍ରାନ୍ତ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପାଇଁ ରାଜ୍ୟ ସରକାର କମିଟି ଗଠନ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କମିଟି ଗଠନ ହୋଇଛି। ଉଗରଞ୍ଜଙ୍କ ଅଧ୍ୟକ୍ଷତାରେ ୮ ଜଣିଆ କମିଟି ଗଠନ ହୋଇଛି। ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ କମିଟିର ସଦସ୍ୟ ଆବାହକ ରହିବେ। ଶିଶୁଙ୍କ କ୍ଷେତ୍ରରେ କରୋନା ସଂକ୍ରମଣ ବଢୁଥିବାରୁ କମିଟି ତର୍ଜମା କରିବ। ସେହିପରି ସମସ୍ତ ଘରୋଇ ଓ ସରକାରୀ ଚିକିତ୍ସା କେନ୍ଦ୍ରରେ ରହିବ ହେଲ୍ପ ଡେସ୍କ। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।ମହାମାରୀ କରୋନା ଦ୍ୱିତୀୟ ପର୍ଯ୍ୟାୟ ବେଶୀ ଭୟଙ୍କର ହେଉଛି। ଏଥିରେ ବହୁ ଶିଶୁ ଓ ଯୁବକମାନେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ଯେଉଁ ଶିଶୁଙ୍କର ରୋଗପ୍ରତିରୋଧ ଶକ୍ତି କମ୍ ସେମାନଙ୍କୁ କରୋନା ଆକ୍ରମଣ କରୁଛି। ଯାହା ଫଳରେ ସେମାନଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡୁଛି। ଅନେକାଂଶରେ ମେଡିକାଲ୍‌ରେ ପହଞ୍ଚିବା ପୂର୍ବରୁ ଶିଶୁଙ୍କର ମୃତ୍ୟୁ ଘଟୁଛି। ମାସେ ତଳେ କଳାହାଣ୍ଡି ଜିଲ୍ଲାରେ ଗୋଟିଏ ପରିବାର କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ଭିତରେ ଜଣେ ୧୫ ଦିନର ଶିଶୁ ଥିଲେ। ତାଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲ୍‌ରେ ଚିକିତ୍ସା କରାଯାଇଥିଲା। ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ୨୦ ପରେ ପରେ ଶିଶୁ ସୁସ୍ଥ ହୋଇଥିଲା।

# ମହାମାରୀ କରୋନାରେ ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ତରଫରୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୧୭/୫ (ନି.ପ୍ର): ମହାମାରୀ କରୋନା ସମଗ୍ର ଦେଶ ତଥା ରାଜ୍ୟରେ ଦିନକୁ ଦିନ ତାର କାୟା ବିସ୍ତାର କରିଚାଲିଛି। କରୋନାର କରାଳ ରୂପରେ ବହୁ ଲୋକଙ୍କୁ ଲୀନ କରିଦେଇଥିବା ବେଳେ ଏଥିରୁ ରକ୍ଷା ପାଇବା ପାଇଁ ଲୋକମାନେ ଏକ ପ୍ରକାର ଅସୁରକ୍ଷିତ ମନେ କରୁଛନ୍ତି। ଲୋକମାନେ ନିଜର ଜୀବନ ଜୀବିକା ହରାଇଥିବା ବେଳେ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ପରିବାରର ପ୍ରତିପୋଷଣ ପାଇଁ ଲୋକମାନେ ସଂଘର୍ଷ କରୁଥିବା ବେଳେ ଗରିବ, ନିରାଶ୍ରୟ ଲୋକମାନେ ଖାଇବାକୁ ନପାଇ ଡ଼ହଳ ବିକଳ ହେଉଛନ୍ତି। ଲୋକଙ୍କ ଏଭଳି ଦୟନୀୟ ଅବସ୍ଥାକୁ ହୃଦୟଙ୍ଗମ କରି ତୁଷାର ଚ୍ୟାରିଟେବୁଲ ଟ୍ରଷ୍ଟ ସହଯୋଗର ହାତ ବଢାଇଛି। ଟ୍ରଷ୍ଟର ସମ୍ପାଦକ ସମାଜସେବୀ ବିବେକାନନ୍ଦ ବାରିକଙ୍କ ନେତୃତ୍ୱରେ ସଭାପତି ଜିତେନ୍ଦ୍ର କୁମାର ଜେନା, ଶିବିର କୁମାର ପରିଡ଼ା, ସୁଷମାଦେଇ ମହାପାତ୍ର, ସଂଗ୍ରାମ ଜେନା, ବିକାଶ ବେହେରା, ପ୍ରଭାତୀ ବାରିକ, ମନୋଜ ମିଶ୍ର, ପରମେଶ୍ୱର ଦାଶ ଓ ଚନ୍ଦନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ମଇ ମାସ ୬ ତାରିଖ ଠାରୁ ରାଜଧାନୀରେ ଗରିବ ଓ ନିରାଶ୍ରୟ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇ ଆସୁଅଛି। ଏଥିସହିତ ଲୋକମାନଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ କରାଯାଇ କରୋନାରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି।

## ଓଡ଼ିଶାର ୨୩୨ ଷ୍ଟେସନରେ ୱାଇଫାଇ ସୁବିଧା

ଭୁବନେଶ୍ୱର,୧୭/୫ (ନି.ପ୍ର): ଦେଶର ୬ ହଜାର ରେଳ ଷ୍ଟେସନରେ ୱାଇଫାଇ ସୁବିଧା ଉପଲବ୍ଧ ହୋଇଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ସୁବିଧା ୫ ବର୍ଷ ମଧ୍ୟରେ ଏଭଳି ସଫଳତା ହାସଲ କରିଛି। ଝାଡ଼ଖଣ୍ଡର ହଜାରିବାଗ ଟାଉନ ଷ୍ଟେସନରେ ଗତକାଲି ୱାଇଫାଇ ସୁବିଧା ହେବା ସହ ୬ ହଜାର ମାଇଲ୍ ଖୁଣ୍ଟ ହାସଲ କରିଛି। ୫୯୯୯ତମ ଷ୍ଟେସନ ଭାବେ ଅନୁଗୁଳ ଜିଲ୍ଲା ଜରପଡା ଷ୍ଟେସନରେ ଗତକାଲି ଯାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଇଛି। ଏହାକୁ ମିଶାଇ ଓଡ଼ିଶାର ୨୩୨ଟି ଷ୍ଟେସନରେ ୱାଇଫାଇ ସୁବିଧା ହୋଇଛି। ମହାରାଷ୍ଟ୍ରରେ ସର୍ବାଧିକ ୫୫୦ ରେଳ ଷ୍ଟେସନରେ ଯାତ୍ରୀମାନେ ମାଗଣାରେ ୱାଇଫାଇ ପାଇ ପାରୁଛନ୍ତି। ଏହା ତଳକୁ ଆନ୍ଧ୍ର ପ୍ରଦେଶର ୫୦୯ ଷ୍ଟେସନକୁ ୱାଇଫାଇ କରାଯାଇଛି।




# ନର୍ସିଂ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମାଳତୀ ଦିଦିଙ୍କୁ ଶୁଭେଚ୍ଛା ଜଣାଇଲେ ଓ ଉନ୍ନତି କାମନା କଲେ

ଭୁବନେଶ୍ୱର,୧୭/୫ (ନି.ପ୍ର): ମହାମାରୀ କୋଭିଡ଼ ଭଳି ଏକ ଭୟଙ୍କର ଦୁଃସ୍ଥିତି ସମୟରେ ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟରତ ନର୍ସ (ସେବିକା)ମାନଙ୍କର ଭୂମିକା ଅତୁଳନୀୟ। ପରିବାରକୁ ଛାଡ଼ି ସେମାନେ ଯେପରି ମାସ ମାସ ଧରି ସଂକ୍ରମିତଙ୍କ ସେବାରେ ରାତିଦିନ ଖଟି ଚାଲିଛନ୍ତି ତାହା ଅନସ୍ୱୀକାର୍ଯ୍ୟ। ଜୀବନକୁ ବାଜି ଲଗାଇ ପ୍ରତିଟି ମୁହୂର୍ତ୍ତ ରୋଗୀ ସେବାରେ ଲାଗି ପଡ଼ିଥିବା ସେବିକାଙ୍କୁ ବିଶ୍ୱ ନର୍ସିଂ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ବ୍ୟକ୍ତିଗତ ଭାବେ ଫୋନ୍ କରି କଥା ହୋଇଛନ୍ତି। ତେବେ, ଏ କ୍ଷେତ୍ରରେ ସେବିକା ତଥା ରାଜ୍ୟ ନର୍ସିଂ ସଂଘର କାର୍ଯ୍ୟକର୍ତ୍ତା ମାଳତୀ ତ୍ରିପାଠୀଙ୍କ ସେବା ଅନନ୍ୟ। ୨୦୨୦ ମାର୍ଚ୍ଚ ମାସରୁ ଏଯାବତ୍ କଟକ ବଡ଼ ଡ଼ାକ୍ତରଖାନାରେ କୋଭିଡ଼ ସୁପରଭାଇଜର ଭାବରେ ସେ ସେବା ଯୋଗାଇ ଆସୁଛନ୍ତି। ଏହି ଦାୟିତ୍ୱ ସମ୍ପାଦନ ବେଳେ ନିଜର ଭଲ ପାଇବା ଓ ଭୟ ନକରି ସଂକ୍ରମିତଙ୍କୁ ଆପଣେଇ ନେବା ଫଳରେ ଅନେକଙ୍କର 'ମାଳତୀ ଦିଦି' ବହୁ ପରିଚୟର ପରିଧି ସୃଷ୍ଟି କରିପାରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନର୍ସିଂ ଦିବସ ଅବସରରେ ମାଳତୀଙ୍କୁ ଫୋନ୍ କରି ଶୁଭେଚ୍ଛା ଜଣାଇବା ସହ ତାଙ୍କ ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ନର୍ସିଂ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱାସ୍ଥ୍ୟ ବିଭାଗ ସଚିବ ଓ ନର୍ସିଂ ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ବହୁବର୍ଷ ଧରି ସେବିକାମାନେ ପ୍ରଶାସନିକ ଅବହେଳାର ଶିକାର ହୋଇ ଆସୁଥିଲେ। ମାତ୍ର ରାଜ୍ୟ ସରକାର ସମ୍ପ୍ରତି ସଂଘର ବହୁ ଦାବିକୁ ପୂରଣ କରିବା ସହ ଯଥା ସମ୍ମାନ ଦେଇଛନ୍ତି। ନର୍ସିଂ ସଂଘ ଏଥିନେଇ ଖୁସି ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନର୍ସିଂ ଅଧିକ୍ଷିକା ଲକ୍ଷ୍ମୀପ୍ରିୟା ମଲ୍ଲିକ, ସହ ନର୍ସିଂ ଅଧିକ୍ଷିକା ରୁକ୍ମଣୀ ବେହେରା ଓ ସଂଘ ପକ୍ଷରୁ ସଭାପତି ପ୍ରତିମା ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ଜେନା, ଆରତୀ ଖୁଣ୍ଟିଆ, ମିନତୀ ଦାସ ଓ ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲରେ ରହିବ ହେଲ୍ପ ଡେକ୍ସ

ଭୁବନେଶ୍ୱର,୧୭/୫ (ନି.ପ୍ର): ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲରେ ହେଲ୍ପ ଡେକ୍ସ ରହିବ । ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି । ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ରୋଗୀ ସଂପର୍କୀୟଙ୍କୁ ହେଲ୍ପ ଡେକ୍ସ ମାଧ୍ୟମରେ ସୂଚନା ମିଳିବ । ଏହି ହେଲ୍ପ ଡେକ୍ସ ୨୪ ଘଣ୍ଟିଆ କାମ କରିବ । ରାଜ୍ୟ ସରକାର ଲୋକଙ୍କ ପାଇଁ ହେଲ୍ପ ଡେକ୍ସ ଟୋଲ ଫ୍ରି ନମ୍ବର ଜାରି କରାଯିବ । ଏତଦ୍ ବ୍ୟତୀତ ହ୍ୱାଟସ୍ଆପ୍ ଜରିଆରେ ମଧ୍ୟ ଯୋଗାଯୋଗ କରିହେବ । ହେଲ୍ପ ଡେକ୍ସରେ ଏନ୍‌ଜିଓ ମାନଙ୍କର ସହାୟତ ନିଆଯିବ । ମୋଟାମୋଟି ଭାବେ ରୋଗୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି କାମ କରାଯିବ । ସୂଚନାଯୋଗ୍ୟ, କରୋନାର ୨ୟ ଲହର ପାଇଁ ରାଜ୍ୟରେ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ସଂକ୍ରମଣକୁ ମୁକାବିଲା କରିବା ନେଇ ସରକାର ବଡ଼ ବଡ଼ ପଦକ୍ଷେପ ନେଉଛନ୍ତି । ରୋଗୀଙ୍କ ଜୀବନ କିଭଳି ବଂଚାଯାଇ ପାରିବ ଏହାକୁ ପ୍ରାଥମିକତା ଦେଉଛନ୍ତି ।

# ସରକାରୀ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରୁନାହାଁନ୍ତି କର୍ତ୍ତୃପକ୍ଷ

ଭୁବନେଶ୍ୱର,୧୭/୫ (ନି.ପ୍ର): Law will take action it's own course ମୁଖ୍ୟମନ୍ତ୍ରୀ ବାରମ୍ବାର ଦୋହରାଉଥିବା ସମସ୍ତେ ଜାଣନ୍ତି। ଚାକିରିଆଙ୍କ କ୍ଷେତ୍ରରେ ଅନେକ ଆଇନ କେବଳ ବଡ଼ବଡ଼ିଆଙ୍କ ଉନ୍ନତି ପାଇଁ ସମୟ ମୁତାବକ କାର୍ଯ୍ୟକାରୀ ହୁଏ। ତଳିଆ କର୍ମଚାରୀମାନଙ୍କ ପାଇଁ ତାହା ଲାଗୁ ହେବା ଦୁରୁହ ବ୍ୟାପାର। ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ପଦୋନ୍ନତି, ବଦଳି, ବିଭିନ୍ନ ଅଭିବୃଦ୍ଧିର ମଞ୍ଜୁର, ବାର୍ଷିକ, ଦ୍ୱିବାର୍ଷିକ କାର୍ଯ୍ୟ ବଣ୍ଟନ, ସରକାରୀ ନିଯୁକ୍ତି କ୍ଷେତ୍ର ଭଳି ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗ ଚିଠି ସଂଖ୍ୟା ୩୭୮୩୫ ତା ୨୯.୧୨.୨୦୧୮ ମସିହାରେ ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ବିଭିନ୍ନ କ୍ୟାଡ଼ରରେ ପୁନଃଗଠନ ନିୟମ ତଳିଆ କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ କରିବାରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷ ଅତ୍ୟନ୍ତ ଉଦାସୀନ ମନୋଭାବ ପୋଷଣ କରିବା ଫଳରେ ଘୋଷିତ ଆଇନର ସୁଫଳ କର୍ମଚାରୀମାନେ ନ ପାଇ ଅବସର ନେଇ ଚାଲିଯାଉଛନ୍ତି। ରାଜ୍ୟରେ କାୟାବିସ୍ତାର କରିଥିବା କରୋନା ମହାମାରୀ କାଳରେ ମଧ୍ୟ ନିୟମିତ କାର୍ଯ୍ୟ କରିଚାଲିଥିବା (ଯଦିଓ କରୋନା ଯୋଦ୍ଧା ଘୋଷିତ ହୋଇନାହାଁନ୍ତି) ଟ୍ରେଜେରୀ କର୍ମଚାରୀ, ବିଭିନ୍ନ ଇଞ୍ଜିନିୟରିଂ କାର୍ଯ୍ୟାଳୟରେ କାର୍ଯ୍ୟରତ ଗ୍ରୁପ୍ 'ଗ' ଓ 'ଘ' କର୍ମଚାରୀମାନଙ୍କ କ୍ଷେତ୍ରରେ ଏହା ସାତସପନ ହୋଇ ରହିଆସିଅଛି। ହଜାର ହଜାର କର୍ମଚାରୀ ଅବସାଦଗ୍ରସ୍ତ ମନରେ ଅବସର ଗ୍ରହଣ କରି ଯାଉଛନ୍ତି। ଫଳରେ ସରକାରଙ୍କ ବିରୁଦ୍ଧରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। ଅଧିକ ବିଳମ୍ବ ହେବାକୁ ନଦେଇ ସରକାର ଏହି କ୍ୟାଡ଼ର ପୁନଃଗଠନ ଆଇନ କାର୍ଯ୍ୟ କରିବାକୁ ତୁରନ୍ତ ଦୃଷ୍ଟି ଦେଇ କ୍ୟାଡ଼ର ପୁନଃଗଠନ ହୋଇନଥିବା ଓ ପୁନଃଗଠନ ଅନୁଯାୟୀ ପଦୋନ୍ନତି ବ୍ୟବସ୍ଥାକୁ ଠିକ୍ ସମୟରେ କାର୍ଯ୍ୟକାରୀ ନ କରୁଥିବା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ସରକାରୀ କାର୍ଯ୍ୟରେ ଅବହେଳା ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା କାରଣରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପ୍ରକୃତ ଆଇନ ଅବଜ୍ଞାକାରୀ ଠକମାନେ ଧରାପଡ଼ନ୍ତେ। ଫଳତଃ ଲକ୍ଷ ଲକ୍ଷ କର୍ମଚାରୀ ସରକାରୀ ଘୋଷିତ ଆଇନର ସୁଫଳ ପାଇପାରନ୍ତେ ଓ 'ଆଇନ ତା ବାଟରେ ଯିବା' କଥା ସାକାର ହୁଅନ୍ତା ବୋଲି ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତିର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ରାଉତରାୟ, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନାମୟୀ ନାୟକ, ମହାସଚିବ ହୃଷୀକେଶ ମହାପାତ୍ର, ଅର୍ଥ ସଚିବ ହିମାଂଶୁ ଶେଖର ସୁବୁଦ୍ଧି ଓ ମୁଖ୍ୟାଳୟ ସଚିବ ପ୍ରଭାତ କୁମାର ପରିଡ଼ା ଦାବି କରିଛନ୍ତି।

# ଓଡ଼ିଶା ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତିର ନୂତନ କର୍ମକର୍ତ୍ତାଙ୍କୁ ସରକାରୀ ଅନୁମୋଦନ

ଭୁବନେଶ୍ୱର,୧୭/୫ (ନି.ପ୍ର): ଗତ ୧୯.୪.୨୦୨୧ ରିଖ ଦିନ ଉତ୍କଳ ସାମ୍ବାଦିକ ଭବନରେ ଓଡ଼ିଶା ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତିର ଏକ ସାଧାରଣ ସଭା ଭର୍ଚୁଆଲ ମୋଡ଼ରେ କୋଭିଡ଼ କଟକଣା ପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭା ପ୍ରସ୍ତୁତ କମିଟି ବୈଠକରେ ଅଧ୍ୟକ୍ଷ ବିଶିଷ୍ଟ ଶ୍ରମିନେତା ଶ୍ରୀ ସୁରେଶ କୁମାର ରାଉତରାୟ ପୌରହିତ୍ୟ କରିଥିଲେ। ବିଶିଷ୍ଟ ଶ୍ରମିକନେତା ତଥା ମାନ୍ୟବର ସାଂସଦ ଶ୍ରୀ ସୁବାସ ସିଂ ଏହି ସଭାରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଥିବାବେଳେ, ସ୍ୱନାମଧନ୍ୟ ପ୍ରାକ୍ତନ କର୍ମଚାରୀ ନେତା ଶ୍ରୀଯୁକ୍ତ ଦୁର୍ଗା ଚରଣ ନାୟକ ଏଥିରେ ମୁଖ୍ୟବକ୍ତା ଭାବେ ଓ ପ୍ରାକ୍ତନ କର୍ମଚାରୀ ନେତା ଶ୍ରୀ ପ୍ରଦୀପ୍ତ ଦାସ ସମ୍ମାନିତ ଅତିଥି ଏବଂ କର୍ମଚାରୀ ସଂଗ୍ରାମ ସମିତିର ବରିଷ୍ଠ ସଂଗଠକ ତଥା କାର୍ଯ୍ୟକାରୀ ମହାସଚିବ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମଲ୍ଲ ସଭାରେ ଉପସ୍ଥିତ ଥିଲେ।

ଶ୍ରୀମତୀ ନିର୍ମଳା ଧଳଙ୍କ ଅଧ୍ୟକ୍ଷତାରେ ଶ୍ରୀଯୁକ୍ତ ମଧୁସୂଦନ ଯାଦବ ସଦସ୍ୟ ଥାଇ, ଏକ ନର୍ବାଚନୀ କମିଶନ ଗଠନ କରାଯାଇ ଆଗାମୀ ତିନିବର୍ଷ ପାଇଁ ଏକ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଥିଲା ଏବଂ ଏହା ସହିତ ବିଭିନ୍ନ ଜିଲ୍ଲାରୁ ଜିଲ୍ଲାସ୍ତରୀୟ ସଦସ୍ୟ/ସଦସ୍ୟାଙ୍କୁ ନେଇ ୨୧ଜଣିଆ କର୍ମକର୍ତ୍ତା ଓ ୭୧ଜଣିଆ କାର୍ଯ୍ୟକାରୀ କମିଟି ଚୟନ କରାଯାଇଥିଲା।

ନିର୍ବାଚନ କମିଶନଙ୍କ ପ୍ରଦତ୍ତ ସୁପାରିଶ ଆଧାରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଓଡ଼ିଶା ରାଜ୍ୟ ସରକାରଙ୍କ ଗୃହ ବିଭାଗ ପତ୍ରାଙ୍କ ସଂଖ୍ୟା ୧୮୫୨୫ ତା ୧୨.୦୫.୨୦୨୧ରିଖ ଦ୍ୱାରା ଅନୁମୋଦନ ପ୍ରଦାନ କରିଥିବାରୁ କର୍ମଚାରୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି ଓ ରାଜ୍ୟ କର୍ମଚାରୀ ସଂଗ୍ରାମ ସମିତି ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି। ଆଶା କରାଯାଇଛି କି, ସରକାର ତୁରନ୍ତ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଜରିଆରେ ପୁଞ୍ଜିଭୂତ କର୍ମଚାରୀଙ୍କ ସମସ୍ୟାର ସମାଧାନ କରିବେ।

ମାନ୍ୟବର ସାଂସଦ ଶ୍ରୀଯୁକ୍ତ ସିଂହଙ୍କ ସମେତ ସମସ୍ତ ଅତିଥିମାନଙ୍କୁ ସଂଗ୍ରାମ ସମିତି ପ୍ରତି ସଦିଚ୍ଛା ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଛି ବୋଲି ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ରାଉତରାୟ ଓ ମହାସଚିବ ଶ୍ରୀଯୁକ୍ତ ହୃଷିକେଶ ମହାପାତ୍ର ପ୍ରକାଶ କରିଛନ୍ତି।

# ଗ୍ରାମାଞ୍ଚଳରେ ବ୍ୟାପୁଛି କରୋନା : ସତର୍କ ହେଲେ ସରକାର

ଭୁବନେଶ୍ୱର,୧୭/୫ (ନି.ପ୍ର): ଗ୍ରାମାଞ୍ଚଳରେ ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଗାଇଡ୍‌ଲାଇନ୍ ଜାରି କରିଛି। ଗ୍ରାମାଞ୍ଚଳ, ଆଦିବାସୀ ବହୁଳ ଓ ସହର ଉପକଣ୍ଠ ପାଇଁ ନୂଆ ଏସଓପି ଜାରି ହୋଇଛି। ସର୍ଭେଲାନ୍ସ, ସ୍କ୍ରିନିଂ ଓ ଆଇସୋଲେସନ ପ୍ରତି ଫୋକସ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶାକର୍ମୀଙ୍କ ଦ୍ୱାରା ସର୍ଭେଲାନ୍ସ କରିବାକୁ କୁହାଯାଇଛି। ଇଲି/ସାରି ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ସର୍ଭେଲାନ୍ସରେ ରଖିବାକୁ ଏସ୍‌ଓପିରେ କୁହାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କଠାରେ ରୋଗର ଲକ୍ଷଣ ଦେଖାଦିଏ, ତାହାହେଲେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଟେଲିକନସଲଟିଂ କରିବକୁ ପରାମର୍ଶ ଦିଆଯାଇଛି। ଗାଇଡ୍‌ଲାଇନ୍‌ରେ ଆହୁରି ମଧ୍ୟ କୁହାଯାଇଛି, ଜଟିଳ ରୋଗ/ଅକ୍ସିଜେନ କମ୍ ଥିଲେ ହସ୍ପିଟାଲ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇଲି/ସାରି ଓପିଡି ନିର୍ଦ୍ଦିଷ୍ଟ ସମୟରେ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଘଗଙ୍କୁ ରାପିଡ୍ ଆଣ୍ଟିଜେନ ଟେଷ୍ଟ ପାଇଁ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି। କୋଭିଡ୍ ପରିଚାଳନା ପାଇଁ ସାମନ୍ୟ ଲକ୍ଷଣ ଥିଲେ ଉଉଉ, ମଧ୍ୟମ ଲକ୍ଷଣ ପାଇଁ ଉଔଉ ଓ ଗୁରୁତର ରୋଗୀଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତିକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ହେଉଛି ଦେଶର ପ୍ରକୃତ ଅର୍ଥନୀତି। ଦେଶ କରୋନା ବିରୋଧରେ ଲଢ଼େଇ କରୁଥିବା ବେଳେ ଅର୍ଥନୀତିକୁ ଶକ୍ତି ଦେଇଥିଲା। ଏବେ ସେହି ଗାଁ ମହାମାରୀ କରୋନା ଦ୍ୱିତୀୟ ଲହରୀରେ ଶିକାର ହୋଇଛି। ଗ୍ରାମାଞ୍ଚଳରେ ପ୍ରତିଦିନ ଶହଶହ ଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଏହାଛଡ଼ା ଅନେକ ଲୋକ ଚିକିତ୍ସା ଅଭାବରୁ ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। କରୋନା ଟ୍ରେସିଂ ଓ ଚିକିତ୍ସା ହୋଇନପାରି ଲୋକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏନେଇ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାର ତତ୍ପର ହୋଇଛନ୍ତି। କରୋନା ବିରୋଧରେ ଲଢ଼େଇ କରିବା ପାଇଁ ପ୍ରସ୍ତୁତି କରିଛନ୍ତି ସ୍ୱତନ୍ତ୍ର ଏସ୍‌ଓପି। ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ କରୋନାରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪ ଜଣ ଥିବା ବେଳେ ଅନୁଗୋଳ ଓ ରାୟଗଡ଼ା ଜିଲ୍ଲାରୁ ୩ ଜଣ ଲେଖାଏଁ ଅଛନ୍ତି।

# କଳାକାରଙ୍କୁ ବକେୟା ଦେଉନି ସଂସ୍କୃତି ବିଭାଗ

ଭୁବନେଶ୍ୱର,୧୭/୫ (ନି.ପ୍ର): କୋଭିଡ୍ ଦ୍ୱିତୀୟ ଲହରରେ କଳାକାରମାନେ ଭୀଷଣ ଭାବେ ପ୍ରଭାବିତ ହୋଇଛନ୍ତି। ଏପ୍ରିଲ୍ ଦ୍ୱିତୀୟ ସପ୍ତାହରୁ ମଞ୍ଚ କାର୍ଯ୍ୟକ୍ରମ ସବୁ ବନ୍ଦ ହୋଇଯାଇଥିବାରୁ କଳାକାରମାନେ ପୁଣି ହାତ ବାନ୍ଧି ବସିଛନ୍ତି। ଏହି ଦୁର୍ଦ୍ଦିନରେ ରାଜ୍ୟ ସଂସ୍କୃତି ବିଭାଗ ସେମାନଙ୍କୁ ସହଯୋଗ କରିବା ବଦଳରେ ଦାଉ ସାଧୁଛି। କଳାକାରମାନଙ୍କ ବକେୟା ଅର୍ଥ ଦେଉ ନାହିଁ। ଫେବ୍ରୁଆରି ମାସରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ବିଭାଗକୁ ଟଙ୍କା ପାଇଁ ଦୌଡୁଥିଲେ ବି ମିଳୁ ନାହିଁ। ଏହାକୁ ନେଇ କଳାକାର ମହଲାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହୋତ୍ସବରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ଦଳ ପଠାଯାଏ। ଯେଉଁ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରନ୍ତି, ସେମାନେ ବିଭାଗରେ ଆବଶ୍ୟକ କାଗଜପତ୍ର ଦେଲା ପରେ ନିର୍ଦ୍ଧାରିତ ଦେୟ ପାଇଥା'ନ୍ତି। ବିଭାଗ ପକ୍ଷରୁ ସେହି ଅର୍ଥ ଆୟୋଜକଙ୍କୁ ଦିଆ ନ ଯାଇ ସାଂସ୍କୃତିକ ଦଳକୁ ଦିଆଯାଏ। ଏହାର ଉଦ୍ଦେଶ୍ୟ ହେଲା କଳାକାରମାନେ ସିଧାସଳଖ ଆର୍ଥିକ ସହାୟତା ପାଇପାରିବେ। ଗତ ଆର୍ଥିକ ବର୍ଷରେ କରୋନା ପାଇଁ ପ୍ରଥମ ୯ ମାସ କୌଣସି ସ୍ଥାନକୁ ସାଂସ୍କୃତିକ ଦଳ ପଠାଯାଇ ନ ଥିଲା। ୨୦୨୧ ଜାନୁଆରି ମାସରୁ ଏହା ଆରମ୍ଭ ହେଲା। ଫେବ୍ରୁଆରି ଓ ମାର୍ଚ୍ଚ ମାସରେ ଅଧିକ ସାଂସ୍କୃତିକ ଦଳ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନକୁ ଯାଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏପ୍ରିଲ୍ ପ୍ରଥମ ସପ୍ତାହରେ ମଧ୍ୟ କିଛି ସାଂସ୍କୃତିକ ଦଳ ପଠାଯାଇଥିଲା। ଏପ୍ରିଲ୍ ଦ୍ୱିତୀୟ ସପ୍ତାହରୁ କରୋନା କଟକଣା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ କରାଗଲା।

# ନବବଧୂ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁ ଅତ୍ୟନ୍ତ ଦାରୁଣ ଏହା କରୋନା ଚିକିତ୍ସାର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରୁଛି

## ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର,୧୭/୫ (ନି.ପ୍ର): ବାଲିପାଟଣାର ଗଡ଼ପାଳସାହି ଗ୍ରାମର ବେଣୁଧର ପାଳଙ୍କ ଝିଅ ସ୍ୱର୍ଣ୍ଣଲତା ଗତ ୨୮ ତାରିଖ ଦିନ ବିଷ୍ଣୁଙ୍କୁ ବିବାହ କରିଥିଲେ। କିଛିଦିନ ପରେ ତାଙ୍କୁ ଜ୍ୱର ହେଲା। ଘରେ ରହି ଔଷଧ ଖାଉଥିଲେ ସତ୍ତ୍ୱେ ବି ଜ୍ୱର କମିନଥିଲା। ଆଜି ହଠାତ୍ ସ୍ୱର୍ଣ୍ଣଲତାଙ୍କର ଅମ୍ଳଜାନସ୍ତର କମିଗଲା ଓ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ଘରଲୋକେ ତାଙ୍କୁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। କ୍ୟାପିଟାଲ ହସ୍ପିଟାଲ ତାଙ୍କୁ କଟକ ସ୍ଥାନାନ୍ତରିତ କରିବାକୁ ଉପଦେଶ ଦେଇଥିଲେ। ଘରଲୋକେ ତାଙ୍କୁ ଭୁବନେଶ୍ୱର ଆମ୍ରି, ଏମ୍‌ସ, ଏକ ଘରୋଇ କ୍ଲିନିକ୍ ପୁନଶ୍ଚ ଏମ୍‌ସ, ସମ୍ ଓ ଅଠାନ୍ତର ହସ୍ପିଟାଲ ଏହିପରି ଗୋଟିକ ପରେ ଗୋଟିଏ ହସ୍ପିଟାଲ ନେଇଥିଲେ ହେଁ ତାଙ୍କର କରୋନା ପରୀକ୍ଷା ରିପୋର୍ଟ ନଥିବା ଯୋଗୁ କେହି ରୋଗୀକୁ ଗ୍ରହଣ କରିନଥିଲେ। ଆମ୍ବୁଲାନ୍ସ ଭିତରେ ରୋଗୀ ସେହିଭଳି ଅବସ୍ଥାରେ ଦୀର୍ଘ ୯ ଘଣ୍ଟା ପଡ଼ିରହିବା ପରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସିଛନ୍ତି 'ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ' କିନ୍ତୁ ଦୁଃଖ ଓ ପରିତାପର କଥା ସ୍ୱର୍ଣ୍ଣଲତାଙ୍କୁ ଖୋଦ ରାଜଧାନୀରେ କୌଣସି ଡ଼ାକ୍ତରଖାନା ଚିକିତ୍ସା ସୁବିଧା ଯୋଗାଇ ଦେଲେନାହିଁ କିମ୍ବା ଅମ୍ଳଜାନ ଟିକେ ଦେଲେନାହିଁ। ଶେଷରେ ତାଙ୍କ ଜୀବନଦୀପ ଲିଭିଗଲା। ଯଦିଓ ସୁପ୍ରିମକୋର୍ଟ ନିକଟ ଅତୀତରେ କହିଛନ୍ତି ଯେ କରୋନା ପଜେଟିଭ ରିପୋର୍ଟ ନଥିଲେ କୌଣସି ରୋଗୀଙ୍କୁ ଡ଼ାକ୍ତରଖାନାମାନେ ଫେରାଇ ପାରିବେ ନାହିଁ। କିନ୍ତୁ ସ୍ୱର୍ଣ୍ଣଲତାଙ୍କ କ୍ଷେତ୍ରରେ ତାହା ଅନୁପାଳନ କରାଯାଇ ନାହିଁ। ଏହିସବୁ ଡ଼ାକ୍ତରଖାନା ଗୁଡ଼ିକ ତାଙ୍କୁ ମରଣ ମୁହଁକୁ ଠେଲି ଦେଇଛନ୍ତି। ତେଣୁ ସ୍ୱର୍ଣ୍ଣଲତାଙ୍କୁ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦାୟୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବୀ କରିଛନ୍ତି। ଏହା ବ୍ୟତୀତ ସ୍ୱର୍ଣ୍ଣଲତାଙ୍କ ପରିବାରଙ୍କୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଠାରେ ଉଲ୍ଲେଖଥାଉକି, ଏହି ଦାରୁଣ ଦୁଃସମ୍ବାଦଟି ଆଜି 'ସମ୍ବାଦ'ର ପ୍ରଥମ ପୃଷ୍ଠାରେ ପ୍ରକାଶିତ ହୋଇଛି ଯାହାକି ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ବିବେକକୁ ଦୋହଲାଇ ଦେବାଭଳି ଚିତ୍ରଟିଏ। ରାଜଧାନୀରେ କରୋନା ଚିକିତ୍ସା କିଭଳି ଚାଲିଛି ଏହା ତାହାର ଏକ ନମୂନା। ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ବେହେରା ତାଙ୍କ ଚିଠିରେ ମାନ୍ୟବର ମୁଖ୍ୟଙ୍କୁ ଅନୁରୋଧ କରିଛନ୍ତି।

# ଚୟନ ହେଲା ୯୬୨ ଖଣ୍ଡ ବହି, ସୁଦୃଢ଼ ହେବ ହାଇସ୍କୁଲ ପାଠାଗାର

ଭୁବନେଶ୍ୱର ,୧୭/୫ (ନି.ପ୍ର): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ପାଠାଗାର ସୁଦୃଢ଼ କରାଯିବ। ଛାତ୍ରଛାତ୍ରୀଙ୍କ ଲାଗି କେଉଁ ବହି କିଣାଯିବ, ସେନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତାଲିକା ପ୍ରକାଶ କରାଯାଇଛି। ଯେଉଁଥିରେ ୧୦ଟି ବର୍ଗର ୯୬୨ ଖଣ୍ଡ ପୁସ୍ତକ ରହିଛି। ଲେଖକ, ପ୍ରକାଶନୀ ସଂସ୍ଥା, କେଉଁ ବର୍ଷର ପବ୍ଲିକେସନ୍, ଦାମ କେତେ ରହିଛି ଆଦି ବିଷୟରେ ବି ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଛି। ବିଦ୍ୟାଳୟ ଅଧୀନରେ ଥିବା ପାଣ୍ଠିରୁ ପୁସ୍ତକଗୁଡ଼ିକ କ୍ରୟ କରାଯାଇ ପାଠାଗାରରେ ରଖାଯିବ। ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଏ ଦିଗରେ ପଦକ୍ଷେପ ନେବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପୁସ୍ତକ ତାଲିକା ଓ ଅତିରିକ୍ତ ନିର୍ଦ୍ଦେଶାବଳୀ ପ୍ରଦାନ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି। ଆହୁରି କୁହାଯାଇଛି ଯେ ଅନୁମୋଦିତ ପୁସ୍ତକ ତାଲିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ୨୦୧୮-୧୯ରେ ଅନୁମୋଦିତ ଓ ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ଇଂରାଜୀ ପୁସ୍ତକ ତାଲିକା ମଧ୍ୟ ୨୦୨୦-୨୧ ପାଇଁ ଉପଲବ୍ଧ ପାଣ୍ଠିରୁ କ୍ରୟ କରିପାରିବେ। ଏହାବ୍ୟତୀତ ଆଦର୍ଶ ବିଦ୍ୟାଳୟ ପାଇଁ ଉପଲବ୍ଧ ୨୦% ଅର୍ଥର ସୀମା ଅନୁଯାୟୀ ସେମାନଙ୍କ ସ୍ତରରେ ଉପଯୁକ୍ତ ଓ ଉପଯୋଗୀ ପାଠାଗାର ବହି ଚୟନ କରିପାରିବେ। ଏବେ ଅନୁମୋଦିତ ପୁସ୍ତକ ତାଲିକା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଦ୍ୟାଳୟରେ ରଖାଯାଇଥିବା ପାଣ୍ଠିରୁ କ୍ରୟ ପାଇଁ ଏବଂ ୨୦୧୮-୧୯, ୨୦୧୯-୨୦ରେ ଖର୍ଚ୍ଚ ହୋଇ ନଥିବା ବାଲାନ୍ସ କ୍ରୟ ପାଇଁ ପ୍ରଯୁଜ୍ୟ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ(ହାଇସ୍କୁଲ)ର ପାଠଗାରଗୁଡ଼ିକୁ ପୁଣିଥରେ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର କିଛି ମାସ ତଳେ ଅଣ୍ଟା ଭିଡ଼ିଥିଲେ। ପାଠାଗାର ଲାଗି କେଉଁ ସବୁ ବିଷୟର ପୁସ୍ତକ ଆବଶ୍ୟକତା ରହିଛି, କେମିତି ପୁସ୍ତକ କିଣାଯିବ, ସେନେଇ ଫେବ୍ରୁଆରି ମାସରେ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରକାଶ ପାଇଥିଲା। ପ୍ରକାଶନୀ ସଂସ୍ଥାମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଚୟନ କମିଟି ଗଠନ କରାଯାଇ ପୁସ୍ତକଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ତା' ପରେ କିଣିବା ଲାଗି ଅନୁମତି ପ୍ରଦାନ କରାଯାଇଛି।

# ଜିଲ୍ଲାରେ କରୋନା ପରିଚାଳନାରେ ତ୍ରୁଟି ଅଭିଯୋଗ

## ଭଞ୍ଜସେନାର ଶୀର୍ଷ କର୍ମକର୍ତ୍ତା ମାନଙ୍କ ଭର୍ଚ୍ଚୁଆଲ ମିଟ ତୁରନ୍ତ ୨ଟି ଅକ୍ସିଜେନ ପ୍ଲାଂଟ ସ୍ଥାପନ ସହ କୋଭିଡ ପରିଚାଳନାରେ ସ୍ୱଚ୍ଛତା ଦାବି

ବାରିପଦା,୧୭/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଦେଖା ଦେଇ ଥିବା ମହାମାରୀ କୋରନା ଜନିତ ଭୟାବହତା ଶିଖରରେ ପହଂଚିଲାଣି । କୋଭିଡ୍ ପରିଚାଳନା ଅଧିକାରୀ ମାନଙ୍କ ଦୋଷ ଦୁର୍ବଳତା ହେଉ କିମ୍ବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୟୂରଭଞ୍ଜ ପ୍ରତି ଅବହେଳା ଜନିତ କାରଣ ପାଇଁ ମୟୂରଭଞ୍ଜ ବାସୀ କୋରନାର କରାଳ ରୂପକୁ ସାମ୍ନା କରୁଛନ୍ତି। ଏଥିରେ ଜିଲ୍ଲାରେ ଥିବା ହାତଗଣତି କେତେଜଣ ବିଧାୟକ ଓ ସାଂସଦଙ୍କୁ ଛାଡି ଅନ୍ୟ ସମସ୍ତେ ହାତ ବାନ୍ଧି ବସି ଛନ୍ତି। ଜିଲ୍ଲାରେ ଅକ୍ସିଜେନ୍ ପ୍ଲାଂଟ ଟିଏ ନାହିଁ । ଯାହାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୁହାଳିଆ ନେତା ମାନେ ଜିଲ୍ଲାରେ ରାଜନୀତି କରଣ କରିବା ଆରମ୍ଭ କରି ଦେଲେଣି। ସେହିପରି ଜିଲ୍ଲାରେ ଥିବା ବାଙ୍କିଶୋଳ ସମେତ ସମସ୍ତ କୋଭିଡ୍ ହସ୍ପିଟାଲ ସିସିସି ସେଂଟର ମାନଙ୍କରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବା, କୋଭିଡ୍ ହସ୍ପିଟାଲ୍ ମାନଙ୍କରେ ରୋଗୀ ମାନଙ୍କୁ ଉନ୍ନତ ଚିକିତ୍ସା ଓ ଚିକିତ୍ସିତ ହେଉଥିବା ରୋଗୀଙ୍କ ବାବଦରେ ସଠିକ ଖବର ପରିବାର ଲୋକଙ୍କୁ ପ୍ରଦାନ କରାଯିବା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାବୀରେ ସୋମବାର ଦିନ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନାର ଏକ ପ୍ରତିନିଧୀ ମଣ୍ଡଳୀ କୋଭିଡ୍ ପରିଚାଳନା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବ ବୋଲି ଜଣା ଯାଇଛି। ଏହା ସହିତ ଉକ୍ତ ଦାବୀ ଗୁଡିକୁ ସମର୍ଥନ କରୁଥିବା ଜିଲ୍ଲାର ସମସ୍ତ ଯୁବଛାତ୍ର, ମହିଳା ଓ ସଚେତନ ବ୍ୟକ୍ତି ବିଶେଷ ଆସନ୍ତା ବୁଧବାର ସଂଧ୍ୟା ୭ ରୁ ୭.୩୦ ମଧ୍ୟରେ ନିଜ ଘରେ ବସି ଏହି ୩ ଦଫା ଦାବୀ ସମ୍ବଳିତ ପ୍ଲାକାର୍ଡ ଧରି ଧାରଣାରେ ବସିବାକୁ ଭଞ୍ଜସେନା ପକ୍ଷରୁ ଅପିଲ କରାଯାଇଛି। ଆଜି ଏହି ପ୍ରସଙ୍ଗରେ ଭଞ୍ଜସେନାର ବରିଷ୍ଠ କର୍ମକର୍ତ୍ତାଙ୍କ ଏକ ଭର୍ଚ୍ଚୁଆଲ୍ ମିଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଞ୍ଜସେନାର ପ୍ରତିଷ୍ଠାତା ତଥା ଉତ୍ତର ଓଡିଶା ବିକାଶ ପରିଷଦର ସଭାପତି କଳିଙ୍ଗ କେଶରୀ ଜେନା, ଭଞ୍ଜସେନାର ଅଧକ୍ଷ୍ୟ ସତ୍ୟ ସ୍ୱରୂପ ଦାସ, କାର୍ଯ୍ୟକାରୀ ଅଧକ୍ଷ୍ୟ ରାକେଶ ସିଂ, ଉପାଧକ୍ଷ୍ୟ ନିମାଁଇ ତ୍ରିପାଠୀ, ଭଞ୍ଜସେନାର ସଭାପତି ପିଂଟୁ ମାଇତି, ଜିଲ୍ଲା ମହିଳା ଶାଖା ସଭାପତି ଚନ୍ଦନା ଦାସ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ୍ ହାଂସଦାଃ, ଯୁବ-ଛାତ୍ର ସଂଯୋଜକ ରାକେଶ୍ ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର ପାଲ, ବାମନ ଘାଟୀ ଉପଖଣ୍ଡ ସଭାପତି ସୌମିତ୍ ବଳ, ପଂଚପୀଢ ଉପଖଣ୍ଡ ସଭାପତି ଦକ୍ଷିଣା ମହାନ୍ତ, କପ୍ତିପଦା ଉପଖଣ୍ଡ ସଭାପତି ରବିନ୍ ମହାନ୍ତି, ଯୁବ ସଭାପତି ମାନସ୍ ବେହେରା, ଛାତ୍ର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ସଂପାଦକ ଏସ୍.କେ ରାଜା ଖାନ, ସାଂଗଠନିକ ସମ୍ପାଦକ ଧନଞ୍ଜୟ ସାହୁ, ମହିଳା ସାଂଗଠନିକ ସମ୍ପାଦକ ତଥା ମହିଳା ଶାଖା ମୁଖପାତ୍ର ସୁକନ୍ୟା ବାନାର୍ଜୀ ପ୍ରମୁଖ ସାମିଲ ହୋଇଥିଲେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

# ସାପ୍ତାହିକ ହାଟରେ ସାମାଜିକ ଦୂରତାକୁ ଫୁ : ଗ୍ରାମାଞ୍ଚଳରେ ଲକ୍‌ଡାଉନ୍‌ର ନାହିଁ ପ୍ରଭାବ



ଜଳେଶ୍ୱର,୧୭/୫ (ନି.ପ୍ର) : କରୋନାର ୨ୟ ଲହର ଥୟ ଧରୁନଥିବା ବେଳେ ସରକାରୀ ନିୟମକୁ ଅମାନିଆମାନେ ମାନୁନଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲାର ଜଳେଶ୍ୱର ପୌରାଞ୍ଚଳରେ ପ୍ରତ୍ୟେକ ସୋମବାର ସାପ୍ତାହିକ ହାଟ ବସେ । ଲକ୍‌ଡାଉନ୍‌ର ୧୩ ଦିନ ପରେ ବି ଅମାନିଆମାନେ ହାଟରେ ଗଳହି କରିବା ସହିତ ସାମାଜିକ ଦୂରତାକୁ ଫୁ କରିଥିବା ଦେଖିବାକୁ ମିଳିଛି । ଏହି ହାଟ ଉପରେ ୫ଟି ବ୍ଲକର ଲୋକମାନେ ନିର୍ଭର କରନ୍ତି । ଏହି ହାଟ ପଶ୍ଚିମବଂଗ ଉପାନ୍ତରେ ବସୁଥିବାରୁ ପଶ୍ଚିମମେଦନୀପୁର ଓ ପୂର୍ବ ମେଦିନୀପୁର ଜିଲାର ବହୁ ବ୍ୟବସାୟୀ ଏଠାକୁ ଆସୁଥିବା ଦେଖିବାକୁ ମିଳିଛି । ଏବେବି ମଧ୍ୟ ପଶ୍ଚିମବଂଗରୁ କିଛି ଗଳା ରାସ୍ତା ଏବଂ ଜମିହିଡ ରାସ୍ତାରେ ପ୍ରତ୍ୟେକଦିନ ଶହ ଶହ ଲୋକ ଜଳେଶ୍ୱର ଆଖାପାଖ ଅଂଚଳକୁ ଅନୁପ୍ରବେଶ କରୁଛନ୍ତି ଯାହାକୁ ରୋକିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ହୋଇଛି । ଫଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବଢି ଚାଲିଛି । ଏପରିକି ଗ୍ରାମାଞ୍ଚଳରେ ଅମାନିଆମାନେ ଗାଁ ମୁଣ୍ଡ ଦୋକାନରେ ବିନା ମାସ୍କରେ ଏକତ୍ରୀତଭାବେ ବସି ଖଟି କରିବା, ତାସ୍‌ପାଲି ଖେଳିବା ଇତ୍ୟାଦି ଚାଲୁ ରଖିଛନ୍ତି । କୋରାନାର ପ୍ରଥମ ଲହରେ ଗ୍ରାମାଞ୍ଚଳର ଲୋକେ ଯେତିକି ସଚେତନ ହେଉଥିଲେ ଏବେ ସେତିକି ତତ୍ପରତା ହେଉନଥିବା ଦେଖିବାକୁ ମିଳିଛି । ଆକ୍ରାନ୍ତମାନେ ହୋମ ଆଇସୋଲେସନରେ ରହୁଥିଲେ ମଧ୍ୟ ଗ୍ରାମ୍ୟ ରାସ୍ତାରେ ଚଳପ୍ରଚଳ ହେବା, ତାଙ୍କ ପରିବାରର ଲୋକମାନେ ମନଇଛା ସମସ୍ତଙ୍କ ସହିତ ମିଳାମିଶା କରୁଥିବାରୁ ସଂଖ୍ୟା ବଢିବାରେ ଲାଗିଛି । ଯଦି ଏପରି ଚାଲେ ତେବେ ପରିସ୍ଥିତି ଅସମ୍ଭାଳ ହେବାର ସମ୍ଭାବନା ରହିଛି ବୋଲି ସଚେତନ ନାଗରିକ ମାନେ ମତବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ଆଜି ରବିନ୍ଦ୍ର ପାତ୍ରଙ୍କ ସହିତ କେତେକ ସମାଜସେବୀ ବାଲେଶ୍ୱର ଏସ୍‌ପିଙ୍କୁ ଟୁଇଟ୍ କରି ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି ।

# ୨୪ ଘଂଟାରେ ସୁସ୍ଥ ହେଲେ ୧୧୮୨୧

ଭୁବନେଶ୍ୱର,୧୭/୦୫(ନି.ପ୍ର): ରାଜ୍ୟରେ ଆଜି ୧୧ ହଜାର ୮୨୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୨୬ ହଜାର ୩୫୩କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଏଥିରେ ସୁନ୍ଦରଗଡ଼ରୁ ଜିଲ୍ଲାରୁ ସର୍ବାଧିକ ୧୯୨୧ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଖୋର୍ଦ୍ଧାରୁ ୧୫୯୬, କଟକରୁ ୧୦୫୨, କଳାହାଣ୍ଡିରୁ ୫୭୫, ଅନୁଗୁଳରୁ ୫୬୨, ସମ୍ବଲପୁରରୁ ୫୩୩, ବରଗଡ଼ରୁ ୪୫୭, ଝାରସୁଗୁଡାରୁ ୪୪୨, ପୁରୀରୁ ୪୩୩, ବଲାଙ୍ଗୀରରୁ ୩୧୮, ନବରଙ୍ଗପୁରରୁ ୩୧୬, କେନ୍ଦୁଝରରୁ ୩୧୫, ବୌଦ୍ଧରୁ ୨୭୮, ବାଲେଶ୍ୱରରୁ ୨୬୦, ଯାଜପୁରରୁ ୨୩୭, ଗଂଜାମରୁ ୨୩୩, ନୂଆପଡାରୁ ୨୨୯, କେନ୍ଦ୍ରାପଡାରୁ ୨୦୩, ଦେଓଗଡ଼ରୁ ୧୯୯, ମୟୁରଭଞ୍ଜରୁ ୧୭୯, ନୟାଗଡ଼ରୁ ୧୭୪, ଜଗତସିଂହପୁରରୁ ୧୪୨, ରାୟଗଡାରୁ ୧୩୭, ସୋନପୁରରୁ ୧୩୪, ଢେଙ୍କାନାଳରୁ ୧୨୯, ଗଜପତିରୁ ୧୨୦, କୋରାପୁଟରୁ ୧୨୦, କନ୍ଧମାଳରୁ ୮୫, ଭଦ୍ରକରୁ ୮୩, ମାଲକାନଗିରିରୁ ୫୮ ଏବଂ ଷ୍ଟେଟ ପୁଲରୁ ୩୦୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

# ସହକାରୀ ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ



ଜଳେଶ୍ୱର,୧୭/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଧାନ ଶିକ୍ଷକ ଗଂଗାଧର ଜେନା (୫୬)ଙ୍କ ଆଜି ପରଲୋକ ହୋଇ ଯାଇଛି । ଗତକାଲି ସଂଧ୍ୟାରେ ସାମାନ୍ୟ ଅସୁସ୍ଥ ହେବାପରେ ଆଜି ସକାଳେ ତାଂକୁ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଆମ୍ବୁଲାନ୍ସରେ ଗଲାବେଳେ ଜାତୀୟ ରାଜପଥ ହଳଦୀପଦାଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପ୍ରଥମେ ଆମ୍ବଳିଅଠା ଉପ୍ରା ବିଦ୍ୟାଳୟରେ ଚାକିରୀ ଆରମ୍ଭ କରିଥିଲେ ମଧ୍ୟ ସେ ନଛିମପୁରରେ ଜଣେ ଦକ୍ଷ ବିଏଲଓ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ଘର ଦେଉଳା ଗ୍ରାମର ହୋଇଥିବା ବେଳେ ତାଙ୍କର ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି । ତାଙ୍କର ମୃତ୍ୟୁଖବର ପ୍ରଚାରିତ ହେବାପରେ ସ୍କୁଲ ଚେୟାରମ୍ୟାନ୍ ସତ୍ୟବ୍ରତ ରାଜ, ଚିତ୍ତରଂଜନ ପରିଡା, ପ୍ରମୋଦ ପରିଡା, ବସନ୍ତ ଜେନା ଓ ଓଷ୍ଟା ଜଳେଶ୍ୱର ଶାଖାର ବହୁ ନେତାମାନେ ଶୋକବ୍ୟକ୍ତ କରିଛନ୍ତି ।

# ରାଜଧାନୀରେ ୨୪ ଘଂଟାରେ ୮୬୪ ପଜିଟିଭ୍

ଭୁବନେଶ୍ୱର,୧୭/୦୫ (ନି.ପ୍ର): ଗତକାଲି ଭୁବନେଶ୍ୱରରେ ରେକର୍ଡ ସଂଖ୍ୟାରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋମବାର ଏହିସଂଖ୍ୟା ହ୍ରାସ ପାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ୧୩୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୋମବାର ୮୬୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୩୪ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୭୩୦ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୩୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡ ଟାଉନ୍ ରୁ ୩୫ ଜଣ, ଖଣ୍ଡଗିରିରୁ ୩୧,ନୟାପଲ୍ଲୀରୁ ୨୭ଜଣ, ପଟିଆରୁ ୨୩ ଜଣ, ଚନ୍ଦ୍ରଶେଖରପୁରରୁ ୨୩, ରସୁଲଗଡରୁ ୨୧, ଲକ୍ଷ୍ମୀସାଗରରୁ ୧୫ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ସୁନ୍ଦରପଦାରୁ ୯, ପାତ୍ରପଡା, ରସୁଲଗଡ ଓ ସହୀଦ ନଗରରୁ ୮ ଜଣ ଲେଖାଏଁ, ପଟିଆଓ ନୟାପଲ୍ଲୀରୁ ୭ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି।

# ରାତି ପାହିଲେ ମଙ୍ଗନ : ସଡକ ଦୁର୍ଘଟଣାରେ ଚାଲିଗଲା ବରର ଜୀବନ



ବାଲିଆପାଳ,୧୭/୦୫ (ନି.ପ୍ର): ରାତି ପାହିଲେ ମଙ୍ଗନ ।ଆଉ ଆସନ୍ତା ୧୯ ତାରିଖରେ ବାହାଘର ।ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ।ମାର୍ଚ୍ଚ ମାସ ୫ ତାରିଖରୁ ସରିଥିଲା ନିର୍ବନ୍ଧ ।କମ୍ପାନୀର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ପୁଅର ବାହାଘର ଧୁମ ଧାମରେ କରିବା ପାଇଁ ବର ସମେତ ପରିବାର ପକ୍ଷରୁ କଟକଣା କୋହଳକୁ ଅପେକ୍ଷା କରିଥିଲେ । ଶେଷରେ କଟକଣା ଭିତରେ ଆସନ୍ତ । ୧୯ ତାରିଖରେ ବାହାଘର ପାଇଁ ନିଷ୍ପତ୍ତି ହୋଇଥିଲା । ଆଜି ବାହାଘର ପାଇଁ ବର ଜଣଙ୍କ କିଛି ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ବାଲେଶ୍ୱର ଯାଇ ଫେରୁଥିବା ବେଳେଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଚାଲିଯାଇଛି ବରର ଜୀବନ ।ବୋହୁ ଆସିବା ଖୁସିରେ ମାତିଥିବା ପରିବାରକୁ ପୁଅର ଶବ ଫେରିବା ପରେ ଶୋକର ଛାୟାଖେଳିଯାଇଛି ।ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲିଆପାଳ ଥାନା ଖଗଡାପାଳ ଗ୍ରାମରେ । ମୃତ ଯୁବକ ଜଣଙ୍କ ହେଲେ ବାଲିଆପାଳ ଥାନା ଖଗଡାପାଳ ଗ୍ରାମର ଅଶୋକ କୁମାର ଦାସଙ୍କ ମଧ୍ୟମପୁତ୍ର ତପନ କୁମାର ଦାସ । ତପନ ଏକ କମ୍ପାନୀର ମ୍ୟାନେଜର ଭାବେ କାର୍ଯ୍ୟକରୁଥିଲେ ।ଆସନ୍ତା ୧୯ ତାରିଖରେ ତାଙ୍କର ବାହାଘର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ଆଜି ବାହାଘର ରିସେପସନରେ ବନ୍ଧୁ ବାନ୍ଧବଙ୍କ ପାଇଁ ମାସ୍କ, ଟୋପି କିଣିବା ସାଙ୍ଗକୁ ପାର୍ଲରକୁ ଯାଇ ଫେରିବା ପାଇଁ ତାଙ୍କର ଜଣେ ସାଙ୍ଗ ରେମୁଁ ଗ୍ରାମର ସୁବ୍ରତ ଦାସଙ୍କ ସହ ଏକ ବାଇକରେ ବାଲେଶ୍ୱର ଯାଇଥିଲେ । ବାଲେଶ୍ୱରରୁ କାମସାରି ଘରକୁ ଫେରୁଥିବା ବେଳେ ସୁବ୍ରତ ବାଇକ ଚଳାଉଥିଲେ ଏବଂତପନ ପଛରେ ବସିଥିଲେ ।ନିଧି ପଣ୍ଡା ଛକ ନିକଟରେ ଏକ କାର ହଟାତ ତାଙ୍କ ଗାଡି ଆଗରେ ବୁଲିଦେବାରୁ ବାଇକଟି କାରରେ ବାଡେଇଯାଇଥିଲା । ଘଟଣା ସ୍ଥଳରେ ଉଭୟ ଛିଟିକି ପଡିଥିଲେ । ତେବେ ସୁବ୍ରତଙ୍କର ଗୋଡରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ତପନଙ୍କ ମୁଣ୍ଡରେ ଗଭିର ଆଘାତ ଲାଗି ନାକଦେଇ ରକ୍ତସ୍ରାବ ହୋଇଥିଲା ଘଟଣା ସ୍ଥଳରେ ତପନର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ସ୍ଥାନୀୟ ପୋଲିସ ବାଇକ ଏବଂ କାରକୁ ଜବତ କରିବା ସହ ସୁବ୍ରତ ଏବଂ ତପନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ସନ୍ଧ୍ୟାରେ ଶବ ବ୍ୟବ ଛେଦ ପରେ ତପନର ମୃତ ଦେହ ଗ୍ରାମରେ ପହଂଚିବା ପରେ କାନ୍ଦ ବୋବାଳିରେ ଅଞ୍ଚଳ ଫାଟି ପଡିଥିଲା ।

# ଆର୍ଟ ଅଫ ଗିଭିଂ ଦିବସରେ ଅସହାୟଙ୍କୁ ସହାୟତା

ବାଲେଶ୍ୱର,୧୭/୦୫ (ନି.ପ୍ର): କିଟ ଓ କିସର ପ୍ରତିଷ୍ଠାତା ତଥା କନ୍ଧମାଳ ରାଜ୍ୟସଭା ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଂ ଦିବସ ପାଳନ ଅବସରରେ ଭୁବନେଶ୍ୱରର କିଟ ସ୍କୁଲ ଅଫ ଆର୍କିଟେକ୍‌ଚର ପକ୍ଷରୁ ବାଲେଶ୍ୱରରେ ତାଲାବନ୍ଦ ପ୍ରଭାବିତ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲା ଖନ୍ତାପଡ଼ା ଓଲିଆପାଟଣା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ 'କିଟ ସ୍କୁଲ ଅଫ ଆର୍କିଟେକ୍‌ଚର'ର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଏସଏସ ରାୟ ଓ ପ୍ରଶାସନିକ ଅଧିକାରୀ ଅଭିନନ୍ଦନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ଗରିବ ଲୋକଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଥିଲା । ତାଲାବନ୍ଦ କଟକଣା ପ୍ରଭାବରେ ଜୀବିକା ହରାଇଥିବା ଗରିବ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ସହ ମାସ୍କ, ସାନିଟାଇଜର ଓ ସାବୁନ ପ୍ରଭୃତି ପ୍ରଦାନ କରାଯାଇଥିଲା । ସମାଜସେବୀ ଦେବେନ୍ଦ୍ର ସାହୁ ଓ ଗୌତମ ଜେନା ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ପ୍ରତାପପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପାଇଁ ଲାଂଚ ନେବା ଘଟଣାର ତଦନ୍ତକଲେ ଡି.ଏମ.ଓ

ବାଲିଆପାଳ,୧୭/୦୫ (ନି.ପ୍ର): ବାଲିଆପାଳ ବ୍ଲକର ପ୍ରତାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟୀକା ପାଇଁ ଲୋକଙ୍କ ଠାରୁ ଲାଂଚ ନିଆଯାଉଥିବା ଘଟଣାରେ ଆଜି ବାଲେଶ୍ୱର ସିଡିଏମଓ ଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଡି.ଏମ.ଓ ଡାକ୍ତର ଶଶାଙ୍କ ଚୌଧୁରୀ ସହ ଏକ ଟିମ ଆଜି ପ୍ରତାପୁର ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଘଟଣାର ତଦନ୍ତ କରିଛନ୍ତି ।ଏହି ଘଟଣାର ଭାଇରାଲ ଭିଡିଓ ଆଧାରରେ ଲାଂଞ୍ଚ ନେଉଥିବା ଦସ୍ୱବ ଠିକା କର୍ମଚାରୀ, ଡାକ୍ତରଖାନାର ଷ୍ଟାଫ ଏବଂ ସ୍ଥାନୀୟ କିଛି ଜନସାଧାରଣଙ୍କୁ ପଚରା ଉଚୁରାକରି ଫେରିଛନ୍ତି ।ଡ. ଚୌଧୁରୀ ଏହି ତଦନ୍ତ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ପ୍ରତାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଟୀକା ଦେବାର ଆଗଦିନ ଶହ ଶହ ଲୋକ ରାତି ସାରା ଅନିଦ୍ରା ରହି ଟୀକା ନେବା ପାଇଁ ଲାଇନରେ ଛିଡା ହେବାକୁ ପଡୁଥିଲା । ଏହାରି ସୁଯୋଗରେ ଡାକ୍ତରଖାନାର ଠିକା କର୍ମଚାରୀ ଦିନବନ୍ଧୁ ଜେନା ଏବଂ ଅନ୍ୟ ଜଣେ ଡାକ୍ତରଖାନାର ଠିକା କର୍ମଚାରୀ ବଟକୃଷ୍ଣ ପାଣିଗ୍ରାହୀଙ୍କ ପୁଅ ବଂଟି ଅର୍ଥ ନେଇ ଆଗୁଆ ଟୀକା ଦେବା ପାଇଁ ଲୋକଙ୍କ ନାମ ପଞ୍ଜୀକରଣ କରୁଥିବା ଭିଡିଓ ଭାଇରାଲ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ....

ଚପଲ, ଛତା, ଟର୍ଚ୍ଚ ଓ କପ୍ ବୋର୍ଡ ଆଦି ପାଇଁ ଏକକାଳୀନ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଲକ୍‌ଡାଉନ କାର୍ଯ୍ୟକାରୀ କରିବା ଏବଂ ଗାଁର ଆବଶ୍ୟକତାକୁ ଦେଖି ଗାଁରେ ଟିଏମସି ଖୋଲିବା ବିଷୟ ନେଇ ସରପଂଚମାନେ ସେମାନଙ୍କର ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରିପାରିବେ। ଅପରପକ୍ଷରେ ରାଜ୍ୟରେ ଅକସିଜେନ ପରିଚାଳନା ବ୍ୟବସ୍ଥା ସୁଦୃଢ କରିବା ଏବଂ ଏଥିପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ଏକ ଟାକ୍‌ସଫୋର୍ସ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କରୋନା ସମ୍ପର୍କିତ ସଚେତନତାର ବାର୍ତ୍ତା ଲୋକଙ୍କୁ ପାଖରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ ବିଧାୟକ ମାନଙ୍କୁ ପରାମର୍ଶ ଦେବା ସହିତ କୋଭିଡ ପରିଚାଳନା କାର୍ଯ୍ୟ ବିଶେଷତଃ, ମିଶନ ଶକ୍ତି ଗ୍ରୁପ ଠାରୁ କିଣି ଗରିବ ଲୋକଙ୍କୁ ମାସ୍କ ବାଂଟିବା ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କରୋନା ବିରୋଧରେ ଲଢେଇକୁ ଆହୁରି ମଜବୁତ କରିବା ପାଇଁ ବାଚସ୍ପତିଙ୍କ ଅଧକ୍ଷତାରେ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଓଡିଶାରେ ସଂକ୍ରମଣ ବଢୁଛି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଆମେ ପରିସ୍ଥିତିକୁ ମୋଟାମୋଟି ଭାବରେ ନିୟନ୍ତ୍ରଣରେ ରଖିବା ସହ ରୋଗୀକୁ ସେବା ଯୋଗାଇ ଦେବା ଦିଗରେ କାମ କରିଚାଲିଛୁ । ଆମ ପ୍ରଶାସନ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଯେପରି ଦିନରାତି କାମ କରିଚାଲିଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କର ଉଚ୍ଚପ୍ରଶଂସା କରିଥିଲେ । ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ କରିବା ସହିତ ଆଇସିୟୁ- ଏଚଡିୟୁ ଶଯ୍ୟାରେ ବୃଦ୍ଧି କରାଯାଇଛି । ପ୍ରତି ଜିଲ୍ଲାରେ ଅକ୍‌ସିଜେନ ସଂଯୁକ୍ତ ଶଯ୍ୟାର ବ୍ୟବସ୍ଥା ମଧ୍ୟ କରାଯାଇଛି । ତ୍ରୁଟିଶୂନ୍ୟ ଅକ୍‌ସିଜେନ ଯୋଗାଣ ପାଇଁ ଅଧିକ ଅକ୍‌ସିଜେନ ସିଲିଣ୍ଡର,ରିଫିଲିଂ ଓ ପରିବହନ କାର୍ଯ୍ୟ ତଦାରଖ କରାଯାଉଛି । ମୁଖ୍ୟ ଡାକ୍ତରଖାନା ଗୁଡିକରେ ଅକ୍‌ସେଜେନ ପ୍ଲାଂଟ ପ୍ରତିଷ୍ଠା ସହ ଅକ୍‌ସିଜେନ ସିଲିଣ୍ଡର ମଧ୍ୟ ଆମଦାନୀ କରାଯାଉଛି । ନିଜ ରାଜ୍ୟର ଚାହିଦା ପୂରଣ ସହିତ ଆଜି ଓଡିଶା ଅନ୍ୟ ରାଜ୍ୟକୁ ମଧ୍ୟ ଅକ୍‌ସିଜେନ ଯୋଗାଇ ବହୁ ମୂଲ୍ୟବାନ ଜୀବନ ରକ୍ଷା କରିପାରୁଛି । ଏହା ଓଡିଶା ପାଇଁ ନିଶ୍ଚିତ ଭାବରେ ଗୌରବର କଥା। ଏହି ଲଢେଇରେ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରମାନଙ୍କ ସବୁଠାରୁ ଗୁରୁ ଦାୟିତ୍ୱ ଥିବାରୁ ୭୮୬ ଡାକ୍ତର ଓ ୫୧୩୭ ପାରାମେଡିକାଲ ଷ୍ଟାଫଙ୍କୁ ଇତି ମଧ୍ୟରେ ନିଯୁକ୍ତି ଦିଆଯାଇଛି । ଏହାସହିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଚୁକ୍ତିଭିତିକ ନିଯୁକ୍ତି ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଲୋକଙ୍କୁ ମାଗଣା ପରୀକ୍ଷା ଓ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଲୋକଙ୍କୁ ସତର୍କ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହୁଏତ ଆଗକୁ କୋଭିଡର ଅନେକ ଲହର ଆସିପାରେ । ତେଣୁ ଆମକୁ ଦୀର୍ଘ ଲଢେଇ ପାଇଁ ପ୍ରସ୍ତୁତ ରହିବାକୁ ହେବ। କରୋନା ବିରୁଦ୍ଧରେ ସଫଳ ଲଢେଇ ପାଇଁ ଟିକାକରଣ ଆମର ମୁଖ୍ୟ ରଣକୌଶଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ବର୍ତ୍ତମାନ କୋଭିଡର ଦ୍ୱିତୀୟ ଲହର ମଧ୍ୟରେ ଅଛୁ। ଆଗକୁ ଆମକୁ କେତେ ଲହର ଓ କେତେ ଭାରିଆଂଟର ମୁକାବିଲା କରିବାକୁ ହେବ, ତାହା କେହି ଜାଣିନାହିଁ । ଦ୍ୱିତୀୟ ଲହରର ପ୍ରଭାବ ହ୍ରାସ କରିବା ପାଇଁ ଆମେ ଲକ୍‌ଡାଉନ କରିଛୁ। କିନ୍ତୁ କେବଳ ଲକ୍‌ଡାଉନ ଏହାର ସମାଧାନ ନୁହେଁ। କାରଣ ଏହାଦ୍ୱାରା ଅନେକ ଲୋକଙ୍କ ଜୀବିକା ଗଭୀର ଭାବରେ ପ୍ରଭାବିତ ହେଉଛି ।

## ଦେଶକୁ ମିଳିଲା ପାଣିରେ....

ପ୍ରଥମ ଲହର ପୂର୍ବରୁ ଡିଆରଡ଼ିଓକୁ କରୋନା ବିରୁଦ୍ଧରେ ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଥିଲେ । ଏହା ପରେ ଡିଆରଡ଼ିଓ ଏହି ଔଷଧ ବିକଶିତ କରିବା କାମରେ ଲାଗିଥିଲା । ଡିଆରଡ଼ିଓ ଏହି ଔଷଧ ତିଆରି କରି ହାଇଦ୍ରାବାଦରେ ନିଜର ଲାବୋରେଟୋରୀ ସେଂଟର ଫର ସେଲୁଲାର ଏବଂ ମଲିକୁଲାର ବାଇଓଲୋଜିରେ ପରୀକ୍ଷା କରିଥିଲା । ଏହି ପରୀକ୍ଷାରେ ଜଣାପଡ଼ିଥିଲା ଯେ, ଏହି ଔଷଧ କୋଭିଡ଼ ଭାଇରସକୁ ଶରୀରରେ ଆଗକୁ ବଢ଼ିବାରେ ରୋକିବା ପାଇଁ ସକ୍ଷମ ହେଉଛି । ସେହି ଫଳା ଫଳ ପରେ ଡିସିଜିଆଇ ଏହି ଔଷଧର ଫେଜ-୨ କ୍ଲିନିକାଲ ଟ୍ରାଏଲ ପାଇଁ ଅନୁମତି ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟ ୨୦୨୦ ମଇ ମାସରୁ ଅକ୍ଟୋବର ଯାଏ ୧୧ଟି ହସ୍ପିଟାଲରେ ୧୧୦ ରୋଗୀଙ୍କ ଉପରେ ଏହା ପରୀକ୍ଷା କରାଯାଇଥିଲା । ଏଥିରୁ ସଫଳତା ମିଳିବା ପରେ ଡିଆରଡିଓକୁ ୩ ଅର୍ଥାତ୍ ଶେଷ ପର୍ଯ୍ୟାୟର କ୍ଲିନିକାଲ ଟ୍ରାଏଲ ପାଇଁ ଅନୁମତି ମିଳିଥିଲା । ଏହା ଡିସେମ୍ବର ୨୦୨୦ ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଚାଲିଥିଲା । ଫେଜ୍-୩ର ଟ୍ରାଏଲ ୨୨୦ ଜଣ ରୋଗୀଙ୍କ ଉପରେ କରାଯାଇଥିଲା । ଏଥିରୁ ଜଣାପଡ଼ିଥିଲା ଯେ, ଏହି ଔଷଧ କରୋନା ରୋଗୀଙ୍କୁ ଶୀଘ୍ର ଠିକ୍ କରିବା ସହ ଅକ୍ସିଜେନ ଉପରେ ନିର୍ଭରତାକୁ କମ୍ କରିଥାଏ । ପରୀକ୍ଷଣ ସମୟରେ ଏହି ଔଷଧ ସେବନ କରିଥିବା ରୋଗୀମାନେ କରୋନା ବିରୁଦ୍ଧରେ ଯୁଦ୍ଧ ଜିତିଥିଲେ ଓ ତାଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ ଆସିଥିଲା । ଏହି ରୋଗୀ ମାନଙ୍କୁ ଅକ୍ସିଜେନ ଦେବାର ଆବଶ୍ୟକତା ମଧ୍ୟ ଖୁବ୍ କମ୍ ପଡୁଥିଲା । ତୃତୀୟ ଦିନରେ ହିଁ ଏହି ଔଷଧର ପ୍ରଭାବ ଦେଖିବାକୁ ମିଳୁଥିଲା । ପାଣିରେ ମିଶାଇ ପିଇବାକୁ ଥିବା ଏହି ଔଷଧ ବର୍ତ୍ତମାନ ଡ. ରେଡ଼ି ଲ୍ୟାବରେ ୧୦ ହଜାର ଡୋଜ ତିଆରି କରାଯାଇଛି । ଏହି ଔଷଧ ବ୍ୟବହାରର ଆରମ୍ଭ ଡିଆରଡିଏ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ଚଳାଯାଉଥିବା କୋଭିଡ଼ କେୟାର ହସ୍ପିଟାଲ ମାନଙ୍କରେ ହେବ । ସେନାର ଡକ୍ଟର ମାନେ ନିଜ ତଦାରଖରେ ରୋଗୀ ମାନଙ୍କୁ ଏହି ଔଷଧ ଦେବେ । ଏହି ଔଷଧକୁ ଭାରି ପରିମାଣରେ ଉତ୍ପାଦନ କରାଯିବାର ପ୍ରସ୍ତୁତି ଚାଲିଛି । ଆଗାମୀ ଜୁନ୍ ମାସରେ ପ୍ରତି ସପ୍ତାହରେ ୧ ଲକ୍ଷ ଡୋଜ ଔଷଧ ତିଆରି କରାଯିବ। ସେତେବେଳକୁ ଏହି ଔଷଧ ଅନ୍ୟ ହସ୍ପିଟାଲ ଓ ବଜାରକୁ ଛଡ଼ାଯିବ ।

## ଗୋଟିଏ ଦିନରେ ୧୦୭୫୭....

ଜିଲ୍ଲାରୁ ୮୭ ଜଣ. କେନ୍ଦ୍ରାପଡ଼ାରୁ ୧୪୮ ଜଣ, କେନ୍ଦୁଝରରୁ ୨୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୦୯ ଜଣ, କୋରାପୁଟରୁ ୨୮୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୫୪ ଜଣ, ନବରଙ୍ଗପୁରରୁ ୩୮୬ଜଣ, ନୟାଗଡ଼ରୁ ୨୨୭ ଜଣ, ନୂଆପଡ଼ାରୁ ୫୦୨ ଜଣ, ପୁରୀରୁ ୩୫୦ ଜଣ, ରାୟଗଡ଼ାରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୪୯୪ ଜଣ, ସୋନପୁରରୁ ୨୪୫ ଜଣ, ସୁନ୍ଦରଗଡ଼ରୁ ୮୩୨ ଜଣ ଓ ଷ୍ଟେଟ୍ ପୁଲରୁ ୨୦୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆମ୍ବୁଲାନ୍ସ ଦର ଧାର୍ଯ୍ୟ କଲେ....

ଆମ୍ବୁଲାନ୍ସ ୧୦ କିମିକୁ ୧୦୦୦ ଟଙ୍କା ଭଡ଼ା ନେବେ। ବୋଲେରୋ ଭଳି ମଧ୍ୟ ବର୍ଗର ଆମ୍ବୁଲାନ୍ସ ୧୦ କିମିକୁ ୧୦୦୦ ଟଙ୍କା ନେବେ। ସେହିଭଳି ଲାଇଫ୍ ସପୋର୍ଟ ଥିଲେ ୧୦ କିମିକୁ ୧୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଓ୍ୱିଙ୍ଗର , ଟ୍ରାଭେଲର ଭଳି ବଡ଼ ଆମ୍ବୁଲାନ୍ସ ୧୦ କିମିକୁ ୧୨୫୦ ଟଙ୍କା ନେବେ। ସେଥିରେ ଲାଇଫ ସପୋର୍ଟ ଥିଲେ ୨୦୦୦ ଟଙ୍କା ନେବେ। ବଡ଼ ଆମ୍ବୁଲାନ୍ସରେ ଆଡଭାନ୍ସ ଲାଇଫ ସପୋର୍ଟ ସିଷ୍ଟମ ଥିଲେ ୧୦ କିମିକୁ ୩ ହଜାର ଟଙ୍କା ଦେବାକୁ ପଡ଼ିବ। ୧୦ କିମିରୁ ଅଧିକ ଦୂର ହେଲେ କିମି ପିଛା ଅତିରିକ୍ତ ଛୋଟ ଆମ୍ବୁଲାନ୍ସ ପାଇଁ ୩୦ ଟଙ୍କା , ମଧ୍ୟମ ଓ ବଡ ଆମ୍ବୁଲାନ୍ସ ପାଇଁ ୫୦ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ଆମ୍ବୁଲାନ୍ସ ଦର ସହ ଅକ୍ସିଜେନ୍ , ଆମ୍ବୁଲାନ୍ସ ଉପକରଣ, ପିପିଇ କିଟ୍ , ଗ୍ଲୋଭସ୍ , ମାସ୍କ ଆଦି ଅନ୍ତର୍ଭୁକ୍ତ ରହିବ।

## ରାୟଗଡା ଜିଲ୍ଲାର ଆଦିବାସୀ ବହୁଳ....

ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ଗାଁରେ ଲୋକଙ୍କ ଠାରୁ ସଂପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇଛି । ହେଲେ କରୋନା ପରୀକ୍ଷା ନକରାଇ ଆକ୍ରାନ୍ତ ଔଷଧ ଦିଆଯାଇଥିଲେ ବି ଜ୍ୱର କମୁନଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ୪ରୁ ୫ ଦିନ ଧରି ଜ୍ୱର, କାଶ ଓ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୋଇ ଲୋକେ ଘରେ ପଡି ରହିଛନ୍ତି । କରୋନା ହୋଇଥିବ ଭାବି ହସପିଟାଲ ନଯାଇ ଆକ୍ରାନ୍ତ ଘରେ ଅଛନ୍ତି । ଭୟଭିତ ହୋଇ ଲୋକେ ଘରୁ ବାହାରୁ ନାହାନ୍ତି । ବଇରାଗି ହାଲୁଆ ପଚାଂୟତ ଅଧିନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ଗାଁରେ ରନ୍ଧାଖାଦ୍ୟ ବଂଟନ କରାଯାଉଛି । ଆଦିବାସୀ ଗାଁରେ ଏକାଧିକା ସଙ୍କ୍ରମିତ ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଆଦିବାସୀମାନଙ୍କର କରୋନା ପରୀକ୍ଷା କରାଇବା ପାଇଁ ଦାବି ହେଉଛି ।

# ଅନୀଲ କୁମାର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ଜଳେଶ୍ୱର,୧୭/୫ (ନି.ପ୍ର) : ଜଳେଶ୍ୱର ପଂଚୁଘଣ୍ଟାସ୍ଥିତ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ସ୍ୱର୍ଗତ ଅନୀଲ କୁମାର ସାହୁଙ୍କ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ସେ ଶିଦ୍ଧେଶ୍ୱର କ୍ଲବର ସଂପାଦକଭାବେ କାର୍ଯ୍ୟ କରିଥିବା ବେଳେ ଅଟୋ ସଂଘର ମଧ୍ୟ ସଂପାଦକ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସରୋଜ ପାଣିଗ୍ରାହ. ଡ. ଅଜିତ୍ ମହାନ୍ତି, ସଂଗ୍ରାମ ନାଏକ, ଫାଲଗୁନୀ ପାଣିଗ୍ରାହୀ, ଜନାର୍ଦ୍ଦନ ମିଶ୍ର, ହରିଶଂକର ମହାନ୍ତି, ଧରିତ୍ରୀ ଦାସ, ଦୁର୍ଜ୍ଜୟ ପାଣିଗ୍ରାହୀ, ସିଦ୍ଧେଶ୍ୱର ପଣ୍ଡା, ଅରୁଣ ପ୍ରଧାନ, ଫନୀନ୍ଦ୍ର ସେନାପତି ପ୍ରମୁଖ ବହୁ ବ୍ୟକ୍ତି କୋଭିଦ୍ ନିୟମ ଅନୁସାରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

## ପଞ୍ଜାବ ସରକାରଙ୍କ ମଲେରକୋଟଲା ଜିଲ୍ଲାର ଘୋଷଣାକୁ ଏବିଭିପି ଦୃଢ ନିନ୍ଦା

ଭୁବନେଶ୍ୱର,୧୭/୦୫ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପଞ୍ଜାବ ସରକାରଙ୍କ ଦ୍ୱାରା ନୂତନ ଜିଲ୍ଲା ମଲେରକୋଟଲା ଘୋଷଣାକୁ ଦୃଢ ନିନ୍ଦା କରିବା ସହ ସରକାରଙ୍କ ଏହି ନିଷ୍ପତି ସମ୍ବିଧାନର ଆତ୍ମା ତଥା ମୂଲ୍ୟବୋଧକୁ ନଷ୍ଟ କରୁଛି ବୋଲି ଏବିଭିପି ପକ୍ଷରୁ କୁହାଯାଇଛି ।ସାଧାରଣ ଜନତାଙ୍କୁ ଉନ୍ନତ ପ୍ରଶାସନ ତଥା ଉନ୍ନତ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନୂତନ ଜିଲ୍ଲା ଗଠନ କରିବାର ଅଧିକାର ରହିଛି । କିନ୍ତୁ ସମାଜକୁ ସନ୍ତୁଷ୍ଟ କରିବା ତଥା ରାଜନୈତିକ ସ୍ୱାର୍ଥ ହାସଲ କରିବା ଉଦ୍ଦେଶ୍ୟରେ ନୂତନ ଜିଲ୍ଲା ଘୋଷଣା କରିବା ଏହା ସମ୍ବିଧାନ ବିରୋଧି ଏବଂ ବିଭାଜନ କରିବା ପାଇଁ ଏକ ପଦକ୍ଷେପ । ନିଜର ରାଜନୈତିକ ଭୋଟ ବ୍ୟାଙ୍କଙ୍କୁ ମଜବୁତ କରିବା ପାଇଁ ଏପରି ଏକ ନିଷ୍ପତି ନେଇଛନ୍ତି । ଏବିଭିପି ପଞ୍ଜାବର ରାଜ୍ୟ ସମ୍ପାଦକ କୁଦ୍ରତ ଜୋତ କାଉର କହିଛନ୍ତି ପଞ୍ଜାବ ସରକାର ଧର୍ମ ଆଧାରରେ ସମାଜକୁ ଭାଗ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଆବଶ୍ୟକ ରହିଛି କିନ୍ତୁ ପଞ୍ଜାବ ସରକାର ଏହା ନକରି ନିଜର ରାଜନୈତିକ ସ୍ୱାର୍ଥପାଇଁ କାର୍ଯ୍ୟ କରୁଛନ୍ତି । ଏବିଭିପି ଓଡିଶାର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି ପଞ୍ଜାବ ସରକାରଙ୍କ ଏପରି ନିଷ୍ପତି ସମାଜକୁ ଯୋଡିବା ନୁହେଁ ବରଂ ସମାଜରେ ଜାତି ଧର୍ମ ଆଧାରରେ ବାଂଟିବାକୁ ଯୋଜନା କରିଛନ୍ତି। ଏବିଭିପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ନିଧୀ ତ୍ରିପାଠି କହିଛନ୍ତି ଯେ କଂଗ୍ରେସ ସର୍ବଦା ଆପତିଜନକ ରାଜନୀତିକୁ ପ୍ରୋତ୍ସାହିତ କରିଆସିଛି ।ସାମ୍ପ୍ରଦାୟିକ ଭିତିରେ ଜିଲ୍ଲା ଘୋଷଣା କରି କ୍ୟାପଟେନ ଅମରିନ୍ଦିର ସମ୍ବିଧାନକୁ ଆଘାତ ଦେଇଛନ୍ତି । ଏହା ସାମ୍ପ୍ରଦାୟିକ ସଂଖ୍ୟା ଗରିଷ୍ଠ ସହରକୁ ସଂଯୋଗ କରି ଜିଲ୍ଲା କଦାପି ସୃଷ୍ଟି ହୁଏ ନାହିଁ ବରଂ ସମସ୍ତ ନାଗରିକଙ୍କ ପାଇଁ ମୌଳିକ ସୁବିଧା ସହଜରେ ଉପଲବ୍ଧ ହୋଇପାରିବ ଓ ସମସ୍ତ ସମସ୍ୟାର ସମାଧାନ ଶୀଘ୍ର ହୋଇ ପାରିବ ଏହି ଅଧାରରେ ଜିଲ୍ଲା ହୁଏ । କ୍ୟାପଟେନ ସରକାରଙ୍କ ଏହି ନିଷ୍ପତି ସମାଜର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରୁଛି ।

## ବାଲିଆପାଳ ତହସିଲ ପକ୍ଷରୁ ରାଜସ୍ୱରଥର ଶୁଭାରମ୍ଭ




ବାଲିଆପାଳ,୧୭/୦୫ (ନି.ପ୍ର): ଏଣିକି କରୋନା ସମୟରେ ଜରୁରୀ କାର୍ଯ୍ୟପାଇଁ ଆଉ ତହସିଲ କାର୍ଯ୍ୟକୁ ଦୌଡିବାକୁ ପଡିବ ନାହିଁ ।ଆପଣଙ୍କ ଘର ପାଖରେ ପହଂଚିବେ ରାଜସ୍ୱ ବିଭାଗର କର୍ମଚାରୀ ।ଜମି ବାଡି ପଟ୍ଟା ଠାରୁ ଆରମ୍ଭ କରି, ଖଜଣା, ଅନଲାଇନରେ ଆବେଦନ କରିଥିବା ସାର୍ଟିଫିକେଟ ପ୍ରଭୃତି ସେହିଠାରେ ପାଇପାରିବେ । ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ତହସିଲ ପକ୍ଷରୁ ଆରମ୍ଭ ହୋଇଛି ରାଜସ୍ୱ ରଥ । ଆଜି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଏହି ରଥକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ଏହି ଉଦଘାଟନ ସମୟରେ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ସମେତ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ । ଏହି ରଥ କାର୍ଯ୍ୟକାରୀହେଲେ ବହୁ ଲୋକେ ଉପକୃତ ହୋଇପାରିବେ ବୋଲି ଆଶାବାଦୀ ଅଛନ୍ତି ।

## ବାଲେଶ୍ୱର ଜିଲ୍ଲାରେ ଗଡିଲା ରାଜସ୍ୱ ରଥ

ବାଲେଶ୍ୱର,୧୭/୦୫ (ନି.ପ୍ର): କରୋନା ମହାମାରୀ ସଙ୍କଟ ସମୟରେ ଲୋକମାନଙ୍କ ନିକଟରେ ରାଜସ୍ୱ ବିଭାଗ ଅନ୍ତର୍ଗତ ବିଭିନ୍ନ ସେବା ପହଂଚାଇବା ପାଇଁ ଆଜି ଜିଲାରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ । ଏହି କ୍ରମରେ ସୋମବାର ଜିଲାର ବାଲିଆପାଳ ଓ ସିମୁଳିଆ ତହସିଲରେ 'ରାଜସ୍ୱ ରଥ'ର ଶୁଭାରମ୍ଭ ହୋଇଛି । ଏହି ରଥ ମାଧ୍ୟମରେ ଲୋକମାନଙ୍କୁ ଜମି ପଟ୍ଟା, ଜାତିଗତ ପ୍ରମାଣପତ୍ର, ଜମି କିସମ ପରିବର୍ତ୍ତନ ଭଳି ସେବା ତାଙ୍କ ଘର ପାଖରେ ପ୍ରଦାନ କରାଯିବ । ଅଳ୍ପ ଦିନ ମଧ୍ୟରେ ଜିଲ୍ଲାର ଅନ୍ୟାନ୍ୟ ସମସ୍ତ ତହସିଲରେ ମଧ୍ୟ ଜନସାଧାରଣଙ୍କୁ ଅନୁରୂପ ସେବା ଯୋଗାଇବା କାର୍ଯ୍ୟ ଆରମ୍ଭ ହେବ । କୋଭିଡ୍-୧୯ ସଙ୍କଟକୁ ଦୃଷ୍ଟିରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସବୁ ଜିଲାରେ ଏହି ଅଭିନବ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ବାଲେଶ୍ୱର ଜିଲାରେ ଏହା ସୋମବାରଠାରୁ ଆରମ୍ଭ ହୋଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ତହସିଲରେ "ରାଜସ୍ୱ ରଥ" ପରିକ୍ରମା ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯିବା ସହିତ ଜିଲାର ଦୁଇ ତହସିଲ ସିମୁଳିଆ ଓ ବାଲିଆପାଳରେ ରାଜସ୍ୱ ରଥ ଜରିଆରେ ଲୋକମାନଙ୍କୁ ସେମାନଙ୍କ ଆବେଦନ ମୁତାବକ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଜିଲାର ଜନସାଧାରଣ ସେମାନଙ୍କ ହାତ ପାଆନ୍ତାରେ ରାଜସ୍ୱ ବିଭାଗର ବିଭିନ୍ନ ସେବା ସୁବିଧାରେ ପାଇପାରିବେ । ୫-ଟି କାର୍ଯ୍ୟକ୍ରମ ଆଧାରରେ ରାଜସ୍ୱ ବିଭାଗ ତ୍ରୁଟିଶୂନ୍ୟ, ତ୍ୱରିତ ସେବା ଯୋଗାଇବା ପାଇଁ ଅନଲାଇନରେ ବିଭିନ୍ନ ସେବା ଯୋଗାଉଛି । ମାତ୍ର ଯେଉଁ ଲୋକମାନଙ୍କ ପାଖରେ ଇଂଟରନେଟ ସୁବିଧା ନାହିଁ ସେମାନେ ରାଜସ୍ୱ ବିଭାଗର ବିଭିନ୍ନ ଦପ୍ତର କିମ୍ବା ମୋ ସେବା କେନ୍ଦ୍ରର ସହାୟତା ନେଉଛନ୍ତି । ତେବେ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କୁ କରୋନା ସଂକ୍ରମଣରୁ ଦୂରେଇ ରଖିବା ପାଇଁ ସରକାରୀ କାର୍ଯ୍ୟାଳୟରେ ଭିଡ ଜମିବାକୁ ଦିଆଯାଉନାହିଁ । ସାଧାରଣ ଲୋକଙ୍କୁ ସରକାରୀ ଦପ୍ତର ନ ଯିବା ପାଇଁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ "ରାଜସ୍ୱ ରଥ" ଭଳି ଅଭିନବ ବ୍ୟବସ୍ଥା ମାଧ୍ୟମରେ ରାଜସ୍ୱ କର୍ମଚାରୀମାନେ ଲୋକଙ୍କ ଘର ପାଖରେ ପହଂଚି ଆବେଦନ ଗ୍ରହଣ କରିବା ସହିତ ସେମାନଙ୍କୁ ସେବା ଯୋଗାଉଛନ୍ତି । ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଏବଂ ସିମୁଳିଆ ତହସିଲଦାର ରବିନାରାୟଣ ସାହୁ ନିଜ ନିଜ ତହସିଲରେ ଏହି ବ୍ୟବସ୍ଥା ଆରମ୍ଭ କରିବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ ଏ ସଂପର୍କରେ ସଚେତନ କରିଥିଲେ ।

## ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର,୧୭/୫ (ନି.ପ୍ର) : ଜଳେଶ୍ୱର ଓଷ୍ଟା ଶାଖା ପକ୍ଷରୁ ଶିକ୍ଷକଙ୍କୁ କୋଭିଦ୍‌ଯୋଦ୍ଧା ଘୋଷଣା ଲାଗି ତହାସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାମାରୀ ସମୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବହୁ ଶିକ୍ଷକ ସଂକ୍ରମିତ ହୋଇ ମୃତ୍ୟୁବରଣ କରୁଛନ୍ତି । ତେଣୁ ଆକ୍ରାନ୍ତ ଶିକ୍ଷକ ମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବା ସହିତ ସେମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରାଯିବାକୁ ଡ. ଅଜିତ୍ କୁମାର ମହାନ୍ତି, ମନୋରଂଜନ ଦାସ, କେଶବ ଚନ୍ଦ୍ର ପରିଡା, କୁଂଜବିହାରୀ ପ୍ରଧାନ, ଅନନ୍ତ ସେନାପତି, ଗ୍ରାରାମ ସାହୁ, ସରୋଜ ସେନାପତି, ସମୀର ନନ୍ଦୀ, ସ୍ୱର୍ଣ୍ଣଲତା ସେଠୀ, ମୀନାରାଣୀ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ବାରିକଙ୍କ ସହିତ ବହୁ ଶିକ୍ଷକ ନେତା ତହସିଲଦାର ଶଂକର ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## କୋଭିଡ୍ ଦ୍ୱିତୀୟ ଲହର ମୁକାବିଲା ଏବଂ ସୁପରିଚାଳନା ନେଇ ପ୍ରଶାସନିକ ସ୍ତରୀୟ ସ୍ୱତନ୍ତ୍ର ବୈଠକ

ବାରିପଦା,୧୭/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କୋଭିଡ୍ ଦ୍ୱିତୀୟ ଲହର ସଂକ୍ରମଣ ପ୍ରତିରୋଧ ପାଇଁ ଜିଲ୍ଲାପ୍ରଶାସନ ତତ୍ତ୍ୱାବଧାନରେ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ନେଇ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ, ଭା.ପ୍ର.ସେ, ଅଧକ୍ଷତାରେ ଭିଡିଓ କନଫେରେନସିଂ ଜରିଆରେ ଏକ ଜିଲ୍ଲା ସ୍ତରୀୟ ସମିକ୍ଷା ମୂଳକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନସିଂ କକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ ସ୍ତରକୁ ସମ୍ପ୍ରସାରିତ ଉକ୍ତ ବୈଠକରେ ବିଶେଷ କରି କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମ, ଘରୋଇ ସଙ୍ଗରୋଧରେ ଥିବା କୋଭିଡ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ଦୈନନ୍ଦିନ ସ୍ଥିତି ଅନୁଧାନ କରାଯିବା, କୋଭିଡ ଆକ୍ରାନ୍ତ ମୃତ ବ୍ୟକ୍ତିଙ୍କ ଶବ ସଂସ୍କାର ପାଇଁ ସ୍ୱତନ୍ତ୍ର ଜାଗା ଚିହ୍ନଟ କରାଯିବା, ସଦର ଉପଖଣ୍ଡ / ସହରାଚଂଳରେ ମଧ ଜନବସତିର ଦୂରରେ ଜାଗା ଚିହ୍ନଟ, ଜୀବନ ଜୀବିକା ନିର୍ବାହରେ ଉଭୟ ଗ୍ରାମାଂଚଳଓ ସହରାଂଚଳରେ ଅସହାୟ ନିଶ୍ୱ ବ୍ୟକ୍ତି, ଭିକ୍ଷୁକ ତଥା ଗରିବ ମାନଙ୍କୁ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଇ ଦେବା ବ୍ୟବସ୍ଥା କରାଯିବା, ପଡୋଶୀ ପଶ୍ଚିମ ବଙ୍ଗ ଓ ଝାଡଖଣ୍ଡରୁ ଆସୁଥିବା/ ଫେରୁଥିବା ବ୍ୟକ୍ତିମାନଙ୍କୁ ସମୀରେ କଡା କଡି ତଦାରଖ କରାଯିବା ସହ କୋଭିଡ୍ ନୀୟମାବଳୀ ସଠିକ ଭାବରେ ପାଳନ କରାଯିବା, ଜନସାଧାରଣଙ୍କ ସୂଚନା ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର ଆଦି ଦିଗ ଉପରେ ଗୁରୁତ୍ୱଦେଇ କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ଶବ ସଂସ୍କାର ପରି ଏକ ମହତ କାର୍ଯ୍ୟ ନିର୍ଦ୍ଧାରିତ ପ୍ରଟୋକଲ ଅନୁଯାୟୀ ସ୍ଥାନୀୟ ସାମାଜିକ ନେତୃବୃନ୍ଦ / ଜନପ୍ରତିନିଧି ଙ୍କ ସହମତି କ୍ରମେ ସମ୍ପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏ ଦିଗରେ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ତହସିଲଦାର, ବିଡିଓ, ଥାନା ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପରାମର୍ଶ ଦେଇଛନ୍ତି । ଆଲଚନାରେ ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଟୀକାକରଣ କାର୍ଯ୍ୟକ୍ରମରେ ୪୫ ବର୍ଷରୁ ଉର୍ଦ୍ଧ ଲୋକମାନଙ୍କୁ ଦ୍ୱିତୀୟ ଡୋଜ୍ ଟୀକା ପ୍ରଦାନ ପାଇଁ ସମୟ ସୀମାକୁ ପୂର୍ବନିର୍ଦ୍ଧାରିତ ୬ ରୁ ୮ ସପ୍ତାହପରେ ଏବେ ୧୨ରୁ ୧୬ ସପ୍ତାହ ସମୟସୀମାକୁ ବୃଦ୍ଧି କରାଯାଇଥିବା ବେଳେ ଉକ୍ତ ବୟସର ବ୍ୟକ୍ତି ମାନେ ବ୍ୟତିବ୍ୟସ୍ତ ନ ହେବାପାଇଁ ପରାମର୍ଶ ଦିଆଯାଇଅଛି । ସେମାନେ ସମ୍ପୃକ୍ତ ଟୀକା କରଣ କେନ୍ଦ୍ରରେ ଟୀକାର ଚାହିଦାନୁସାରେ ଗହଳି ନକରିବାକୁ ପରାମର୍ଶ ଦିଆଯାଇଅଛି । ଅନ୍ୟ ବୟସ ଯଥା ୧୮ ରୁ ୪୫ ବର୍ଷ ବୟସ ବର୍ଷର ବ୍ୟକ୍ତି ମାନଙ୍କ ଟୀକାକରଣ ପାଇଁ ଟୀକା କେନ୍ଦ୍ରକୁ ବର୍ତ୍ତମାନ ସୂଯୋଗ ଆସି ନଥିବାରୁ ସେମାନେ ସ୍ମାଟ ମୋବାଇଲ ପ୍ଲେଷ୍ଟୋରରୁ ଆରୋଗ୍ୟ ସେତୁ / କୋୱିନ ଆପ ଡାଉନଲଡ କରି ନିଜର ନାମ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ୪୫ରୁ ଉର୍ଦ୍ଧ ବ୍ୟକ୍ତି ଯେଉଁମାନଙ୍କ କେବଳ ପ୍ରଥମ ଡୋଜ୍ ଟୀକା ନେବାର ସମୟ ସୀମା ନିର୍ଦ୍ଧାରିତ ହୋଇଛି କେବଳ ସେହିମାନେ ହିଁ ନିଜ ଅଂଚଳ ଥିବା ସ୍ୱସ୍ଥ୍ୟ କେନ୍ଦ୍ର ଟୀକାକରଣ କେନ୍ଦ୍ରରେ ଟୀକାର ଉପଲବଧି ହେଉଥିବା ଦିନରେ ଆସି ଟୀକା ନେବେ? ଟୀକା ନେବା ସମୟରେ ସମସ୍ତେ କୋଭିଡ୍ ମାର୍ଗଦର୍ଶିକାନୁଯାଇ ମାକ୍ସ ପରିଧାନ ସାମାଜିକ ଦୂରତା ବଜାୟ ରଖିବା ସହ ହାତକୁ ସାନିଟାଇଜର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଅଛି । ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ଭିଡିଓ କନଫେରେସିଂ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ପିଡିଡିଆରଡିଏ. ଭବଶେ କୁମାର ନାୟକ, ଉପ-ଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ବାରିପଦା, ପି.ଅନ୍ୱେଶା ରେଡି ଏବଂ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ/ ତହସିଲଦାର/ବିଡିଓ ଏବଂ ପୌରନିର୍ବାହୀ ଅଧିକାରୀ ସମ୍ପୃକ୍ତ ବିଭାଗୀୟ ଅଧରକାରୀ ମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।



## ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ "ଶୁଭାନ୍ୱିଶା" ଉନ୍ମୋଚିତ

ବାରିପଦା,୧୭/୦୫(ନି.ପ୍ର): ମୟୂରଭଞ୍ଜର ବରିଷ୍ଠ ସାହିତ୍ୟିକ ହରନାରାୟଣ ମିଶ୍ର ଙ୍କ ଲିଖିତ କିଶୋର ସାହିତ୍ୟ ଭିତ୍ତିକ "ଶୁଭାନ୍ୱିଶା" ଉନ୍ମୋଚିତ ହୋଇଯାଇଛି । ପୂର୍ବରୁ ବହୁ ପୁସ୍ତକ ରଚନା କରିଥିବା ଶ୍ରୀଯୁକ୍ତ ମିଶ୍ରଙ୍କର ଲେଖନୀର ପଦଯାତ୍ରା ସିରିଜ୍‌ର ଏହା ୧୨ଶ (ଦ୍ୱାଦଶ) ସଙ୍କଳନ । କୋଭିଡ୍ କଟକଣା ଯୋଗୁଁ ଭର୍ଚୁଆଲ ପଦ୍ଧତିରେ ଏହି ପୁସ୍ତକଟି ଉନ୍ମୋଚିତ ହୋଇଛି । ମୟୂରଭଞ୍ଜ ସାହିତ୍ୟ ଏକାଡ଼େମୀ ର ସଭାପତି ଡ଼. ସରୋଜ କୁମାର ନାୟକ, ବାରିପଦାସ୍ଥିତ ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ଅଧାପକ ଅଶୋକ କୁମାର ପୁଷ୍ଟି, କବୟତ୍ରୀ ସୁନୀତା ରାଣୀ ପ୍ରମୁଖ ଏହି ଭର୍ଚୁରାଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି "ଶୁଭାନ୍ୱିଶା" ପୁସ୍ତକର ଶୁଭକାମନ କରିବା ସହ ଏହାର ସ୍ରଷ୍ଟା ହରନାରାୟଣ ମିଶ୍ର ଙ୍କର ଏହି ମହାନୀୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସୂଚନାଯୋଗ୍ୟ ଶ୍ରୀଯୁକ୍ତ ମିଶ୍ର ବାରିପଦା ସ୍ଥିତ ଶରତଚନ୍ଦ୍ର ବିଦ୍ୟାପୀଠ ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।

## ଦିନକରେ ଚିହ୍ନଟ ୩୫୪ ନୂଆ ସଂକ୍ରମିତ, ୨୬୦ ସୁସ୍ଥ

ବାଲେଶ୍ୱର,୧୭/୦୫ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱର ଜିଲାର ୩୫୪ଜଣ ନୂଆ କରୋନା ସଂକ୍ରମିତ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ବୈରାମନଗରରୁ ୧୨ଜଣ, ଅରଡ଼ବଜାରରୁ ୬, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୩, ଗୋପାଳଗାଁରୁ ୩, ମୋତିଗଞ୍ଜରୁ ୩, ଡିଆରଡିଓ କଲୋନିରୁ ୩, ଆକତପୁରରୁ ୨, ମାକଲପୁରରୁ ୨, ତେଲେଙ୍ଗାସାହିରୁ ୨ ଓ ସୁନହଟରୁ ୨ଜଣଙ୍କ ସମେତ ବାରାବାଟୀ, ଜିଡ଼ିଆପୋଲ, ଦାମୋଦରପୁର, ମାନସିଂବଜାର, ଖଲାସିମହଲା, ସହଦେବଖୁଣ୍ଟା, ନୂଆବଜାର, ଖପରାପଦା ଏବଂ ଷ୍ଟେସନ କଲୋନି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି । ସେହିପରି ଜିଲାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ରେମୁଣା ବ୍ଲକରୁ ସର୍ବାଧିକ ୧୦୩ଜଣ ଥିବା ବେଳେ ସଦରରୁ ୨୨ଜଣ,ବାହାନଗାରୁ ୧୫, ଖଇରାରୁ ୧୫, ଜଳେଶ୍ୱରରୁ ୪୩, ସୋରରୁ ୭୮, ବସ୍ତା ରୁ ୩, ସିମୁଳିଆରୁ ଜଣେ, ନୀଳଗିରିରୁ ୨, ଔପଦାରୁ ୩, ଭୋଗରାଇରୁ ୩ ଓ ବାଲିଆପାଳ ବ୍ଲକରୁ ୪୨ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଅଧିକ ସଂଖ୍ୟାରେ ଚିହ୍ନଟ ହୋଇଥିବା ରେମୁଣା ବ୍ଲକର ବଡ଼ଗାଁ, ବାଲିପାଳ ଓ ପତ୍ରିପା, ଜଳେଶ୍ୱର ବ୍ଲକର ନୂଆଗାଁ, ସୋରବ୍ଲକ ଦେଉଳିଆ ସାହି ଓ ସୁଲଙ୍ଗା ପ୍ରଭୃତି ସ୍ଥାନକୁ କ୍ଷୁଦ୍ର ଆବଦ୍ଧାଞ୍ଚଳ ଭାବେ ଘୋଷଣା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି । ତେବେ ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୯,୩୨୨ ଜଣ ସଂକ୍ରମିତ ହୋଇଥିବା ବେଳେ ଗତ ୨୪ଘଣ୍ଟା ମଧ୍ୟରେ ୨୬୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ଜିଲାରେ ୧୬,୦୯୫ ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଏବେ ସୁଦ୍ଧା ସକ୍ରିୟ ଥିବା ୩,୧୨୦ ଜଣଙ୍କ ମଧ୍ୟରୁ ୩୦୧୧ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୯ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଅଦ୍ୟାବଧି ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦୭ରେ ସ୍ଥିର ରହିଛି ।

## ଆର୍ଟ ଅଫ ଗିଭିଂ ପକ୍ଷରୁ 'ମୋ ମାଆ ମୋ ହିରୋ' ପାଳିତ



ଜଳେଶ୍ୱର,୧୭/୫ (ନି.ପ୍ର) : ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂର ଅଷ୍ଟମ ଦିବସରେ ବାଲେଶ୍ୱର ଜିଲାର ଜଳେଶ୍ୱର ଶାଖା ପକ୍ଷରୁ "ମୋ ମାଆ ମୋ ହିରୋ" କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ପାଳିତ ହୋଇ ଯାଇଛି । ବଡବଜାରସ୍ଥିତ ପୁରୁଣା କୋର୍ଟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ମାକ୍ସ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଥାନା ଆଇଆଇସି ପର୍ଶୁରାମ ସାହୁ, ଶାଖା ସଂଯୋଜକ ଅନୀଲ ପରିଡା, ସଭାପତି ସତ୍ୟସୁନ୍ଦର ଦାସ, ସଂପାଦକ ଗିରିଜାଶଂକର ଦାସ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଂକର ପାଳ, ଚିନ୍ମୟ ଦାସ, କୁଂଜବିହାରୀ ଦାସ, ଅବଧୂତ ଜେନା, ସୁଶାନ୍ତ ଦାସ, ବନବିହାରୀ ଦାସ, ମଳୟ ମହାନ୍ତି, ସମରେନ୍ଦ୍ର ଦାସ, ରାଜେନ୍ଦ୍ର ପାତ୍ର, ଛବିରାଣୀ ପରିଡା, ସୁକାନ୍ତ ସିଂହ, ନମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସପ୍ତାହାନ୍ତ ବନ୍ଦ ପରେ ବାଲେଶ୍ୱରରେ ସାହାଣ ମେଳା : ସାମଗ୍ରୀ ସଂଗ୍ରହ ପାଇଁ ଭୁଲିଗଲେ ସାମାଜିକ ଦୂରତା କଥା

ବାଲେଶ୍ୱର,୧୭/୦୫ (ନି.ପ୍ର): ଚତୁର୍ଥ ସପ୍ତାହର ଦୁଇଦିନିଆ ସପ୍ତାହାନ୍ତ ବନ୍ଦ ପରେ ଲୋକେ ସୋମବାର ସକାଳେ ସବୁଠି ସାହାଣ ମେଳାର ପରିସ୍ଥିତି । ୫ଘଣ୍ଟିଆ କଟକଣା କୋହଳ ଲକଡାଉନ ମଧ୍ୟରେ ନିଜ ନିଜର ପରିବାର ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ ପାଇଁ ଲୋକେ ବଜାରକୁ ବାହାରିଥିଲେ । ମାତ୍ର ଏହି ୫ଘଣ୍ଟା ମଧ୍ୟରେ ଲୋକେ ସାମଗ୍ରୀ ସହିତ ବଜାରରୁ କରୋନା ଭୂତାଣୁ ଘରକୁ ଆଣିଥିବା ଆଶଙ୍କା ଦେଖାଯାଇଛି । ବାଲେଶ୍ୱର ସହରର ପରିବା ମାର୍କେଟ, ଫଳ ମାର୍କେଟ, ତେଜେରାତି ଦୋକାନ ପ୍ରଭୃତିରେ ଆଶାତୀତ ଗହଳି ଲକ୍ଷ୍ୟ କରାଯାଇଥିଲା । ଆଉ ଆଗକୁ ଯେମିତି ଜିନିଷପତ୍ର ନ ମିଳିବ, ସେହିଭଳି ମାନସିକତା ନେଇ ପ୍ରତିଯୋଗିତା ଭିତ୍ତିରେ ଲୋକେ ନିଜର ସାମଗ୍ରୀ ସଂଗ୍ରହ କରୁଥିଲେ । ସାମାଜିକ ଦୂରତା ରକ୍ଷା କଥା ଲୋକେ ସମ୍ପୂର୍ଣ୍ଣ ଭୁଲିଗଲା ଭଳି ଜଣାପଡୁଥିଲା । ସହରର ଏକାଧିକ ସ୍ଥାନରେ ପୁଲିସ କର୍ମଚାରୀମାନେ ଡ୍ୟୁଟି କରୁଥିଲେ ବି ବିଭିନ୍ନ ମାର୍କେଟରେ ହୋଇଥିବା ଜନଗହଳି ଓ ହେଉଥିବା କୋଭିଡ ନିୟମ ଉଲଂଘନ ନେଇ ସେମାନେ ନିରବ ଦ୍ରଷ୍ଟା ଥିଲେ । ୨ଦିନ ଲକଡାଉନରେ ରହିବା ପରେ ଲୋକେ କରୋନା ସଂକ୍ରମଣ କଥା ଯେମିତି ଭୁଲି ଯାଇଥିଲେ । ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ବାବଦରେ ଆଗାମୀ ଦିନରେ ପୁଲିସ ଓ ପ୍ରଶାସନ ଉଚିତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ସମୂହ କରୋନା ଟିକାକରଣର ପ୍ରଥମ ଦିନ : ଜିଲ୍ଲାର ୨୪ କେନ୍ଦ୍ରରେ ଟିକା ନେଲେ ୫,୬୦୦ ଜଣ



ବାଲେଶ୍ୱର,୧୭/୦୫ (ନି.ପ୍ର): ୫ ଦିନର ଅବଧି ପରେ ସୋମବାରଠାରୁ ବାଲେଶ୍ୱର ଜିଲାର ୨୪ ନୂତନ କେନ୍ଦ୍ରରେ ଆରମ୍ଭ ହୋଇଛି ସମୂହ ଟିକାକରଣ କାର୍ଯ୍ୟକ୍ରମ । ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଡାକ୍ତରଖାନାରେ ୮୫ଟି ଟିକାକେନ୍ଦ୍ର ସ୍ଥାପନ କରାଯାଇ ଲୋକଙ୍କୁ କରୋନା ଟିକା ଦିଆଯାଉଥିଲା । ମାତ୍ର ଏଥିରେ ବିଭିନ୍ନ ପ୍ରକାରର ସମସ୍ୟା ଲକ୍ଷ୍ୟ କରାଯାଇଥିଲା । ବିଶେଷ କରି ଅଧିକ ଲୋକଙ୍କ ସମାବେଶ ଯୋଗୁଁ ସାମାଜିକ ଦୂରତା ନ ରହିବା, ଚିକିତ୍ସା ପାଇଁ ଡାକ୍ତରଖାନା ଆସୁଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିବା ଏମିତିକି ନାନା ସମସ୍ୟା ସୃଷ୍ଟି ହୋଇଥିଲା । ଏହା ଦ୍ୱାରା କରୋନା ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ଦେଖାଯାଇଥିଲା । ଶେଷରେ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଲୋଚନା ପରେ ଭିଡ଼ ହ୍ରାସ ପାଇଁ ଡାକ୍ତରଖାନା ବାହାରେ ଟିକାକରଣ କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସେହିକ୍ରମରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମେତ ବାଲେଶ୍ୱର ସହରର ସ୍ଥାପନ ହୋଇଥିବା ୫ଟି କେନ୍ଦ୍ରରେ ପ୍ରଥମ ଦିନରେ ନୂଆକରି କରୋନା ଯୋଦ୍ଧା ଭାବେ ଘୋଷିତ ହୋଇଥିବା ୧୮ ବର୍ଷରୁ ୬୦ ବର୍ଷ ମଧ୍ୟରେ ସମସ୍ତ ବ୍ୟାଙ୍କ ଓ ବୀମା କର୍ମଚାରୀ, ବିଦ୍ୟୁତ କର୍ମଚାରୀ, ପାନୀୟ ଜଳ ଯୋଗାଣ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ରେଳ କର୍ମଚାରୀ ପ୍ରଭୃତିଙ୍କୁ ପ୍ରଥମ ପାନ ଟିକା ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ୪୫ ବର୍ଷରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କୁ କେବଳ ପ୍ରଥମ ପାନ ଟିକା ଦିଆଯାଇଛି । ସହରର ଏହି ୫ଟି କେନ୍ଦ୍ରରେ ୧୫ଶହ ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ଜିଲାର ଅନ୍ୟ ୧୯ଟି କେନ୍ଦ୍ରରେ ୪୧୦୦ ଜଣ ଟିକା ନେଇଥିବା ଜଣାପଡ଼ିଛି । ପ୍ରଥମ ଦିନର ଏହି ସମୂହ ଟିକାକରଣ ପ୍ରକ୍ରିୟାରେ ଜିଲାରେ ମୋଟ ୫,୬୦୦ଜଣ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଛି । ଦ୍ୱିତୀୟ ଦିନରେ ବି ସମ ପରିମାଣ ଟିକାକରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରଥମ ଦିନରେ ସୁରୁଖୁରୁରେ ଟିକାକରଣ ହୋଇଥିବା ଗାନ୍ଧୀସ୍ମୃତି ଭବନ କେନ୍ଦ୍ରର ନୋଡାଲ ଅଫିସର ଦାୟିତ୍ୱରେ ଥିବା ସଦର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ସୂଚନା ଦେଇଥିଲେ । ସଦର ବିଧାୟକ ସ୍ୱରୂପ ଦାସ ସହରର ବିଭିନ୍ନ ଟିକାକରଣ କେନ୍ଦ୍ର ପରିଦର୍ଶନ କରିବା ସହିତ କରୋନା ମୁକାବିଲାରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତିକୁ ଭୂୟସୀ ପ୍ରଶଂସା କରିଥିଲେ । ତେବେ ଟିକା ନେଲା ପରେ ବି ସତର୍କତା ଅବଲମ୍ବନ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ସମୂହ ଟିକାକରଣ ବ୍ୟବସ୍ଥାରେ ଗୋଟିଏ କେନ୍ଦ୍ରରେ ଏକକାଳୀନ ୩ ଜଣଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯିବା ଫଳରେ ଲୋକଙ୍କୁ ଆଉ ଭିଡ଼ରେ ଦୀର୍ଘ ସମୟ ଛିଡ଼ା ହେବାକୁ ପଡୁନଥିଲା । ତେବେ ଦୁଇଦିନ ପରେ ଟିକାର ମହଜୁଦ ସ୍ଥିତିକୁ ନେଇ ଉଚିତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୭/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧରେ ରାଜ୍ୟରେ କରୋନାରେ ୨୨ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୩୩୫ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ବୌଦ୍ଧ, ଖୋର୍ଦ୍ଧା, କୋରାପୁଟ, ନୂଆପଡ଼ା, ରାୟଗଡା, ସୁନ୍ଦରଗଡରୁ ୩ ଜଣ ଲେଖାଏ ସକ୍ରମିତ ମୃତ୍ୟବରଣ କରିଛନ୍ତି । ।ସେହିପରି ଅନୁଗୁଳରୁ ୨, ଜଣ ମୃତ୍ୟୁବରଣ କରିଥିବା ବେଳେ ଗଜପତି ଓ ପୁରୀରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

## ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୧୭/୦୫(ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ - ବିଶିଷ୍ଟ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସଙ୍ଗୀତ ଜଗତ ପାଇଁ ଶ୍ରୀ ମହାନ୍ତିଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo